

‘ରାମାୟଣ’ରେ ମରାଠୀ ଅଭିନେତା
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-34 ◆MONDAY ◆28 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୪ ◆ସୋମବାର ◆୨୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ହରିଦ୍ୱାରର ମନସା ଦେବୀ ମନ୍ଦିରରେ ଦଳାଚକଟା

# ୬ ଶ୍ରଦ୍ଧାଳୁ ମୃତ, ୨୯ ଆହତ





**‘କରେଣ୍ଟ’ ଗୁଜବରୁ ଦୁର୍ଘଟଣା**

■ **ହରିଦ୍ୱାର, ୨୭।୭ (ଏଜେନ୍ସି):** ଶ୍ରାବଣର ତୃତୀୟ ସୋମବାର ପାଇଁ ଉତ୍ତରାଖଣ୍ଡର ପବିତ୍ର ସହର ହରିଦ୍ୱାରରେ ପ୍ରବଳ ଗହଳି ଲାଗିଛି। ଏହା ପୂର୍ବରୁ ଏଠାକାର ମନସା ଦେବୀ ମନ୍ଦିରରେ ରବିବାର ସକାଳ ୯ଟା୧୫ରେ ବଡ଼ ଅଘଟଣ ଘଟିଛି। ପାହାଡ଼ ଉପରେ ଥିବା ମାଆଙ୍କ ମନ୍ଦିରକୁ ଶ୍ରଦ୍ଧାଳୁ ପାହାଚ ଚଢ଼ି ଯାଉଥିବାବେଳେ ଦଳାଚକଟା ହୋଇଛି। ଏହି ଦୁର୍ଘଟଣାରେ ୬ ଜଣଙ୍କ ଅକାଳ ମୃତ୍ୟୁ ହୋଇଛି। ୨୯ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିକଟସ୍ଥ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଆରୁଷ (୧୨), ବିବେକ (୧୮), ୱକିଲ ଏବଂ ଶାନ୍ତି, ଉତ୍ତରାଖଣ୍ଡର ବିପିନ ସାଇନି (୧୮), ବିହାର ସକଲ ଦେବ (୧୮) ସାମିଲ ଅଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ମେଡିକାଲରେ ଆହତଙ୍କୁ ଭେଟିଛନ୍ତି।

ମନସା ଦେବୀଙ୍କ ମନ୍ଦିର ଶିବଲିକ ପର୍ବତ ଶ୍ରେଣୀର ବିଲ୍ୱ ପାହାଡ଼ ଉପରେ ରହିଛି। ଏହା ‘ହର କି ପୌଡି’ରୁ ୩ କିମି ଦୂରରେ ରହିଛି। ଦେଢ଼ କିମି ଚଢ଼ି କିମ୍ବା ରୋପୱେ ମାଧ୍ୟମରେ ଏହି ସ୍ଥାନକୁ ଯାଇହେବ। ଏହି ମନ୍ଦିରକୁ ଯିବା ପାଇଁ ୮୦୦ ପାହାଚ ଚଢ଼ିବାକୁ ପଡ଼ିବ। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ମନ୍ଦିରରେ ପହଞ୍ଚିବାକୁ ଆଉ ୨୫ ପାହାଚ ବାକିଥିବାବେଳେ ଦଳାଚକଟା ହୋଇଥିଲା। ଆଜି ପ୍ରବଳ ଭିଡ଼ ଥିଲା। କିଛି ଲୋକ ସେଠାରେ ଥିବା ତାରକୁ ଧରି ଆଗକୁ ବଢୁଥିଲେ। ଏହି ସମୟରେ ତାର ଛିଡ଼ିଯାଇ କରେଣ୍ଟ ଲାଗି ଯାଇଥିଲା। ଏହାକୁ ନେଇ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। କିଛି ଲୋକ ପାହାଚ ଉପରେ ପଡ଼ି ଯାଇଥିଲେ। ପରେ ଅନ୍ୟମାନେ ତାଙ୍କୁ ଜୀବନ ବିକଳରେ ଦଳି ଚାଲି ଯାଇଥିଲେ। ତେଣୁ ଏହି ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ କରେଣ୍ଟ ଲାଗିବା ଖବରକୁ ହରିଦ୍ୱାର ପୁଲିସ ଗୁଜବ କହିଛି। ଗଢ଼ୱାଲ ଡିଭିଜନର କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ ପ୍ରବଳ ଭିଡ଼ ଯୋଗୁଁ ଦଳଚକଟା ହୋଇଛି। ସେହିପରି ଆଖଡ଼ା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର ପୁରି ମନସା ଦେବୀ ମନ୍ଦିରର ମହନ୍ତ ଅଛନ୍ତି। ସେ କହିଛନ୍ତି ଯେ ମନ୍ଦିରକୁ ଯିବାଆସିବା ପାଇଁ ୩ଟି ରାସ୍ତା ରହିଛି। ବର୍ଷା ଯୋଗୁଁ ରାସ୍ତାରେ ସିଉଳି ଲାଗି ଯାଇଥିଲା। ଶ୍ରଦ୍ଧାଳୁ ପଡ଼ି ଯାଉଥିବା ନେଇ ଗୁଜବ ସୃଷ୍ଟି ହେବାରୁ ଦଳାଚକଟା ହୋଇଥିଲା।

---

**ବନ୍ୟା ଭୟରେ ୬ ଜିଲ୍ଲା**

# ଉତ୍ତର ଓଡ଼ିଶା ଉବୁଟୁବୁ

**୧୧ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ**



- ପ୍ରଭାବିତ ଜିଲ୍ଲାରେ ନିୟୋଜିତ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍
- ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ
- ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଛି ଉଦ୍ଧାର କାର୍ଯ୍ୟ

■ **ଭୁବନେଶ୍ୱର, ୨୭।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହିସହିତ ଓଡ଼ିଶାରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ମଧ୍ୟ ଭଲ ବର୍ଷା ହୋଇଛି। ଫଳରେ ବର୍ତ୍ତମାନ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଅପରାହ୍ଣ ସୁଦ୍ଧା ଏହି ଜିଲ୍ଲାଗୁଡ଼ିକରେ ୧୧ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆସନ୍ତା କାଲି ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ବର୍ତ୍ତମାନ ମୁଖ୍ୟତଃ ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବାରୁ ଏହି ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧିକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ▶ପୃଷ୍ଠା-୭

## ବୈତରଣୀରେ ଭାସିଯାଇ ଯୁବକ ମୃତ

■ **ଦଶରଥପୁର, ୨୭।୭ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ ନଦୀ ବନ୍ୟା ପାଣିରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ମକରଧ୍ୱଜ ଜେନାଙ୍କ ପୁଅ ସନ୍ତୋଷ ଜେନା (୩୦) ବୋଲି ସୂଚନା ମିଳିଛି। ସନ୍ତୋଷ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ନଦୀ ନିକଟକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀ ପାଣିରେ ଭାସିଯାଇଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବାବୁ ରାମ ମୁର୍ମୁଙ୍କ ▶ପୃଷ୍ଠା-୭

---

# ‘ଆୟୁଷ୍ମାନ’ ବାକି କୋଟିକୋଟି

**ସରକାର ଦେଇନାହାନ୍ତି ୬୪ ଲକ୍ଷ ରୋଗୀଙ୍କ ୧.୨୧ ଲକ୍ଷ କୋଟି**




- ଗୁଜରାଟରେ ୪ ବର୍ଷ ହେଲା ବାକି ପଡ଼ିଛି ୩୦୦ କୋଟି
- କେରଳରେ ୪୦୦ କୋଟିରୁ ଉର୍ଦ୍ଧ୍ୱ ଦେୟ ବକେୟା
- ଡାକ୍ତରଖାନାର ସମସ୍ୟା ବଢ଼ାଉଛି ଜଟିଳ ଦାବି ପ୍ରକ୍ରିୟା
- ଏନ୍‌ଏଚ୍‌ଏ କର୍ତ୍ତୃପକ୍ଷଙ୍କୁ ଶ୍ୱେତପତ୍ର ଦେଲା ଆଇଏମ୍‌ଏ

■ **ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି):** ଦେଶର ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ସହଜ କରିବା ନିମନ୍ତେ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁସାରେ ସାରା ଦେଶରେ ୪୧କୋଟି ଆୟୁଷ୍ମାନ କାର୍ଡ ଓ କେବଳ ଉତ୍ତରପ୍ରଦେଶରେ ସର୍ବାଧିକ ୫.୩୩ କୋଟି କାର୍ଡ ବଣ୍ଟନ କରାଯାଇଛି। ଉତ୍ତରପ୍ରଦେଶ ପରେ ମଧ୍ୟପ୍ରଦେଶ, ବିହାର ଓ ଓଡ଼ିଶାରେ ସର୍ବାଧିକ କାର୍ଡ ବଣ୍ଟନ ହୋଇଛି। ଦେଶର ୧୪ ହଜାର ଘରୋଇ ଡାକ୍ତରଖାନା ସହ ମୋଟ ୩୧୪୬୬ ଡାକ୍ତରଖାନାରେ ଏହି କାର୍ଡରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ମାତ୍ର କୌତୂହଳର ବିଷୟ ହେଉଛି ଏହି କାର୍ଡରେ ଚିକିତ୍ସା କରିଥିବା ଡାକ୍ତରଖାନାଗୁଡ଼ିକ ଏ ବାବଦରେ ୧.୨୧ ଲକ୍ଷ କୋଟି ଟଙ୍କା ବକେୟା ରାଶି ପାଇ ନାହାନ୍ତି। ଏପରି ଏକ ସାଂଘାତିକ ଅଭିଯୋଗ ଆଣିଛି ଭାରତୀୟ ଡାକ୍ତରୀ ସଂଘ (ଆଇଏମ୍‌ଏ)। ଏ ସଂକ୍ରାନ୍ତରେ ଆଇଏମଏ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏ)ଙ୍କୁ ଏକ ଶ୍ୱେତପତ୍ର ପଠାଇ ବକେୟା ରାଶି ପଇଠ କରିବାର ଔଚିତ୍ୟ ଉପରେ ଗୁରୁତ୍ୱାରୋପ କରିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ବକେୟା ରାଶି ନ ପାଇଲେ ରୋଗୀମାନଙ୍କୁ ଚିକିତ୍ସା କରିବା ସମ୍ଭବପର ହେବ ନାହିଁ ବୋଲି ପରୋକ୍ଷରେ ମଧ୍ୟ ଚେତାଇ ଦେଇଛି।

ଏହି ଶ୍ୱେତପତ୍ରରେ ଆଇଏମ୍‌ଏ ଆୟୁଷ୍ମାନ କାର୍ଡରେ ଚିକିତ୍ସା ଲାଗି ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଛି। ଚିକିତ୍ସା ଦେୟ ପଇଠରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବିଳମ୍ବିତ ପ୍ରକ୍ରିୟା, ଦାବି ସମାଧାନର ମନ୍ଥର ଗତି ଡାକ୍ତରଖାନାଗୁଡ଼ିକର ଆର୍ଥିକ ସ୍ଥିତି ପ୍ରତି ବିପଦ ସୃଷ୍ଟି କରୁଛି ବୋଲ ଆଇଏମ୍‌ଏ କହିଛି। କେବଳ ଗୁଜରାଟରେ ୨୦୨୧ରୁ ୨୦୨୩ ମଧ୍ୟରେ କରାଯାଇଥିବା ଦାବି ବାବଦକୁ ୩୦୦ କୋଟି ଟଙ୍କା ବକେୟା ରହିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ସରକାରଙ୍କ ନିକଟରେ କରିଥିବା ଦାବିର ମାତ୍ର ୫% ଅର୍ଥ ▶ପୃଷ୍ଠା-୭

---

## ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି

■ **ବଲାଙ୍ଗିର, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଶିଶୁ ବିକ୍ରି ଅଭିଯୋଗ। ଦାରିଦ୍ର୍ୟତା ଯୋଗୁଁ ମାତ୍ର ୨୦ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଅନ୍ୟପଟେ ବ୍ୟକ୍ତିଗତ ଭାବେ ଶିଶୁକୁ ଦେଇଥିବା ପରିବାର ଲୋକ କହିଛନ୍ତି। ତେବେ ସତ୍ୟ ଯାହା ହେଉନା କାହିଁକି ପୁଣି ଏହି ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ‘ଦାରିଦ୍ର୍ୟତା ପାଇଁ ଶିଶୁକୁ ବିକିବାକୁ ଆମେ ବାଧ୍ୟ ହେଲୁ। ଆମେ ସ୍ୱାମୀ ସ୍ତ୍ରୀ ଦିନ ମଜୁରିଆ ଭାବରେ କାମ କରୁ। ଭଲ ଘର ଟିଏ ନାହିଁ। ନା କିଛି ସୁବିଧା ଅଛି। ଯାହା ମଜୁରି ମିଳେ ସେଥିରେ ଚଳୁ। ସେଥିପାଇଁ ଜନ୍ମ କଲା ଶିଶୁକୁ ବିକ୍ରି କରିଦେଲୁ’। ଏଭଳି ଭାବରେ ସବୁ କଥାକୁ ଗଣମାଧ୍ୟମ ଆଗରେ ବିକ୍ରି ହୋଇଥିବା ଶିଶୁର ବାପା କହିଥିଲେ। ଶିଶୁକନ୍ୟାକୁ ବିକ୍ରିକରିବା ଖବର ସାମ୍ନାକୁ ଆସିବା ପରେ ସବୁ ସତ ମାନିଛନ୍ତି ବାପା ମାଆ। ବଲାଙ୍ଗିର ଟିଟିଲାଗଡ଼ ବ୍ଲକ୍ ଭାଲେଗାଁ ପଞ୍ଚାୟତ ବାଗଡେର ଗାଁ ନୀଳ ରଣା ▶ପୃଷ୍ଠା-୭

## ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ

**ମାଲକାନଗିରିରେ ପୁଣି ଲଜ୍ଜା**

■ **କୋରୁକୋଣ୍ଡା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଲିଫ୍ଟ ଦେବା ବାହାନାରେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ଗତ ୨୦ ତାରିଖ ଦିନ ନିଜ ଘରକୁ ଆସି ପୁଣି ମାମୁଁ ଘରକୁ ଯାଉଥିବା ବେଳେ ଜଣେ ବାଇକଚାଳକ ତାଙ୍କୁ ଘରେ ଛାଡ଼ି ଦେବାକୁ କହି ଲିପ୍ଟ ଦେଇଥିଲେ। ସେ ବାଇକ୍‌ରେ ବସିବା ପରେ ବାଇକ୍ ଚାଳକ ତାଙ୍କୁ ମାମୁଁ ଘର ଗ୍ରାମକୁ ନ ନେଇ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇବାକୁ କହି ନେଇ ଯାଇଥିଲେ। ସନ୍ଧ୍ୟା ହେବାରୁ ଅନ୍ଧାରର ସୁଯୋଗ ନେଇ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକଚାଳକ ରାତିରେ ନାବାଳିକାକୁ ନେଇ ତାଙ୍କ ମାମୁଁ ଘର ଗାଁ ମୁଣ୍ଡରେ ଛାଡି ଚାଲି ଯାଇଥିଲା। ସକାଳେ ନାବାଳିକା ଜଣଙ୍କ ତାଙ୍କୁ ବାଇକଚାଳକ ଦୁଷ୍କର୍ମ କରିଥିବା ସମ୍ପର୍କରେ କହିବା ପରେ ମାମୁଁ ଘର ଗାଁ ଲୋକ ଏକ ବୈଠକ ଡାକିଥିଲେ। ଉକ୍ତ ବୈଠକକୁ ବାଇକ୍‌ଚାଳକ ଜଣଙ୍କ ନ ଆସି ଫେରାର୍ ହୋଇ ଯାଇଥଲା। ପୀଡ଼ିତାର ମାମୁଁ ବାଧହୋଇ ଶନିବାର ଓରକେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା କ୍ରମେ ପୁଲିସ ଅଭିଯୁକ୍ତ ଦୟା ମାଡ଼ି(୪୫)କୁ ଗିରଫ କରିଥିବା ଅତିରିକ୍ତ ଏସ୍‌ପି ରଶ୍ମିରଞ୍ଜନ ସେନାପତି କହିଛନ୍ତି। ପୁଲିସ ପୀଡିତାକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇଛି।

**ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର, କୀର୍ତ୍ତନ ମାଧ୍ୟମରେ ବନାଗ୍ନି ସଚେତନତା**

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଓଡ଼ିଶାର ମହିଳାଙ୍କୁ ପ୍ରଶଂସା



■ **ଭୁବନେଶ୍ୱର, ୨୭।୭ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୨୪ତମ ଅଧ୍ୟାୟରେ ଦେଶର ଉଲ୍ଲେଖନୀୟ ଉପଲବ୍ଧ ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଶଂସା କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳୀ ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି। ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି; ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ▶ପୃଷ୍ଠା-୭

---

**ସରଣ୍ଡା ଜଙ୍ଗଲରେ ଲୁଚାଇ ରଖିଥିଲେ ମାଓବାଦୀ**

## ମାଟି ତଳୁ ୩୫ ଲକ୍ଷ ଟଙ୍କା ଜବତ



ସର୍ଚ୍ଚ ଅପରେସନ ବେଳେ ଉଦ୍ଧାର କଲେ ଯବାନ

■ **ରାଉରକେଲା, ୨୭।୭ (ସମିସ):** ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ପୂର୍ବରୁ ସୁରକ୍ଷା ବାହିନୀଙ୍କୁ ମିଳିଲା ବଡ ସଫଳତା। ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଛି। ବିସ୍ଫୋରକ ସାମଗ୍ରୀ ସହ ମାରଣାସ୍ତ୍ର କିଣିବା ପାଇଁ ଏହି ଟଙ୍କାକୁ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ ବୋଲି ସନ୍ଦେହ କରିଛି ସୁରକ୍ଷା ବାହିନୀ। ସୂଚନାଯୋଗ୍ୟ, ସୋମବାର ଅର୍ଥାତ୍ ଜୁଲାଇ ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ପକ୍ଷରୁ ମାଓ ସହିଦ ସପ୍ତାହ ଦିବସ ପାଳନ କରାଯିବ। ଏହି ସହିଦ ସପ୍ତାହ ପାଳନ ଅବସରରେ ମାଓବାଦୀମାନେ ପ୍ରତିବର୍ଷ କୌଣସି ବଡଧରଣର ଅଘଟଣ ତଥା ମାଓ ହିଂସା ଘଟାଇ ଥାନ୍ତି ଅଥବା ଯୋଜନା କରିଥାନ୍ତି। ତେବେ ମାଓବାଦୀଙ୍କ ଦ୍ୱାରା ଏହି ସହିଦ ସପ୍ତାହ ପାଳନର ଅବ୍ୟବହିତ ପୂର୍ବରୁ ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ▶ପୃଷ୍ଠା-୭

# ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ; ଓଡ଼ିଶାକୁ ଦୁର୍ଗନ୍ଧ !



- ବିଜୟୱାଡା, ଭାଇଜାଗରେ ମେଟ୍ରୋ ଲାଗି ଆନ୍ଧ୍ରର ପ୍ରସ୍ତୁତି
- ବିନା କାରଣରେ ଓଡ଼ିଶା ସରକାର ବାତିଲ କଲେ ପ୍ରକଳ୍ପ
- ଆଗ କଳ୍ପନା-ନନ୍ଦନକାନନ ଫ୍ଲାଇଓଭର, ପରେ ମେଟ୍ରୋ: ମନ୍ତ୍ରୀ

■ **ଭୁବନେଶ୍ୱର, ୨୭।୭ (ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଦେଶକୁ ବାତିଲ୍ କରିବା ପରେ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ମେଟ୍ରୋ ପ୍ରକଳ୍ପକୁ ବାତିଲ ପ୍ରସଙ୍ଗରେ ରାଜନୈତିକ ଦଳଠାରୁ ଆରମ୍ଭ କରି ସାଧାରଣ ନାଗରିକ ବି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ଡବଲ ଇଞ୍ଜିନ୍ ସରକାରର ସହଯୋଗୀ ଆନ୍ଧ୍ର ଇଞ୍ଜିନ୍ ଭାଇଜାଗ୍ ଓ ବିଜୟୱାଡାରେ ମେଟ୍ରୋ ପ୍ରକଳ୍ପ ପାଇଁ ଅଣ୍ଟା ଭିଡୁଥିବା ଖବର ଆସିବା ପରେ ଓଡ଼ିଶାରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଗୋଟିଏ ସମୟରେ ସରକାର ଗଠନ ହୋଇଛି। ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ଓ ଆନ୍ଧ୍ରରେ ବିଜେପି ସହଯୋଗରେ ଟିଡିପି ଶାସନ କରୁଛି। ମାତ୍ର ଆନ୍ଧ୍ର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼, ଉନ୍ନତ ଏବଂ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ବେଳେ ଓଡ଼ିଶାର ସରକାରଙ୍କ ଆଭିମୁଖ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ବିଜେଡି ସରକାର ମେଟ୍ରୋ ପାଇଁ ଡିପିଆର ପ୍ରସ୍ତୁତ ଠାରୁ ଆରମ୍ଭ କରି ଏଥିପାଇଁ ବଜେଟରେ ଅର୍ଥ ମଧ୍ୟ ବ୍ୟୟବରାଦ କରିଥିଲେ। ପ୍ରଥମ ବର୍ଷ ପାଇଁ ୧ ହଜାର କୋଟି ଟଙ୍କା ବଜେଟରେ ବରାଦ ହୋଇଥିଲା। ଏପରିକି ୨୦୨୭ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ତ୍ରିଶୁଳିଆରୁ କଟକ ବସ୍‌ଷ୍ଟାଣ୍ଡ ଓ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ପୂର୍ବ ସରକାରଙ୍କ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପରିବର୍ତ୍ତେ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି।

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏପରିକି ମେଟ୍ରୋ ପ୍ରକଳ୍ପ ମାଟି ତଳେ ଯିବ ନା ଉପରେ ଯିବ ସେ ନେଇ ସ୍ପଷ୍ଟ ହୋଇ ପାରି ନ ଥିଲା। ଜଣେ ମନ୍ତ୍ରୀ ଏହା ମାଟି ଉପରେ ▶ପୃଷ୍ଠା-୭






# ଶିବଭକ୍ତ ପାଲଟିଲେ ଜାପାନୀ କୋଟିପତି

**ନୂଆଦିଲ୍ଲୀ,୨୭ ।୭ (ଏଜେନ୍ସି):** ଆଧୁନିକ ଯୁଗରେ ଧନ, ପ୍ରତିଷ୍ଠା ଓ ପ୍ରତିପତ୍ତି ସବୁକିଛି ପାଲଟି ଥିବାବେଳେ ଜାପାନର ଜଣେ ଯୁବ ବ୍ୟବସାୟୀ କୋଟି କୋଟି ଟଙ୍କା ସମ୍ପତ୍ତିର ମୋହ ଛାଡି ଶିବଭକ୍ତ ପାଲଟିଛନ୍ତି। ସବୁ କିଛି ତ୍ୟାଗ କରି ଜାପାନରୁ ସେ ଭାରତ ଆସି ଧର୍ମ ଓ ସେବାର ରାସ୍ତାକୁ ବାଛିବା ସହ ଆଜିର ସ୍ୱାର୍ଥସର୍ବସ୍ୱ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ହୋଶି ଟାକାୟୁକି। ସେ ଏବେ 'ବାଲା କୁମ୍ଭ ଗୁରୁମଣି' ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ଟୋକିଓରେ ୧୫ଟି ସଫଳ ବ୍ୟୁଟି ପ୍ରଡକ୍ଟ ଷ୍ଟୋରର ସେ ମାଲିକ। ୨୦ଜଣ ଜାପାନୀ ଅନୁଗାମୀଙ୍କ ସହ ସେ ଗେରୁଆ ବସ୍ତ୍ର ଧାରଣ କରି ଉତ୍ତରାଖଣ୍ଡରେ ନିଜ ଆତ୍ମାର ଅନ୍ୱେଷଣ ଯାତ୍ରାରେ ନିମଗ୍ନ ରହିଛନ୍ତି। ଏବେ ଶ୍ରାବଣ ମାସରେ ଚାଲିଥିବା କାଉଡି ଯାତ୍ରା ପାଇଁ ସେ ନିଜକୁ ଉତ୍ସର୍ଗ କରିଛନ୍ତି। ଡେରାଡୁନ୍‌ରେ ସେ କାଉଡିଆଙ୍କ ପାଇଁ ଦୁଇଦିନ ଭୋଜନ ଶିବିରର ଆୟୋଜନ କରିଛନ୍ତି। ପୂର୍ବଜନ୍ମରେ ସେ ଉତ୍ତରାଖଣ୍ଡରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଜଣେ ଜ୍ୟୋତିଷ ତାଙ୍କୁ କହିଥିଲେ। ଏହାପରେ ସେ ସ୍ୱପ୍ନରେ ଉତ୍ତରାଖଣ୍ଡର ଏକ ଗାଁରେ ନିଜକୁ ଦେଖିଥିଲେ। ସେବେଠାରୁ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା। ଦେବଭୂମି ଉତ୍ତରାଖଣ୍ଡ ପ୍ରତି ପ୍ରବଳ ଭଲ ପାଇବା ତାଙ୍କୁ ଭାରତକୁ ଟାଣି ଆଣିଛି। ଏବେ ବି ସେ ଉତ୍ତରାଖଣ୍ଡରେ ନିଜ ଗାଁକୁ ଖୋଜିବାରେ ଲାଗିଛନ୍ତି ବୋଲି କହିଛନ୍ତି। ଶିବଭକ୍ତିରେ ନିଜକୁ ଉତ୍ସର୍ଗ କରିଥିବା ଟାକାୟୁକି ଟୋକିଓସ୍ଥିତ ନିଜ ଘରକୁ ମଧ୍ୟ ଏକ ଶିବ ମନ୍ଦିରରେ ପରିଣତ କରିଛନ୍ତି। ସେ ଜାପାନ୍‌ରେ ଆଉ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ସେହିପରି ସେ ପୁଡୁଚେରୀରେ ୩୫ ଏକର ଜମିରେ ଏକ ବିଶାଳ ଶିବ ମନ୍ଦିର ନିର୍ମାଣ କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଉତ୍ତରାଖଣ୍ଡରେ ମଧ୍ୟ ଏକ ଆଶ୍ରମ ଖୋଲିବେ ବୋଲି କହିଛନ୍ତି।



# ମଦ୍ୟପ ସ୍ୱାମୀ ପାଇଁ ୩ ଝିଅଙ୍କୁ ହତ୍ୟା

**ଥାନେ, ୨୭।୭ (ଏଜେନ୍ସି):** ମହାରାଷ୍ଟ୍ର ଥାନେରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ମଦ୍ୟପ ସ୍ୱାମୀର ଜୁଲମରେ ଅତିଷ୍ଠ ହୋଇ ପତ୍ନୀ ଚରମ ପଦକ୍ଷେପ ନେଇଛି। ନିଜର ତିନି ନାବାଳିକା ଝିଅଙ୍କୁ ବିଷ ଦେଇ ହତ୍ୟା କରିଛି। ପୁଲିସ ସୂଚନା ଅନୁଯାୟୀ ଅସନୋଲି ଗ୍ରାମର ତାଲେପଡ଼ାର ବାସିନ୍ଦା ସନ୍ଧ୍ୟା ସନ୍ଦୀପ ବେରେ (୨୭) ଗତ ୨୦ ତାରିଖ ରାତିରେ ନିଜର ୫, ୮ ଏବଂ ୧୦ ବର୍ଷର ଝିଅକୁ ଭାତ ଏବଂ ମାଛ ତରକାରୀରେ କୀଟନାଶକ ମିଶାଇ ଖାଇବାକୁ ଦେଇଥିଲେ। ଏହା ପରେ ତିନି ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା। ବାନ୍ତି ଏବଂ ମୁଣ୍ଡ ବୁଲାଇବାରୁ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବା ପରେ ଗତ ୨୪ ଏବଂ ୨୫ରେ ତିନି ଝିଅଙ୍କ ମୃତ୍ୟୁ ହୋଇଥିଲା। ଖିନାଭିଲ ପୁଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ମାଆଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ସ୍ୱାମୀ ମଦୁଆ ହୋଇଥିବାରୁ ସ୍ତ୍ରୀ ଚିନ୍ତିତ ଥିଲେ। ଏଥିପାଇଁ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହୁଥିଲେ। ତେବେ ତିନି ଝିଅଙ୍କ ଯତ୍ନ ନେବା ପାଇଁ ସେ ସଂଘର୍ଷ କରୁଥିଲେ। ଏଥିଯୋଗୁଁ ସେ ଝିଅମାନଙ୍କୁ ମାରି ଥିଲେ।




## ୬ ବର୍ଷ ପରେ 'ମାତୋଶ୍ରୀ'ରେ ରାଜ୍



**ମୁମ୍ବଇ,୨୭ ।୭ (ଏଜେନ୍ସି):** ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସୁପ୍ରିମୋ ରାଜ ଠାକ୍‌ରେ ଦୀର୍ଘ ୬ ବର୍ଷ ପରେ ବଡ଼ ଭାଇ ତଥା ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଘର ମାତୋଶ୍ରୀରେ ପହଞ୍ଚିଛନ୍ତି। ରାଜ୍ ଏହି ଅବସରରେ ଉଦ୍ଧବଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ପୂର୍ବରୁ ୬ ବର୍ଷ ତଳେ ୨୦୧୯ରେ ରାଜ ଶେଷଥର ପାଇଁ ମାତୋଶ୍ରୀ ଯାଇଥିଲେ। ପୁଅ ଅମିତର ବାହାଘର ପାଇଁ ଉଦ୍ଧବ ଓ ତାଙ୍କ ପରିବାରକୁ ରାଜ ନିମନ୍ତ୍ରଣ କରିଥିଲେ। ତେବେ ଔପଚାରିକ ଭାବେ ରାଜ ୨୦୧୨ରେ ମାତୋଶ୍ରୀ ଯାଇଥିଲେ ଓ ସେତେବେଳେ ବାଲାସାହେବ ଠାକ୍‌ରେ ରୋଗଶଯ୍ୟାରେ ଥିଲେ। ୨୦ ବର୍ଷ ପରେ ଗତ ୫ ତାରିଖରେ ଦୁଇ ଭାଇ ରାଜାନୀତି ପାଇଁ ମୁମ୍ବଇର ୱର୍ଲି ଡୋମ୍‌ର ଏକ ରାଲିରେ ଏକାଠି ହୋଇଥିଲେ। ଏବେ ଦୁହେଁ ସାଥି ହୋଇ ରାଜନୀତିରେ ଅବତୀର୍ଣ୍ଣ ହେବେ ବୋଲି ଆଶା କରାଯାଉଛି।

## ସାଂସଦଙ୍କୁ ହ୍ୱିପ୍ ଜାରି କଲା କଂଗ୍ରେସ

**ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି):** ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ତା'ର ଲୋକସଭା ସାଂସଦଙ୍କୁ ୩ ଧାଡିର ହ୍ୱିପ୍ ଜାରି କରିଛି। ସବୁ ସଦସ୍ୟଙ୍କୁ ଲୋକସଭାରେ ଉପସ୍ଥିତ ରହିବାକୁ ଦଳ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଗୃହରେ 'ଅପରେସନ ସିନ୍ଦୂର' ନେଇ ଆଲୋଚନା ପାଇଁ କଂଗ୍ରେସର ନୀତିକୁ ସମର୍ଥନ ଓ ଦଳର ସ୍ଥିତିକୁ ମଜଭୁତ କରିବାକୁ ସବୁ ସଦସ୍ୟଙ୍କୁ ଦିନ ୧୧ଟାରୁ ଉପସ୍ଥିତ ରହିବାକୁ କୁହାଯାଇଛି। ଲୋକସଭାରେ କଂଗ୍ରେସର ୯୯ ଜଣ ସାଂସଦ ରହିଛନ୍ତି।

## ରେଭ୍ ପାର୍ଟିରୁ ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ଗିରଫ

**ପୁଣେ,୨୭ ।୭ (ଏଜେନ୍ସି):** ପୁଣେ ପୁଲିସ ଶନିବାର ଏକ ଆପାର୍ଟମେଣ୍ଟରେ ଚାଲିଥିବା ରେଭ ପାର୍ଟିରେ ଚଢ଼ଉ କରି ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି (ଶରଦ ପାୱାର) ନେତା ଏକନାଥ ଖଡସେଙ୍କ ଜ୍ୱାଇଁ ପ୍ରାଞ୍ଜଲ ଖେବଲକରଙ୍କୁ ଗିରଫ କରିଛି। ଏଠାରୁ ମଦ, ଗଞ୍ଜେଇ ଓ ହୁକ୍କା ଜବତ କରାଯାଇଥିଲା। ପ୍ରାଞ୍ଜଲଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ସାମିଲ ରହିଛନ୍ତି। ଜ୍ୱାଇଁଙ୍କୁ ଗିରଫ ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ଏକନାଥ କହିଛନ୍ତି। ପ୍ରାଞ୍ଜଲ ହେଉଛନ୍ତି ଏକନାଥଙ୍କ ଝିଅ ରୋହିଣୀ ଖଡସେଙ୍କ ସ୍ୱାମୀ। ରୋହିଣୀ ଏନ୍‌ସିପିର ମହିଳା ମୋର୍ଚ୍ଚାର ପ୍ରଦେଶ ଅଧ୍ୟକ୍ଷ ଅଛନ୍ତି।

## ଅଷ୍ଟ୍ରେଲିଆରେ ଭାରତୀୟଙ୍କୁ ଆକ୍ରମଣ

**କାନବେରା,୨୭ ।୭ (ଏଜେନ୍ସି):** ଅଷ୍ଟ୍ରେଲିଆରେ ଭାରତୀୟଙ୍କ ପ୍ରତି ବେର୍ଣ୍ଣବୈଷମ୍ୟ ଭେଦଭାବ ବଢ଼ିବାରେ ଲାଗିଛି। ଶନିବାର ମେଲବୋର୍ଣ୍ଣର ସେଣ୍ଟ୍ରାଲ ସ୍କୋୟାର ସପିଂ ସେଣ୍ଟର ବାହାରେ ୫ ଜଣ ନାବାଳିକ ଭାରତୀୟ ବଂଶୋଦ୍ଭବ ସୌରଭ ଆନନ୍ଦଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ସୌରଭଙ୍କ ହାତର କଟଟିକୁ ହାଣି ଦେଇଛନ୍ତି। ସୌରଭଙ୍କ ମେରୁଦଣ୍ଡ ଓ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି।

## ଜାଲ୍ ଭିସାରେ ବିଦେଶ ଯାଇ ବାହାହେଲେ ସିନୱାରଙ୍କ ପତ୍ନୀ



**ଗାଜା,୨୭ ।୭ (ଏଜେନ୍ସି):** ପୂର୍ବତନ ହମାସ ମୁଖ୍ୟ ୟାହା ସିନୱାରଙ୍କ ବିଧବା ପତ୍ନୀ ସାମାର ମୁହମ୍ମାଦ ଅବୁ ଜମାର ଗାଜାରୁ ଲୁଚି ପଳାଇବା ସହ ନକଲି ପାସ୍‌ପୋର୍ଟ ସହ ତୁର୍କୀ ଯାଇ ପୁଣି ଥରେ ବିବାହ କରିଛନ୍ତି। ସାମାର ୨୦୧୧ରେ ସିନୱାରଙ୍କୁ ବିବାହ କରିଥିଲେ। କିନ୍ତୁ ଗତବର୍ଷ ଅକ୍ଟୋବରରେ ସିନୱାର ମୃତ୍ୟୁବରଣ କରିଥିଲେ। ସାମାର ନିଜ ପିଲାଙ୍କ ତୁର୍କୀ ଚାଲିଯାଇଛନ୍ତି।

### ବିହାରରେ ଚାଲିଛି ଜଙ୍ଗଲ ରାଜ୍

# ୭ ମାସରେ ୧୪୩୬ ହତ୍ୟା

**ପାଟନା, ୨୭।୭ (ଏଜେନ୍ସି):**

ବିହାରକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଭୋଟର ତାଲିକା ଯାଞ୍ଚ (ଏସଆଇଆର) କୁ ନେଇ ବିରୋଧୀ ନିର୍ବାଚନ କମିଶନ ଏବଂ ସରକାରଙ୍କୁ ନିଶାଣ କରୁଥିବାବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ମେଣ୍ଟ ସରକାରର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ରାଜ୍‌କୁ ନେଇ ପୂର୍ବତନ ଆରଜେଡି ସରକାରଙ୍କୁ ଦୋଷ ଦେଉଥିବା ମେଣ୍ଟ ସରକାର ଏବେ ଆଇନଶୃଙ୍ଖଳାକୁ ନେଇ ହରଡ଼ଘଣାରେ ପଡ଼ିଛି। ନିର୍ବାଚନ ପୂର୍ବରୁ ଏହା ସରକାରଙ୍କ ମୁଣ୍ଡବିନ୍ଧା ପାଲଟିଛି। ସ୍ଥିତି ଏପରି ହୋଇଛି ଯେ ଦିନ ଦ୍ୱିପହରେ ହତ୍ୟା କରାଯାଉଛି। ହସ୍ପିଟାଲରେ ପଶି ସୁଟର ନିର୍ଦ୍ୱନ୍ଦ୍ୱରେ ହତ୍ୟା କରି ଫେରାର ହୋଇ ଯାଉଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୩୦ ପର୍ଯ୍ୟନ୍ତ ରାଜ୍ୟରେ ୧୩୭୬ ହତ୍ୟା କରାଗଲାଣି। କେବଳ ଜୁଲାଇ ୧ରୁ ୨୨ ମଧ୍ୟରେ ୬୦ରୁ ଅଧିକ ହତ୍ୟା ହେଲାଣି। ଏଥିରେ ରାଜଧାନୀ ପାଟନାରେ ହୋଇଥିବା ୧୧ ହତ୍ୟା ସାମିଲ ରହିଛି। ଏହା ମଧ୍ୟରୁ ୪ଟି ହତ୍ୟା ସୁପାରୀ ଦେଇ କରାଯାଇଥିଲା। ଏହି ସବୁ ପଛରେ ସୁପାରୀ କାରବାରର କଳ ସାମ୍ରାଜ୍ୟ ରହିଛି। ପତିଆରା ରାଜନୀତି, ପ୍ରେମ ବ୍ୟାପାର ହେଉ କି ଜମି ମାମଲା ସବୁଥିରେ ସୁପାରୀ ଦିଆଯାଉଛି। ଅପରାଧୀ ଜେଲ୍‌ରେ ଥାଉ ଅବା ବାହାରେ ୨ ହଜାର ଟଙ୍କାର ଅଗ୍ରୀମ ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁପାରୀରେ ହତ୍ୟା କରାଯାଉଛି। ଆର୍ଥିକ ସ୍ଥିତିକୁ ଦେଖି ହତ୍ୟାର ମୂଲ୍ୟ ସ୍ଥିର କରାଯାଉଛି।

ବିହାରରେ ସୁପାରୀ ହତ୍ୟା ଉଦ୍ୟୋଗ ଚାଲିଥିବା ସତ୍ତ୍ୱେ ପୁଲିସ ମୁଖ୍ୟାଳୟ ପାଖରେ ଏହାର କୌଣସି ତଥ୍ୟ ନାହିଁ। ୩୮ ଜିଲ୍ଲା, ୨ ପୁଲିସ ଜିଲ୍ଲା ଏବଂ ୪ ରେଳ ଜିଲ୍ଲାରେ ଥିବା ୧୩୮୦ ଥାନାରେ ରୁଜୁ ମାମଲାର ବିଶ୍ଳେଷଣ କରିବାରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରାୟ ୩୦ ପ୍ରତିଶତ ହତ୍ୟା ସୁପାରୀ ଦେଇ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ପତିଆରା ପାଇଁ ମେଡିକାଲ ଭିତରେ ବସି ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରାକୁ ହତ୍ୟା କରାଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କା ସୁପାରୀ ଦିଆଯାଇଥିଲା। ଚନ୍ଦନ ବାହାରକୁ ପଳାଇ ଆସିଲେ ଅସ୍ତିତ୍ୱ ସଙ୍କଟରେ ପଡ଼ିଯିବ ବୋଲି ଅନ୍ୟ ଗ୍ୟାଙ୍ଗର ସଦସ୍ୟ ଭାବିଥିଲେ। ସେହିପରି ଗତ ୪ ତାରିଖରେ ଜମି ପାଇଁ ପାଟନାର ଗାନ୍ଧୀ ମୈଦାନ ଅଞ୍ଚଳରେ ବ୍ୟବସାୟୀ ଗୋପାଳ ଖେମକାଙ୍କୁ ହତ୍ୟା କରାଯାଇଥିଲା। ଜୁନ୍ ୨୪ରେ ଔରଙ୍ଗାବାଦର ନବୀନଗରରେ ପ୍ରିୟାଂଶୁଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା। ଏଥିପାଇଁ ପ୍ରିୟାଂଶୁଙ୍କ ପତ୍ନୀ ଗୁଞ୍ଜା ସିଂହ ଚଉଠି ରାତି ଦିନ ପ୍ରେମିକ ସହ ମିଶି ୫ ଲକ୍ଷରେ ସୁପାରୀ ଦେଇଥିଲେ। ଗତ ୧୨ ତାରିଖରେ ରାଜନୀତି ପାଇଁ ବିଜେପି କର୍ମୀ ସୁରେନ୍ଦ୍ର ପ୍ରସାଦଙ୍କୁ ପାଟନାର ଶେଖପୁରାରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ପାଇଁ ୨ ଲକ୍ଷ ଟଙ୍କାରେ ଚୁକ୍ତି ହୋଇଥିଲା। ଏଥିପାଇଁ ଅଗ୍ରୀମ ଭାବେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ପ୍ରତି ଦୁଇ ଜଣରେ ଜଣଙ୍କୁ ସୁପାରୀ ଦେଇ ହତ୍ୟା



ଜୁଲାଇରେ ୬୦ ଜଣଙ୍କ ଜୀବନ ନେଲେଣି

ଚଉଠି ରାତିରେ ସ୍ୱାମୀଙ୍କ ସୁପାରୀ

୨ ହଜାର ଟଙ୍କାରେ ନେତାଙ୍କୁ ହତ୍ୟା

### ନକଲି ଦୂତାବାସ ମାମଲା

## ୧୬୨ ବିଦେଶ ଗସ୍ତ; ୩୦୦ କୋଟିର ଦୁର୍ନୀତି

**ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି):** ଗାଜିଆବାଦରୁ ଜାଲ୍ ଦୂତାବାସ ଚଳାଇବା ମାମଲାରେ ହର୍ଷବର୍ଦ୍ଧନ ଜୈନଙ୍କୁ ଗିରଫ କରାଯାଇଛି। ସେ ୮ ବର୍ଷ ହେଲା ଏହି ଗୋଲକ ଧନ୍ଦା ଚଲାଇଥିଲା। ଲୋକଙ୍କୁ ଚାକିରି ଦେବା ନାମରେ ମୋଟା ଅଙ୍କର ଅର୍ଥ ଲୁଟୁ ଥିଲା। ଜେରା ସମୟରେ ସେ ବିସ୍ଫୋରକ ତଥ୍ୟ ଦେଇଛି। ଏହି ଦୂତାବାସ ମାଧ୍ୟମରେ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି, ୧୦ ବର୍ଷରେ ୧୬୨ ବିଦେଶ ଗସ୍ତ ଏବଂ ବିଦେଶ ବ୍ୟାଙ୍କରେ ଅନେକ ଆକାଉଣ୍ଟ ଥିବା ଜଣାପଡ଼ିଛି। ଜଣେ ଆତ୍ମଘୋଷିତ ବିବାଦୀୟ ବାବା ଚନ୍ଦ୍ରାସ୍ୱାମୀ ଏବଂ ସାଉଦି ଆରବର ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଅଦନାନ ଖସୋଗୀ ସହ ମଧ୍ୟ ଜୈନର ସମ୍ପର୍କ ରହିଥିଲା। ୮୦ ଏବଂ ୯୦ ଦଶକରେ ଚନ୍ଦ୍ରାସ୍ୱାମୀଙ୍କ ପ୍ରଭାବ ରହିଥିଲା। ସେ ତିନି ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଓ, ଚନ୍ଦ୍ର ଶେଖର ଏବଂ ଭିପି ସିଂହଙ୍କ ଆଧ୍ୟାତ୍ମିକ ପରାମର୍ଶଦାତା ଥିଲେ। ଆର୍ଥିକ କାରବାରରେ ଅନିୟମିତତା ମାମଲାରେ ଚନ୍ଦ୍ରାସ୍ୱାମୀଙ୍କୁ ୧୯୯୬ରେ ଗିରଫ କରାଯାଇଥିଲା। ସେ ଦିବଂଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ପାଣ୍ଠି ଦେଇଥିବା ମଧ୍ୟ ଅଭିଯୋଗ ଲାଗିଥିଲା। ଚନ୍ଦ୍ରାସ୍ୱାମୀ ହିଁ ଖସୋଗୀ ଏବଂ ଠକ ଅହସାନ ଅଲି ସୈଦ ସହ ଜୈନକୁ ଭେଟ କରାଇ ଥିଲା।

### ଗାଜାରେ ଖାଦ୍ୟ ସଙ୍କଟ

## ୮୧ ଶିଶୁଙ୍କ ସମେତ ୧୨୪ ମୃତ

**ଗାଜା,୨୭ ।୭ (ଏଜେନ୍ସି):** ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଗାଜାରେ ଉତ୍କଟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ଲୋକେ ଖାଇବାପିଇବାକୁ ନ ପାଇ ମୃତ୍ୟୁକୁ ଚାହିଁ ରହିଛନ୍ତି। ଖାଦ୍ୟ ପାଇଁ ସଂଘର୍ଷ ହେଉଛି। ଦଳଚକଟାରେ ଅନେକ ଲୋକଙ୍କ ମଧ୍ୟ ଜୀବନ ଯାଉଛି। ଏହି ଯୁଦ୍ଧରେ ଏ ପର୍ଯ୍ୟନ୍ତ ଖାଦ୍ୟାଭାବରୁ ୧୨୪ ଜଣ ପ୍ରାଣ ହରାଇଲେଣି। ଏମାନଙ୍କ ମଧ୍ୟରେ ୮୧ ଶିଶୁ ସାମିଲ ଅଛନ୍ତି। ଚଳିତ ମାସରେ ହିଁ କେବଳ ୪୦ ଜଣ ଭୋକରେ ଜୀବନ ହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୬ ଜଣ ଛୋଟ ପିଲା ରହିଛନ୍ତି। ଗାଜାରେ ଏବେ ୫୦ ଗ୍ରାମ୍‌ର ବିସ୍କୁଟ ପ୍ୟାକେଟ୍ ଦାମ୍ ୭୫୦ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ କୁପୋଷଣ ବୃଦ୍ଧି ପାଇଛି ଓ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି।



ଏହା ମଧ୍ୟରେ ଇସ୍ରାଏଲ ପ୍ରଥମଥର ପାଇଁ ଗାଜାରେ ସାହାଯ୍ୟ ଓ ସହାୟତା ପହଞ୍ଚାଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଅଟା, ଚିନି, ଔଷଧ ଓ ରେଡିମେଡ୍ ଖାଦ୍ୟ ପ୍ୟାକେଟ୍ ଉଡାଜାହାଜରୁ ପକାଇଥିଲା। ଅନ୍ତରାଷ୍ଟ୍ରୀୟ ସଂଗଠନ ସହ ସାଥିହୋଇ ଇସ୍ରାଏଲ ଏହି ପଦକ୍ଷେପ ନେଇଛି।

## ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡ଼ିଆ ରାଜି: ଟ୍ରମ୍ପ

**ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଥାଇଲାଣ୍ଡ ଓ କାମ୍ବୋଡିଆ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ବୋଲି ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଟ୍ରମ୍ପ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଏହାକୁ ନେଇ ପୁଣିଥରେ ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେ ପକାଇଦେଇଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟ ଚାଲିଥିବା ଯୁଦ୍ଧକୁ ସଫଳତାର ସହ ରୋକିବାକୁ ଆମେ ସକ୍ଷମ ହୋଇଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଗତ ୩ ଦିନଧରି ଏହି ଯୁଦ୍ଧ ଜାରି ରହିଥିଲା। ଯଦି ଯୁଦ୍ଧ ବନ୍ଦ ନ ହୁଏ ତେବେ ଆମେରିକା ଏହି ଦୁଇ ଦେଶ ସହ କୌଣସି ବାଣିଜ୍ୟ ତଥା ବ୍ୟବସାୟିକ ଚୁକ୍ତି କରିବ ନାହିଁ ବୋଲି କହିଥିଲା। ଏହିକ୍ରମରେ ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ ୱେଚାୟାଚାଇ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍‌ଙ୍କ ପୃଥକ ଭାବେ କଥା ହୋଇଥିଲେ। ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାସହ କାମ୍ବୋଡିଆକୁ ଏ ନେଇ ଗୁରୁତ୍ୱ ଦେବାକୁ ହେବ ବୋଲି କହିଛନ୍ତି।

### ବିହାର ଏସଆଇଆର୍ ତଥ୍ୟ ଜାରି

## ଭୋଟର ତାଲିକାରୁ ହଟିଲା ୬୫ ଲକ୍ଷ ନାମ

**ପାଟନା, ୨୭।୭ (ଏଜେନ୍ସି):** ନିର୍ବାଚନ କମିଶନ ରବିବାର ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ର ପ୍ରଥମ ପର୍ଯ୍ୟାୟ ତଥ୍ୟ ଜାରି କରିଛନ୍ତି। ଏବେ ବିହାରରେ ୭.୨୪ କୋଟି ଭୋଟର ଅଛନ୍ତି ବୋଲି ଏଥିରେ କୁହାଯାଉଛି। ପୂର୍ବରୁ ଏହା ୭.୮୯ କୋଟି ଥିଲା। ଭୋଟର ତାଲିକା ଯାଞ୍ଚ ପରେ ୬୫ ଲକ୍ଷ ନାମକୁ ତାଲିକାରୁ ହଟାଇ ଦିଆଯାଇଛି। ହଟା ଯାଇଥିବା ନାମ ମଧ୍ୟରେ ପ୍ରାଣ ହରାଇଥିବା ଏବଂ ଅନ୍ୟ ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇ ଯାଇଥିବା କିମ୍ବା ଦୁଇ ଥର ତାଲିକାରେ ନାମ ଥିବା ଲୋକ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଗଲାଣି। ୩୬ ଲକ୍ଷ ଭୋଟର ଅନ୍ୟ ସ୍ଥାନକୁ ଚାଲି ଯାଇଛନ୍ତି ଏବଂ ୭ ଲକ୍ଷ ଲୋକ ଅନ୍ୟ କୌଣସି କ୍ଷେତ୍ରର ସ୍ଥାୟୀ ବାସିନ୍ଦା ହୋଇ ସାରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ଯୋଗ୍ୟ ଭୋଟରଙ୍କୁ ଏହି ତାଲିକାରେ ସାମିଲ କରାଯିବ।

ଅନ୍ୟପକ୍ଷରେ ବିରୋଧୀ ଦଳଗୁଡିକ ଏସଆଇଆରକୁ ସଂସ୍ଥାଗତ ଅହଙ୍କାର କହିଛନ୍ତି। ଏହା ମଧ୍ୟରେ ଏଡିଆର ଏବଂ ଆରଜେଡି ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରି କୁହାଯାଇଛି ଯେ ଏସଆଇଆର ପ୍ରକ୍ରିୟାରେ ଭୋଟରଙ୍କୁ ଠକାଯାଉଛି। ଅନେକ ସ୍ଥାନରେ ବିଏଲଓ ନିଜେ ଫର୍ମ ପୂରଣ କରୁଛନ୍ତି। ମୃତବ୍ୟକ୍ତିଙ୍କ ନାମରେ ଏହା ଜମା କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟରେ ରହୁଥିବା ବିହାରର ସିଂହଭାଗ ପ୍ରବାସୀ ଶ୍ରମିକ ଏସଆଇଆର ବିଷୟରେ ଜାଣିନାହାନ୍ତି ବୋଲି 'ସ୍ୱାନ୍' ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି।

ବାଦ୍ ପଡ଼ିଲେ ୨୨ ଲକ୍ଷ ମୃତ ଭୋଟର

### ଆମେରିକାରେ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ

# ଅଳ୍ପକେ ବର୍ତ୍ତିଲା ୧୭୯ ଜଣଙ୍କ ଜୀବନ

**ଡେନଭର, ୨୭।୭ (ଏଜେନ୍ସି):**

ଜୁନ୍ ୧୨ରେ ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ (୭୮୭-୮) ଦୁର୍ଘଟଣାଗ୍ରସ୍ତ ହୋଇ ମେଡିକାଲ କଲେଜ ଉପରେ ଖସି ପଡ଼ିଥିଲା। ଏଥିରେ ବିମାନର ଜଣେ ଯାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ସମେତ ୨୭୦ ଜଣଙ୍କ ମୃତ୍ୟୁ ହୋଇଥିଲା। ବିଶ୍ୱକୁ ଥରାଇ ଦେଇଥିବା ଏହି ହୃଦୟ ବିଦାରକ ଦୁର୍ଘଟଣା ମନରୁ ଯାଇ ନ ଥିବାବେଳେ ଏବେ ଆମେରିକାର ଡେନଭର ବିମାନବନ୍ଦରରେ ବଡ଼ ଅଘଟଣ ଘଟିଛି। ଅହମଦାବାଦ ଦୁର୍ଘଟଣାର ଚୂଡ଼ାନ୍ତ ରିପୋର୍ଟ ଆସିବା ପୂର୍ବରୁ ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଥିବାବେଳେ ଶନିବାର ଅପରାହ୍ଣରେ ଆମେରିକାନ ଏୟାରଲାଇନ୍ସର 'ବୋଇଂ ୭୮୭ ମାକ୍ସ ୮ ବିମାନ' ଦୁର୍ଘଟଣାଗ୍ରସ୍ତ ହୋଇଛି। ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇଯିବା ଯୋଗୁଁ ଏହି ବିମାନର ପଛ ଭାଗରେ ନିଆଁ ଲାଗିଯାଇଛି। ଏଥିଯୋଗୁଁ ରନୱେ ଧୂଆଁମୟ ହୋଇଯାଇଥିଲା। ଏହା ଚାରିଆଡେ ବ୍ୟାପି ଯାଇଥିଲା। ଏହା ଦେଖିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶିଥିଲା। ସମସ୍ତେ ଭୟରେ ଥରହର ହୋଇଥିଲେ। ପାଇଲଟ ବିମାନକୁ ଅଟକାଇ ଏମର୍ଜେନ୍ସି ଗେଟ୍ ଖୋଲିଥିଲେ। ଏହି ସ୍ଲାଇଡର ଦେଇ ଯାତ୍ରୀ ଭୟରେ ଦୌଡ଼ି ଦୌଡ଼ି ଜଣକ ପରେ ଜଣେ ବାହାରକୁ ଆସିଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେଉଛି। ଅଳ୍ପକେ ୧୭୩ ଯାତ୍ରୀ ଏବଂ ୬ କ୍ରୁ ସଦସ୍ୟଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। କେବଳ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଏବେ ପୁଣି ବୋଇଂ ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ପ୍ରଶ୍ନ ଉଠିଛି। ଅହମଦାବାଦ ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ବଞ୍ଚାଇବାକୁ ପ୍ରୟାସ କରୁଥିବା ଆମେରିକା ଗଣମାଧ୍ୟମ ଏବେ ଚେତିବ ବୋଲି କୁହାଯାଉଛି।

ଆମେରିକା ଏୟାରଲାଇନ୍ସର ଏହି ବିମାନ ମିଆମି ଅଭିମୁଖେ ବାହାରି ଥିଲା। ମାତ୍ର ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ଭାରତୀୟ ସମୟ ଶନିବାର ରାତି ୨ଟା ୧୫ରେ ଏହି ଅଘଟଣ ଘଟିଥିଲା। ଏବେ ବିମାନକୁ ସେବାରୁ ବାଦ୍ ଦିଆଯାଇଛି। ଏଥିରେ ଯାନ୍ତ୍ରିକ ତ୍ରୁଟି ଥିଲା। ବିମାନର ଟାୟାର ଖରାପ ହୋଇ ଯାଇଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଉଛି। ଫେଡେରାଲ ଆଭିଏନସ ଆଡମିନିଷ୍ଟ୍ରେସନ (ଏଫଏଏ) ଏବଂ ଏୟାରଲାଇନ୍ସ ପକ୍ଷରୁ ମାମଲାର ଯାଞ୍ଚ ଆରମ୍ଭ କରାଯାଇଛି। ସେହିପରି ଅନ୍ୟ ଏକ ବିମାନରେ ଯାତ୍ରୀଙ୍କୁ ମିଆମି ନିଆଯାଇଛି। ଏହି ଦୁର୍ଘଟଣା ଯୋଗୁଁ ୮୭ ଉଡ଼ାଣ ପ୍ରଭାବିତ ହୋଇଛି। ଏହା ପୂର୍ବରୁ ଗତ ମାର୍ଚ୍ଚରେ ଏହି ବିମାନବନ୍ଦରରେ ଆମେରିକା ଏୟାରଲାଇନ୍ସର ବୋଇଂ ୭୮୭-୮୦୦ ବିମାନରେ ନିଆଁ ଲାଗି ଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ବୋଇଂ ବିମାନରୁ ଓହ୍ଲାଇବା ବେଳେ ନିଜ ପିଲାଙ୍କ ବଦଳରେ ଜିନିଷପତ୍ର ବାହାର କରିବାକୁ ପ୍ରାଧାନ୍ୟ ଦେଇଥିବାରୁ ଜଣେ ଯାତ୍ରୀଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି।

ବୋଇଂ ବିମାନକୁ ଉଡ଼ନ୍ତା କଫିନ କୁହାଯାଏ। ଏ ପର୍ଯ୍ୟନ୍ତ ସାରା ବିଶ୍ୱରେ ଏହି ବିମାନ ୬ ହଜାର ଥର ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏହି ଦୁର୍ଘଟଣାରେ ୯ ହଜାର ଜୀବନ ନେଲାଣି। କେବଳ ବୋଇଂ ୭୩୭ ବିମାନ ୫୨୯ ଥର ଦୁର୍ଘଟଣାର ଶିକାର ହେଲାଣି। ଏହା ୫,୭୭୯ ଜଣଙ୍କ ମୃତ୍ୟୁର କାରଣ ପାଲଟିଛି।

### ଲ୍ୟାଣ୍ଡିଂ ଗିୟର ଫେଲ୍; ବିମାନରେ ଲାଗିଗଲା ନିଆଁ



ଏମର୍ଜେନ୍ସି ସ୍ଲାଇଡରେ ବାହାରିଲେ ଯାତ୍ରୀ

ଅହମଦାବାଦ ଦୁର୍ଘଟଣାରେ ଯାଇଥିଲା ୨୭୦ ଜୀବନ

ଏପର୍ଯ୍ୟନ୍ତ ବୋଇଂ ବିମାନ ନେଲାଣି ୯ ହଜାର ଜୀବନ

## ଫୁଲୁଛି ହୀରାକୁଦ; ୨୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ

**ସମ୍ବଲପୁର,୨୭।୭(ସମିସ):** ଉପରମୁଣ୍ଡରେ ବର୍ଷାର ପରିମାଣ ଟିକେ କମିଛି। କିନ୍ତୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିନାହିଁ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୯୯ ମିମି ଏବଂ ତଳମୁଣ୍ଡରେ ୬.୧୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ମିଳିଥିବା ରିପୋର୍ଟ ଅନୁସାରେ ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୧୪.୯୫ ଫୁଟ୍ ପହଞ୍ଚିଥିବା ବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣପଟର ୭ଟି ମୋଟ ୨୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪, ୧୭, ୯୦୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୪୫,୮୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩, ୦୫, ୧୮୦ ଘନଫୁଟ, ପାୱାର ଚେନାଲ ଦେଇ ୩୬, ୪୯୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩,୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୫୮୩୧୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୪୭୨୦୦୦ କ୍ୟୁସେକ୍, ବାରମୁଲଠାରେ ୪୪୮୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪୮୫୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି।

## ଆଜିଠୁ କମିବ ବର୍ଷା

**ଭୁବନେଶ୍ୱର,୨୭।୭(ସମିସ):** ଓଡ଼ିଶାଠାରୁ ଦୂରେଇ ଯାଉଛି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ। ବର୍ତ୍ତମା ଏହା ଦୁର୍ବଳ ହୋଇ ସଦୃଶ ଲଘୁଚାପ ଅବସ୍ଥାରେ ମଧ୍ୟପ୍ରଦେଶ ଉପରେ ରହିଛି। ତେଣୁ ଆସନ୍ତାକାଲିଠାରୁ ଅବପାତ ଓ ଲଘୁଚାପଜନିତ ବର୍ଷାର ପରିମାଣ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ବର୍ତ୍ତମାନ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଦିନବେଳା ଖରା ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ପାଇଁ ପାଗ ଅନୁକୂଳ ରହୁଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଥିବା ଯୋଗୁଁ ଏବେ ବି ଉତ୍ତର ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ପବନର ବେଗ ୩୫-୪୫ କିଲୋମିଟର ଓ ଏହାର ଝଟକା ପବନରେ ୫୫ କିଲୋମିଟର ପର୍ଯ୍ୟନ୍ତ ରହୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ନ ଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସୋମବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା

- ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରରେ ନାହିଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ
- ଏଲ୍‌ଟିଆର୍‌ରେ ୩୩ ପ୍ରତିଶତ ବଦଳରେ ମିଳିଥିଲା ୨୫% ସଂରକ୍ଷଣ
- ହାଇସ୍କୁଲରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦାବିକଲେ ଭାଷାବିତ୍

**ଭୁବନେଶ୍ୱର, ୨୭।୭(ସମିସ):** ହାଇସ୍କୁଲ ପାଇଁ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା କରାଯାଇଛି। ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭୁଲିଯାଇଛି। ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ବେଳେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରାଯାଇଥିଲା। ହେଲେ ସମ୍ପ୍ରତି ହେବାକୁ ଯାଉଥିବା ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ କୌଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ। ଫଳରେ ସରକାରଙ୍କ ଓଡ଼ିଆ ଅସ୍ମିତା ନାରା ଓ ଭାଷାପ୍ରେମ ନେଇ ଭାଷାବିତ୍ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ଟିଜିଟି ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୪ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତହିଁରେ ଟିଜିଟି କଳା, ଟିଜିଟି ପିସିଏମ୍ ଓ ସିବିଜେଡ୍, ହିନ୍ଦୀ, ସଂସ୍କୃତ, ପିଇଟି ଏବଂ ଉର୍ଦ୍ଦୁ ଶିକ୍ଷକ ପଦ ପୂରଣ କରିବାକୁ କୁହାଯାଇଛି; ହେଲେ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ପାଇଁ କୌଣସି ପ୍ରାବଧାନ ନାହିଁ। ଏହା ପୂର୍ବରୁ ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ମୂଳ ବିଜ୍ଞପ୍ତିରେ ମଧ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ପ୍ରାବଧାନ ନଥିଲା। ଏହାକୁ ପରିବର୍ତ୍ତନ କରି ପ୍ରଥମ ଥର ପାଇଁ ଓଡ଼ିଆ ଭାଷା ଶିକ୍ଷକ ପଦ ସୃଷ୍ଟି କରାଗଲା। ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ଦିଆଯାଇଥିଲା। ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ ପାଇଁ ପଦକ୍ଷେପ ନିଆଯାଇଥିବା ସରକାର କହିଥିଲେ। ହେଲେ ଟିଜିଟି ଶିକ୍ଷକ ନିଯୁକ୍ତ କରିବାକୁ ଆରମ୍ଭ ହେଉଥିବା ପ୍ରକ୍ରିୟାରୁ ସରକାର ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦକୁ କିପରି ଭୁଲିଗଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ଏଲ୍‌ଟିଆର୍ ପରି ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ନ ଦେଇ ସ୍ୱତନ୍ତ୍ର ପଦ ସୃଷ୍ଟି କରିବାକୁ ଦାବି ହୋଇଛି। କାରଣ ହିନ୍ଦୀ ଓ ସଂସ୍କୃତ ପରି ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେଉଛନ୍ତି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ କାହିଁକି ସୃଷ୍ଟି କରୁନାହାନ୍ତି ବୋଲି ଭାଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଭାଷାକୁ ଲୋକପ୍ରିୟ ଓ ଦୀର୍ଘସ୍ଥାୟୀ କରିବାକୁ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଯଦି ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାରେ ଅସଫଳ ହୁଅନ୍ତି, ତାହେଲେ ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୩୩ ପ୍ରତିଶତ ପଦରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାକୁ ମଧ ସେମାନେ ଦାବି କରିଛନ୍ତି। କାରଣ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଏବଂ ସ୍ଥଳ ବିଶେଷରେ ଉର୍ଦ୍ଦୁ, ବଙ୍ଗଳା, ତେଲୁଗୁ ଆଦି ଭାଷା ଭିତ୍ତିକ ବିଷୟକୁ ବାଦ୍ ଦେଲେ କେବଳ ଟିଜିଟି କଳାରେ ମୋଟ୍ ତିନିଟି ବିଷୟ ରହିଛି। ଓଡ଼ିଆ, ଇଂରାଜୀ ଓ ସାମାଜିକ ବିଜ୍ଞାନ (ଇତିହାସ ଓ ଭୂଗୋଳ)। ତିନିଟି ବିଷୟ ପାଇଁ ଶହେ ମାର୍କ ଲେଖାଏଁ ମୋଟ୍ ତିନି ଶହ ମାର୍କ ରହିଛି। ତେଣୁ ଟିଜିଟି କଳା ପଦରୁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କଲାବେଳେ ଟିଜିଟି କଳା ପଦର ଏକତୃତୀୟାଂଶ ବା ୩୩ ପ୍ରତିଶତ ପଦ ସଂରକ୍ଷିତ ରହିବା ନ୍ୟାୟସଂଗତ। ଏଲ୍‌ଟିଆର୍ ନିଯୁକ୍ତି ବେଳେ ସାମାଜିକ ବିଜ୍ଞାନକୁ ଦୁଇଟି ବିଷୟ ଯଥା ଇତିହାସ ଓ ଭୂଗୋଳ ବିଚାର କରି ଓଡ଼ିଆ ଭାଷାକୁ ୨୫ ପ୍ରତିଶତ ସଂରକ୍ଷଣ ଦିଆଯାଇଥିଲା। ଏଣୁ ଏହାର ପୁନରାବୃତ୍ତି ନ କରି ଓଡ଼ିଆ ଭାଷାକୁ ସମ୍ମାନ ଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ଶିକ୍ଷାବିତ୍ ଓ ଓଡ଼ିଆ ଭାଷାପ୍ରେମୀମାନେ ଦାବି କରିଛନ୍ତି।

## ଟଙ୍କା ପାଇଁ ଟାଙ୍ଗିଆରେ ସ୍ତ୍ରୀକୁ ହାଣିଦେଲା

**ଭଦ୍ରକ/ବାସୁଦେବପୁର, ୨୭।୭(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗାଁରେ ଗୋପୀନାଥ ଜେନା ସ୍ତ୍ରୀକୁ ଟାଙ୍ଗିଆରେ ହତ୍ୟା କରି ଫେରାର୍ ହୋଇଯାଇଛି।

ସୂଚନା ଅନୁସାରେ, ୨୦ ବର୍ଷ ତଳେ ଅଢୁଆଁ ଗ୍ରାମର ଗୋପୀନାଥ ପାରାପୋଖରୀ ଗାଁର ମହେନ୍ଦ୍ର ଜେନାଙ୍କ କନ୍ୟା ଗୁରୁବାରୀଙ୍କୁ ୨ୟ ବିବାହ କରିଥିଲେ। ଘର ଜ୍ୱାଇଁ ଭାବେ ପାରାପୋଖରୀରେ ରହି ଆସୁଥିବା ଗୋପୀନାଥ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ପାରାପୋଖରୀ ଛକ ଆଗ ରାସ୍ତା ପାର୍ଶ୍ୱରେ ଗୁରୁବାରୀ ଜେନାଙ୍କ ପୈତୃକ ସମ୍ପତ୍ତିକୁ ପ୍ରାୟ ୨୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏହି ଟଙ୍କାକୁ ନେଇ ଗତକାଲି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ଶୋଇଥିବା ଅବସ୍ଥାରେ ଗୋପୀନାଥ ଏକ ଟାଙ୍ଗିଆରେ ଗୁରୁବାରୀକୁ ହାଣି ପକାଇ ଫେରାର ହୋଇଯାଇଥିଲା। ସକାଳେ ସାନପୁଅ ବଳରାମ ମାଆଙ୍କୁ ଡାକିଥିଲା। କେହି ନ ଶୁଣିବାରୁ ସେ ଖୋଜାଖୋଜି କଲା ପରେ ଗୁରୁବାରୀଙ୍କ ମୃତଦେହ ଦେଖି ଫୋନ ଯୋଗେ ବଡ଼ଭାଇ ଓ ଭଉଣୀଙ୍କୁ ଜଣାଇଥିଲା। ମୃତ ଗୁରୁବାରୀ ଜେନାଙ୍କ ପୁଅଝିଅ କହିଛନ୍ତି ଯେ ବାପା ଟଙ୍କା ପାଇଁ ମାଆକୁ ହତ୍ୟା କରିଛି। ଘଟଣାସ୍ଥଳରେ କସିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡାଙ୍କ ସହ ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ସାଇଣ୍ଟିଫିକ୍ ଟିମ ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ତୀବ୍ର ହେଉଛି ଇ-କେୱାଇସି ଅସନ୍ତୋଷ

- ବଢ଼ିପାରେ ଖରିଫ ଚାଷୀ ପଞ୍ଜୀକରଣ ଅବଧି
- ସମସ୍ୟା ସୃଷ୍ଟି କରୁଛି ଆର୍‌ଆଇ ଜିମାନାମା

**ଭୁବନେଶ୍ୱର, ୨୭।୭(ସମିସ):** ଖରିଫ ଚାଷ ପଞ୍ଜୀକରଣରେ ଇ-କେୱାଇସିକୁ ନେଇ ଏକାଧିକ ସମସ୍ୟାର ସାମ୍ନାକୁ କରୁଛନ୍ତି ଚାଷୀ। ଏହାକୁ ନେଇ ଚାଷୀଙ୍କ ଭିତରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ସରକାର ଏହି ବ୍ୟବସ୍ଥାର ସରଳୀକରଣ କରିବା ସହ ସମୟ ଅବଧି ବୃଦ୍ଧି ପାଇଁ ବିଭିନ୍ନ ମହଲରୁ ଦାବି କରାଯାଉଛି। କୃଷକ ସଂଗଠନମାନେ ମଧ ସରକାରଙ୍କ ପାଖରେ ଏଭଳି ଦାବି ରଖିଛନ୍ତି। ଏମିତିକି ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାର ଗୁରୁତ୍ୱ ନ ଦେଲେ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ମାତ୍ର ଏହି ଅଣ୍ଡରଟେକିଂ ଫର୍ମ ଦେବାବେଳେ ଚାଷୀମାନେ ଅଧିକ ହଇରାଣରେ ପଡୁଛନ୍ତି। କାରଣ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ପାଖରେ ଜିମାନାମା(ଅଣ୍ଡରଟେକିଂ) ଲେଖାଇ ଆଣିବା ପାଇଁ ସମବାୟ ସମିତି ପକ୍ଷରୁ କୁହାଯାଉଛି। ହେଲେ ସେଠାକୁ ଗଲେ ଆର୍‌ଆଇ ସମୟ ଦେଉନାହାନ୍ତି। ଏମିତିକି ସବୁ ଭାଇ ଏକାଠି ଆସିଲେ ଯାଇ ଅଣ୍ଡରଟେକିଂ ଲେଖାଯିବ ବୋଲି ଆର୍‌ଆଇ କହୁଛନ୍ତି। ତେଣୁ ଚାଷୀ ଅସୁବିଧାରେ ପଡୁଛନ୍ତି। ପୂର୍ବରୁ ନୋଟାରୀରେ ସତ୍ୟପାଠ(ଆଫିଡେଭିଟ୍) କରି ଚାଷୀମାନେ ପଞ୍ଜୀକରଣ କରାଇ ଦେଉଥିଲେ। ଏଥିରେ ଜମି ଭାଗ ଭାଗ ବି ସହଜରେ ହୋଇଯାଉଥିଲା। ମାତ୍ର ଏବେ ଆର୍‌ଆଇଙ୍କ ପାଖରେ ଅଣ୍ଡରଟେକିଂ ଦେବା ବ୍ୟବସ୍ଥା ଚାଷୀଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏହା ଉପରେ ସରକାର ପୁନଃ ବିଚାର କରିବାକୁ ଦାବି ହେଉଛି।

ତେବେ ଚାଷୀଙ୍କ ଏହି ସମସ୍ୟା ସଂପର୍କରେ ସରକାର ବିଚାର କରୁଛନ୍ତି। କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣ ଅବଧି ଅଗଷ୍ଟ ୨୦ ପରେ ବୃଦ୍ଧି କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଚାଷୀ ଅସନ୍ତୋଷର କୌଣସି କାରଣ ନାହିଁ। ଚାଷୀ ପଞ୍ଜୀକରଣ ଲାଗି ଶେଷ ତାରିଖ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ରହିଛି। ଯଦି କିଛି ଜାଗାରେ ସର୍ଭର ଡାଉନ୍ କାରଣରୁ ପଞ୍ଜୀକରଣ ହୋଇପାରୁନାହିଁ, ସେଥିପାଇଁ ସମୟସୀମା ବୃଦ୍ଧି କରାଯିବ। ପଞ୍ଜୀକରଣ ସମସ୍ୟାର ସମାଧାନ କରି ଦିଆଯାଇଛି। ଯେଉଁ ଚାଷୀମାନଙ୍କର ରେକର୍ଡ ବାପା, ଜେଜବାପାଙ୍କ ନାମରେ ଥିବ ସେମାନେ ଅଣ୍ଡରଟେକିଂ ଫର୍ମ ଦାଖଲ କରି ପଞ୍ଜୀକରଣ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

■ ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣା

## ପୁଣି ଦିଲ୍ଲୀ ଏମ୍ସ ଗଲେ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍

**ବଲାଙ୍ଗୀ,୨୭।୭(ସମିସ):** ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣାକୁ ୯ ଦିନ ପୂରିଥିବାବେଳେ ଏବେ ବି ପୁଲିସ ହାତ ଖାଲି ଥିବା ଦେଖିବାକୁ ମିଳିଛି। ରବିବାର ସକାଳେ ବଲାଙ୍ଗୀ ଥାନାର ଜଣେ ଅଧିକାରୀ ଓ ପୁରୀ ହେଡ୍ କ୍ୱାର୍ଟର ଏସ୍‌ଡିପିଓଙ୍କ ସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କଠାରୁ ପୁନର୍ବାର ବୟାନ ଗ୍ରହଣ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଯାଇଛନ୍ତି। ସୋମବାର ସେଠାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରନ୍ତି ଏହି ଟିମ୍। ଘଟଣା କିପରି ଘଟିଲା ଓ କିଏ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ରହସ୍ୟ ଘେରରେ ଥିବାବେଳେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ, ସ୍ପେସାଲ ଟିମ୍‌କୁ ନାକେଦମ୍ ହେବାକୁ ପଡ଼ିଲାଣି। ଶନିବାର ୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ନିମାପଡ଼ା କୋର୍ଟରେ ହୋଇଥିଲା।

### ୮୬ତମ ଜୟନ୍ତୀରେ ସଙ୍ଗୀତଜ୍ଞ ସିକନ୍ଦର୍ ଆଲାମ୍‌ଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

## ଓଡିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ସେ ଚିର ଅମର: ନବୀନ



**ଭୁବନେଶ୍ୱର,୨୭।୭(ସମିସ):** ଯଶସ୍ୱୀ ସଙ୍ଗୀତଜ୍ଞ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ୮୬ ତମ ଜୟନ୍ତୀ ଅବସରରେ ରବିବାର ଓଡିଶା ବିଧାନସଭା ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ତରଫରୁ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ ମହାନ୍ତି, ସିକନ୍ଦର ଆଲାମଙ୍କ ଝିଅ ସୋଫିଆ ଆଲାମ ଓ ନାଜିଆ ଆଲାମ, ବିଜେଡି ମୁଖପାତ୍ର ଇପ୍ସିତା ସାହୁ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଅବସରରେ ସ୍ମୃତିଚାରଣ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଛନ୍ତି ଯେ ଯଶସ୍ୱୀ ସଂଗୀତଜ୍ଞ ସ୍ୱର୍ଗତ ସିକନ୍ଦର ଆଲାମ ତାଙ୍କର ସ୍ୱକୀୟ ପ୍ରତିଭା ପାଇଁ ଦେଶ ବିଦେଶରେ ସୁପରିଚିତ ଥିଲେ। ଭକ୍ତି ସଂଗୀତଠାରୁ ଆରମ୍ଭ କରି ଶାସ୍ତ୍ରୀୟ, ପଲ୍ଲୀ ଓ ସୁଗମ ସଙ୍ଗୀତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ଓଡିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ପ୍ରଭାବଶାଳୀ ଓ ଲୋକପ୍ରିୟ ସଂଗୀତଜ୍ଞ ଭାବରେ ସେ ଦୀର୍ଘ ଦଶନ୍ଧି ଧରି ଅଜସ୍ର ପ୍ରଶଂସକ ସୃଷ୍ଟି କରିପାରିଛନ୍ତି। ଓଡିଶାରେ ସାଂସ୍କୃତିକ ଜଗତକୁ ତାଙ୍କର ଅବଦାନ ତାଙ୍କୁ ଚିର ଅମର କରିଛି ବୋଲି ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ଅମ୍ଳାନ ସ୍ମୃତି ପ୍ରତି ସେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଚେକ୍ ବାଉନ୍ସ ସମ୍ପର୍କିତ ଲୋକ ଅଦାଲତ

**କଟକ,୨୭।୭(ସମିସ):** ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରୀୟ ଚେକ ବାଉନ୍ସ ଜନିତ (ଏନଆଇ ଆକ୍ଟ ଧାରା ୧୩୮) ମାମଲାଗୁଡିକ ଲୋକ ଅଦାଲତ ମାଧ୍ୟମରେ ଫଇସଲା କରାଯାଇଛି। ଆଇନ୍ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାଜ୍ୟର ୧୮ ଜିଲ୍ଲା ଓ ୭ଟି ସବଡ଼ିଭିଜନ ମୁଖ୍ୟାଳୟ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ଗ୍ରହଣ କରାଯାଇଥିବା ୭୦୩୮ ମାମଲାରୁ ୧୦୬୮ଟି କେବଳ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଥିଲାଫ ଏଥିପାଇଁ ମୋଟ ୨୧କୋଟି ୯୨ଲକ୍ଷ ୯୮ହଜାର ୧୪୩ ଟଙ୍କା ସ୍ଥିରୀକୃତ ହୋଇଛି।

## ମେଟ୍ରୋ ପାଇଁ ସାନି ଟେଣ୍ଡର ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର,୨୭।୭(ସମିସ):** ମେଟ୍ରୋ ପ୍ରକଳ୍ପ ପାଇଁ ଟେଣ୍ଡର ନ ହେଲେ ଆସନ୍ତା ଅଗଷ୍ଟ ୨୦ ତାରିଖରେ କଂଗ୍ରେସ ବିକ୍ଷୋଭ କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଚେତାବନୀ ଦେଇଛନ୍ତି। ମେଟ୍ରୋ କାମ ନ ହେଲେ ଉଭୟ ସଚିବାଳୟ ଓ ବିଧାନସଭା ଘେରଉ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ ମେଟ୍ରୋ ବନ୍ଦ କରି ରାଜ୍ୟ ସରକାର ହୀନରାଜନୀତି କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳେ ମେଟ୍ରୋ ପ୍ରକଳ୍ପ ଯୋଗୁଁ ନାଁ ନେଇଯିବେ ତାହା ବିଚାର କରି ରାଜ୍ୟ ସରକାର ଏହି ଟେଣ୍ଡର ବାତିଲ୍ କରିଛନ୍ତି। ମାତ୍ର ଏହି ନିଷ୍ପତ୍ତି ଦ୍ୱାରା ନବୀନଙ୍କର ଯେଉଁ ସୁନାମ ରହିଛି, ସେଥିରେ ଆଦୌ ପ୍ରଭାବ ପଡ଼ିବ ନାହିଁ। ସେ ଅନେକ କାମ କରିଛନ୍ତି। ସେଥିପାଇଁ ତାଙ୍କୁ ଓଡ଼ିଶା ସର୍ବଦା ମନେ ରଖିବ। ତେଣୁ ରାଜ୍ୟ ସରକାର ଏଭଳି ହୀନ ରାଜନୀତି ବନ୍ଦ କରି ତୁରନ୍ତ ମେଟ୍ରୋ ପାଇଁ ସାନି ଟେଣ୍ଡର ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଂଜିନ ସରକାର ଲୋକମାନଙ୍କୁ ଦିନରେ ସ୍ୱପ୍ନ ଦେଖାଉଛି। ପ୍ରତିଦିନ ମିଛ କହିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେଉଁମାନେ କେତେ ମିଛ କହିବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଛି। ଏହି ମିଛକୁ ଓଡ଼ିଶାବାସୀ ବିଚାର କରିବେ। ମେଟ୍ରୋ ଟ୍ରେନ୍ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ମେଟ୍ରୋ ଟ୍ରେନ୍ ନେଇ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖାଇବା ପରେ ପୂର୍ତ୍ତମନ୍ତ୍ରୀ ମେଟ୍ରୋ ଟ୍ରେନ୍‌କୁ ମାଟି ତଳେ ଚଲେଇବା କଥା କହି ନୂଆ ସ୍ୱପ୍ନ ଦେଖାଇଲେ। ଏହି ସ୍ୱପ୍ନର କିଛି ବସ୍ତବତା ନାହିଁ। ଏହା ଏବେ ସ୍ପଷ୍ଟ ହୋଇଯାଇଛି। କଟକ-ପୁରୀ ଆଦିକୁ ମେଟ୍ରୋ ଗଡ଼ାଇବା କଥା ମଧ ବିଜେପି ସରକାରର ମନ୍ତ୍ରୀମାନେ କହିଥିଲେ। ବିଜେପି ଅଚାନକ ଭାବେ ସରକାରକୁ ଚାଲି ଆସିଛି। ଏମାନେ ସରକାର କିପରି ଚଳାଇବେ ଜାଣିପାରୁ ନାହାନ୍ତି। କେହି କାହା କଥା ମାନୁନାହାନ୍ତି। ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ କେବଳ ଭଗବାନ ସାହା। ଯଦି ବିଜେପି ସରକାର ଓଡ଼ିଶାରେ ଶାସନ ଜାରି ରଖେ ତେବେ ରାଜ୍ୟରେ ବିପର୍ଯ୍ୟସ୍ତ କ୍ଷତି ହେବ ବୋଲି ଶ୍ରୀ ଜେନା କହିଛନ୍ତି।






# ସରକାରୀ ବାବୁଙ୍କ ଦୁର୍ନୀତି ନିଶା

### ୧୩ ଜଣ ଅଧିକାରୀଙ୍କ ଘରୁ ଜବତ ହେଲାଣି କୋଟି କୋଟି ଟଙ୍କା



- ଭିଜିଲାନ୍ସ ଇତିହାସରେ ସର୍ବାଧିକ ୧୦.୩୭ କୋଟି ଟଙ୍କା ଜବତ
- ଜବତ ଟଙ୍କାକୁ ଅଦାଲତରେ ନିଜର ଦର୍ଶାଇ ପାରୁନାହାନ୍ତି ବାବୁ

**ଭୁବନେଶ୍ୱର,୨୭।୭(ସମିସ):** ଲୋକଙ୍କ ସେବା ପାଇଁ ସରକାରୀ ବାବୁଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକ ସେବା ଅଧିକାରୀ ଭାବେ ପରିଚିତ ଏହି ବାବୁମାନେ ଜନତାଙ୍କ ଟଙ୍କାରେ ଦରମା ମଧ ପାଉଛନ୍ତି। କିନ୍ତୁ ବାବୁମାନେ ଚାକିରି ପାଇବା ପରେ ଲୋକଙ୍କୁ ସେବା ବଦଳରେ ଦୁର୍ନୀତି କରି କୋଟିପତି ହେବା ନିଶାରେ ଲାଗି ପଡୁଛନ୍ତି। ଚାକିରି ସମୟରେ ଦୁର୍ନୀତି ଏବଂ ଲାଞ୍ଚ ନେଇ ଘରେ ଟଙ୍କାର ପାହାଡ଼ କରୁଛନ୍ତି। କେବଳ ଟଙ୍କା ନୁହେଁ; ମହଣ ମହଣ ସୁନା ମଧ ଘରେ ଗୁପ୍ତ ଟ୍ରେଜେରୀ କରି ରଖୁଛନ୍ତି। ଆହୁରି ମଧ ଅନେକ ସରକାରୀ ବାବୁ ଏହି କଳାଧନରେ ନିଜର ଓ ସଂପର୍କୀୟଙ୍କ ନାମରେ ଏକାଧିକ ପ୍ଲଟ୍ କିଣି ପକାଉଛନ୍ତି।

ଏହିଭଳି ୧୩ ଜଣ ସରକାରୀ ବାବୁଙ୍କ ଘରୁ କୋଟି କୋଟି ଟଙ୍କା ଜବତ କଲାଣି ଭିଜିଲାନ୍ସ ବିଭାଗ। ଭିଜିଲାନ୍ସ ଇତିହାସରେ ସର୍ବାଧିକ ଟଙ୍କା କଟକ ସେତୁ ଏବଂ ନିର୍ମାଣ ନିଗମର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଘରୁ ଜବତ କରାଯାଇଥିଲା। ତାଙ୍କ ଘରୁ ୧୦କୋଟି ୩୭ଲକ୍ଷ ୯ହଜାର ୩୭୦ ଟଙ୍କା ଜବତ କରାଯାଇଥିଲା। ସେହିପରି ବୌଦ୍ଧ ଆରଟିଓ ବସନ୍ତ କୁମାର ମହାପାତ୍ରଙ୍କ ଘରୁ ୯କୋଟି ୬୧ଲକ୍ଷ ୭୭ହଜାର ୪୮୯ଟଙ୍କା, ଗଞ୍ଜାମ, ଭଞ୍ଜନଗର ଜଳସେଚନ(ସିଭିଲ)ର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କଠାରୁ ୮କୋଟି ୧୧ଲକ୍ଷ ୩୮ହଜାର ୬୧୪ ଟଙ୍କା, ଭୁବନେଶ୍ୱର ରାସ୍ତା ଏବଂ କୋଠା(ସିଭିଲ)ର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ରଙ୍କଠାରୁ ୭କୋଟି ୨୭ଲକ୍ଷ ୪୯ ହଜାର ଟଙ୍କା ଜବତ କରାଯାଇଥିଲା। ସେହିପରି ବାଲେଶ୍ୱର ଜଳସେଚନ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ଘରୁ ୬କୋଟି ୩୦ଲକ୍ଷ ୧୪ ହଜାର ୯୩୯ ଟଙ୍କା, ବଲାଙ୍ଗିର, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କଠାରୁ ୫କୋଟି ୭୯ଲକ୍ଷ ୬୫ ହଜାର ୮୪୭ ଟଙ୍କା, ଭୁବନେଶ୍ୱର ଇଡ୍‌କୋ ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂଙ୍କ ଘରୁ ୫କୋଟି ୩୦ଲକ୍ଷ ୭୨ ହଜାର ୭୧୮ ଟଙ୍କା, ବ୍ରହ୍ମପୁର ଡିଜିଜନର ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଡେପୁଟି ଜେନେରାଲ ମ୍ୟାନେଜର ସୁବାସ ଚନ୍ଦ୍ର ପଣ୍ଡାଙ୍କଠାରୁ ୫କୋଟି ୨୫ଲକ୍ଷ ୭୨ ହଜାର ୭୬୬ ଟଙ୍କା ଜବତ କରାଯାଇଥିଲା। ସେହିପରି ଅନୁଗୁଳ, ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କଠାରୁ ୪କୋଟି ୭୮ଲକ୍ଷ ୮୩ ହଜାର ୯୭୧ ଟଙ୍କା, ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀ ଏନ.ଭି ହରିହର ରାଓଙ୍କ ଘରୁ ୪କୋଟି ୭ଲକ୍ଷ ୨୦ ହଜାର ୭୮୨ ଟଙ୍କା ଜବତ କରାଯାଇଥିବା ବେଳେ ମାଲକାନାଗିରି ଜଳଛାୟା ଶାଖା ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କଠାରୁ ୧.୫କୋଟି ଟଙ୍କା, ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ୨.୧କୋଟି ଟଙ୍କା ଏବଂ ଧର୍ମଗଡ଼ର ଉପଜିଲ୍ଲାପାଳ ଯୁବ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହିଭଳି ସରକାରୀ ବାବୁମାନେ କୋଟି କୋଟି ଟଙ୍କା ରୋଜଗାର କରିବା ନିଶାରେ ମନୋନିବେଶ କରୁଥିବାରୁ ଲୋକଙ୍କ ସ୍ୱାର୍ଥ ସାଧନ ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# '୧୨୪ ତମ ମନ୍ କି ବାତ୍' ମୟୂରଭଞ୍ଜ ଆଦିବାସୀ ମହିଳାଙ୍କ ହସ୍ତତନ୍ତ କାରିଗରୀକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା





ବାରିପଦା, ୨୭।୭ (ସମିସ)

'ମନ କି ବାତ୍'ର ୧୨୪ ତମ ଅଧ୍ୟାୟରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳାମାନଙ୍କ ହସ୍ତତନ୍ତ କାରିଗରୀର ଭୂୟସୀ ପ୍ରଶଂସା କରିଛନ୍ତି। ଏକଥା ଶୁଣିବା ପରେ ହସ୍ତତନ୍ତ ବୁଣାବୁଣି କାର୍ଯ୍ୟ କରୁଥିବା ମୌନଧ୍ୱନି ଫାଉଣ୍ଡେସନର ଆଦିବାସୀ ମହିଳାକାରିଗରମାନେ ଖୁସିବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସାଧାରଣ ଗୃହିଣୀରୁ ବୁଣାକାର ଭାବେ ସ୍ୱତନ୍ତ୍ର ପରିଚୟ ଲାଭ କରିବା ସହ ତନ୍ତସାଥୀ ଭାବେ ହସ୍ତତନ୍ତ କେନ୍ଦ୍ର ପରିଚାଳନା କରୁଥିବା ସୀତା ମୁର୍ମୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣି ଆନନ୍ଦିତ ହେବା ସହ ଆଗକୁ ଏହିଭଳି ସେ ମୟୂରଭଞ୍ଜ ସାନ୍ତାଳୀ ଶାଢ଼ୀ ବୁଣାବୁଣି ଜାରିରଖିବେ ବୋଲି ମତବ୍ୟକ୍ତ କରିଛନ୍ତି। ସଂଗଠନରୁ ହସ୍ତତନ୍ତ ପ୍ରଶିକ୍ଷଣ ନେଇ ଆଦିବାସୀ ସାନ୍ତାଳ ଶାଢୀ ହାତରେ ବୁଣି ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କୁ ଭେଟିଦେଇଥିବା ମଇନା ବାସ୍କେ ଖୁବ୍ ଆନନ୍ଦ ଅନୁଭବ କରିବା ସହ ସରକାରଙ୍କ ତରଫରୁ ମୌନଧ୍ୱନିକୁ ଅଧିକରୁ ଅଧିକ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାର ଏହି ସ୍ୱେଚ୍ଛାସେବୀ ସଂଗଠନ ମୌନଧ୍ୱନି ଫାଉଣ୍ଡେସନ ସ୍ଥାନୀୟ ଆଦିବାସୀ ମହିଳାମାନଙ୍କୁ ହସ୍ତତନ୍ତ ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଯାବତ୍ ଉଦଳା, ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକର ୯୦ରୁ ଅଧିକ ଗ୍ରାମର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ମହିଳା ହସ୍ତତନ୍ତରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କପା ଚାଷଠାରୁ ଆରମ୍ଭ କରି ତୁଳାରୁ ଅରଟରେ ସୂତାକାଟିବା, ରଙ୍ଗକରିବା, ହସ୍ତତନ୍ତରେ ବୟନ, ସିଲେଇ, ଏମ୍ବ୍ରୋଡେରୀ ଇତ୍ୟାଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିମଧ୍ୟରୁ ଅଧିକାଂଶ ମହିଳା ବୁଣାକାରମାନେ ଭାବେ ସୁନ୍ଦର ଡିଜାଇନ୍ ଶାଢୀ ବୁଣାବୁଣି କରି ଦେଶବିଦେଶର ସୁନାମ ଅର୍ଜନ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ବିଲୁପ୍ତ ହୋଇଯାଇଥିବା ମୟୂରଭଞ୍ଜ ସାନ୍ତାଳୀ ଶାଢୀର ପୁନରୁଦ୍ଧାର କରିବା ସହ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ପାଇଁ ପ୍ରୟାସ ଜାରି ରଖିଛି ମୌନଧ୍ୱନି ଫାଉଣ୍ଡେସନ। ଅଧିକାଂଶ ବୁଣାକାର ଏଠାରୁ ତାଲିମ୍ ନେଇ ତନ୍ତସାଥୀ ଭାବେ ନିଜ ଗ୍ରାମରେ ହସ୍ତତନ୍ତ କେନ୍ଦ୍ର ପରିଚାଳନା କରୁଛନ୍ତି। ସାଧାରଣ ଗୃହିଣୀରୁ ୩ଜଣ ମହିଳା ସରକାରୀ ସ୍ୱୀକୃତିପ୍ରାପ୍ତ ମାଷ୍ଟରଟ୍ରେନର୍ ଭାବେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରି ପ୍ରେରଣାର ଉତ୍ସ ପାଲଟିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ମୟୂରଭଞ୍ଜ ଜିଲ୍ଲା ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ହସ୍ତତନ୍ତ କାରିଗରୀ ପାଇଁ ଏକଦା ବିଶ୍ୱଦରବାରରେ ପରିଚିତ ଥିଲା। ପାୱାରଲୁମ୍ ଆସିବା ପରେ ହସ୍ତତନ୍ତର ଚାହିଦା କମିଯାଇଥିଲା। ଏବେ କିନ୍ତୁ ମୌନଧ୍ୱନି ଏହି ହସ୍ତତନ୍ତ ତଥା କୌଳିକ ବୃତ୍ତିକୁ ପୁନରୁଦ୍ଧାର କରିବାକୁ ପୁନରାୟ ପ୍ରୟାସ ଜାରି କରିଛି। ମୟୂରଭଞ୍ଜ ଗ୍ରାମୀଣ ଆଦିବାସୀ ମହିଳାମାନଙ୍କୁ ଜୀବିକା ନିର୍ବାହ ତଥା ସାଂସ୍କୃତିକ ଐତିହ୍ୟକୁ ବଞ୍ଚାଇବାର ମାର୍ଗଦର୍ଶନ ଦେଇଆସୁଛି। ଗାମୁଛା, ଶାଢୀ, ଡାଏରୀ କଭର୍, ଲାପଟପ୍ ବ୍ୟାଗ୍, ଜୁଟେ ବ୍ୟାଗ୍ କପଡ଼ା ତିଆରି କରି ବେଶ୍ ଭଲ ଦି'ପଇସା ରୋଜଗାର କରୁଛନ୍ତି। ଏଥିସହିତ ଏହିସବୁ ଉତ୍ପାଦ ଦେଶ ବିଦେଶରେ ବେଶ୍ ଚାହିଦା ଅର୍ଜନ କରିପାରିଛି। ଏମାନଙ୍କର ଜୀବନଧାରଣରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଆଦିବାସୀ ମହିଳାମାନଙ୍କୁ ହସ୍ତତନ୍ତରେ ଆଗକୁ ଯିବାକୁ ଅଧିକ ପ୍ରେରଣା ଦେବ ବୋଲି ମୌନଧ୍ୱନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ବିନ୍ଦୁ ବିନୋଦନ ମତବ୍ୟକ୍ତ କରିଛନ୍ତି।

**ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରୟାସ ଜାରିରଖିଛି ମୌନଧ୍ୱନି ଫାଉଣ୍ଡେସନ**

# ନାଖରା ସେତୁର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ ଓ ଏସ୍‌ପି



**ବୈଶିଙ୍ଗା, ୨୭।୭ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବୈଶିଙ୍ଗା-ଉଦଳା ଏମ୍‌ଡିଆର-୭୦ପୂର୍ତ୍ତ ବିଭାଗ ରାସ୍ତାର ନାଖରାରେ ଥିବା ପୁରୁଣା ବୁଢ଼ାବଳଙ୍ଗ ସେତୁ ଏହି ବନ୍ୟାଜଳରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ବିପଦ ଟାଳିବା ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ପୋଲର ମାଣତ୍ରୀ ପାର୍ଶ୍ୱରେ ଧସୁଥିବା ଅତଡା ରୋକିବା ପାଇଁ ବାଲିବସ୍ତା ଦିଆଯାଇଥିଲେ ହେଁ ତାହା ଭସାଇନେଉଛି। ପୂର୍ବ ବନ୍ୟା ସମୟରେ ଅତଡ଼ା ଖସି ସୃଷ୍ଟି ହୋଇଥିବା ଘାଇ ନିକଟରେ ନଦୀଜଳ ଭଉଁରୀ କାଟି ପ୍ରବାହିତ ହେଉଥିବା ଯୋଗୁଁ ଅଞ୍ଚଳବାସୀ ଚିନ୍ତାରେ ଅଛନ୍ତି। ଗତବର୍ଷ ପାଟଲିପୁରା, ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡଳି, ଶାଳଗାଁ, ଦେବସ୍ଥଳୀ, ଡେଁଫଉଦା, ଖଣ୍ଡଦେଉଳା ଆଦି ତଳିଆ ଅଞ୍ଚଳର ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରନ୍ତୁ ପୂର୍ତ୍ତବିଭାଗ ଗୁରୁତ୍ୱ ଦେଇନଥିଲା। ଏଠାରେ ଏକ ନୂତନ ପୋଲ ନିର୍ମାଣ ହେବାକୁ ଥିବା ବେଳେ ସେ ପର୍ଯ୍ୟନ୍ତ ପୁରୁଣା ପୋଲର ସୁରକ୍ଷା ଗୁରୁତ୍ୱ ପୂର୍ଣ୍ଣ। ବନ୍ୟାଞ୍ଚଳ ଗସ୍ତ ସମୟରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଅଧିକାରୀ ମାନଙ୍କ ସହିତ ଆସି ସ୍ଥିତି ପରଖିଛନ୍ତି। ତୁରନ୍ତ ପଥର ପ୍ୟାକିଂ ପାଇଁ ପୂର୍ତ୍ତବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନଦୀରେ ବନ୍ୟାଜଳ କମିବା ପର୍ଯ୍ୟନ୍ତ ସତର୍କ ରହିବା ପାଇଁ ସ୍ଥାନୀୟ ପାଟଲିପୁରା ସରପଞ୍ଚ ମମତା ନାଏକ, ରାଜସ୍ୱ ନିରୀକ୍ଷକ, ବେତନଟୀ ଓ ବଡ଼ସାହି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବାର ସୂଚନା ମିଳିଛି। ତେବେ ବର୍ଷା ଋତୁ ପରେ ଏହି ଘାଇର ସ୍ଥାୟୀ ସମାଧାନ ପାଇଁ ଗଭୀର ସୁରକ୍ଷା ପିଲର ନିର୍ମାଣ ହେବା ଜରୁରୀ ହୋଇପଡ଼ିଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

**ସରକାରୀ ବସ୍‌ରୁ ଡିଜେଲ ଚୋରି ସନ୍ଦେହ**

# ବ୍ଲକ୍ ପରିସରରୁ ପ୍ଲାଷ୍ଟିକ ଜାର୍ ଉଦ୍ଧାର



**ମହୁଲଡିହା, ୨୭।୭ (ସମିସ):** ଠାକୁରମୁଣ୍ଡା ବ୍ଲକ ପରିସରରେ ରହୁଥିବା ଓଏସ୍‌ଆରଟିସି ବସ୍‌ରୁ ତେଲ ଚୋରି ହୋଇଥିବା ନେଇ ସନ୍ଦେହ କରାଯାଇଛି। ରାତିରେ ତେଲ ବାହାର କରି ବ୍ଲକ ପରିସରରେ ଲଟା ଭିତରେ ଲୁଚାଇ ରଖିଥିବା ବେଳେ ପୁଲିସ ପ୍ଲାଷ୍ଟିକ ଜାରଗୁଡ଼ିକୁ ଉଦ୍ଧାର କରିଛି। ଚୋରି ହୋଇଥିବା ଜାଣିବା ପରେ ପୁଲିସ ବସ୍ କର୍ମଚାରୀଙ୍କୁ ପଚରାଉଚୁରା ଜାରିରଖିଛି। ତେବେ ରାତିରେ ଚୋରି ହୋଇଥିବାରୁ ସୁପରଭାଇଜରଙ୍କ ଏଥିରେ ସମ୍ପୃକ୍ତ ବୋଲି କର୍ମଚାରୀମାନେ କହିଛନ୍ତି। ଘଟଣାରୁ ପ୍ରକାଶ, ଠାକୁରମୁଣ୍ଡା ବ୍ଲକରେ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବା ସରକାରୀ ବସ୍ ସକାଳୁ ଚଳାଚଳ ପରେ ବ୍ଲକ ପରିସରରେ ରହିଥାଏ। ସନ୍ଧ୍ୟା ୬ଟା ବେଳକୁ ବ୍ଲକ ପରିସର ଶୂନଶାନ ହୋଇଯାଇଥାଏ। ତେଣୁ ଗାଡିରୁ ତେଲ ଚୋରି କରିବା ସହଜ ହୋଇଥାଏ। ଏହି ଚୋରି ଜାଣିବା ପରେ ବିଡିଓ ଥାନାକୁ ଜଣାଇଥିଲେ। ସିସିଟିଭି ଆଧାରରେ କେଉଁ ବସରୁ ତେଲ ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ଖୋଳତାଡ଼ ଜାରି ରଖିଛି। ଗାଡ଼ିଷ୍ଟାଣ୍ଡରେ ପହଞ୍ଚିବା ପରେ ସୁପରଭାଇଜରକୁ ଚାବି ହସ୍ତାନ୍ତର କରି ଷ୍ଟାଫ୍ ଚାଲିଯାଉଥିବା କହିଥିଲେ। ତେଣୁ ଚୋରି ହୋଇଥିଲେ କେବଳ ସୁପରଭାଇଜର ହିଁ ସମ୍ପୃକ୍ତ ବୋଲି ଡ୍ରାଇଭରମାନେ କହିଛନ୍ତି।

# କୋର୍ଟ ପରିସର ରାସ୍ତା ବେହାଲ



**ରାଇରଙ୍ଗପୁର, ୨୭।୭ (ସମିସ):** ରାଇରଙ୍ଗପୁର ପୌର ପରିଷଦ ଅଧୀନ କଚେରୀ ପାଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିଠାରୁ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷାଜଳ ପ୍ରବାହିତ ହେଉଛି। ଏହି ରାସ୍ତାଟି ଆଜକୁ ମାସେ ହେବ ପାଣିରେ ବୁଡ଼ି ରହିଛି। ପାଣି ନିଷ୍କାସନ ନିମନ୍ତେ ଡ୍ରେନ ନ ଥିବାରୁ ଲୋକେ ପାଣିରେ ଯିବାଆସିବା କରୁଛନ୍ତି। ଓକିଲସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କୁ ଏନେଇ ମତାମତ ଲୋଡିବାରୁ ବହୁବାର ପୌର ଅଧିକାରୀ, ନଗରପାଳ ଓ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବି କାମ ତ୍ୱରାନ୍ୱିତ ହେଉନି ବୋଲି କହିଛନ୍ତି। ଏନେଇ ଏକ ସାଧାରଣସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

# ମୟୂରଭଞ୍ଜ ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ଯୋଜନା



- **ରବିରେ ୪୨ପ୍ରତିଶତ ସଫଳତା**
- **ଖରିଫରେ ୧୧, ୪୦୦ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ**

**ବାରିପଦା, ୨୭।୭ (ସମିସ):** ମିଲେଟ ବା ମାଣ୍ଡିଆ ଚାଷକୁ ବ୍ୟାପକ କରି ଜିଲ୍ଲାର ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରୋଜଗାର ଉଦ୍ଦେଶ୍ୟରେ ଶ୍ରୀଅନ୍ନ ଯୋଜନା ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରେ କାର୍ଯ୍ୟକରୁଛି। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବ୍ଲକରେ ବିଭିନ୍ନ ଗୋଷ୍ଠୀ ଦ୍ୱାରା ପରିଚାଳିତ ବିହନ କେନ୍ଦ୍ରକୁ ସଶକ୍ତ କରିବା, କୃଷି ଉତ୍ପାଦକ ସଂଗଠନର ଗଠନ, ଅଂଶଗ୍ରହଣକାରୀ ଭେରିଏଟାଲ୍ ଟ୍ରାଏଲ୍ ମାଧ୍ୟମରେ ମାଣ୍ଡିଆର ସର୍ବୋତ୍ତମ ସ୍ଥାନୀୟ କିସମର ଚୟନ, କିଓସ୍କ ଇତ୍ୟାଦି ମାଧ୍ୟମରେ ମାଣ୍ଡିଆ ବ୍ୟବହାର ଏବଂ ପଦୋନ୍ନତି ଉପରେ ରଣନୀତି, ଏସ୍‌ଏଚ୍‌ଜି ସହିତ ଆଲୋଚନା ମାଧ୍ୟମରେ ଜୈବ ସାର ପ୍ରସ୍ତୁତି ଏବଂ ଏହାର ବଣ୍ଟନକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ ଉଦ୍ୟୋଗୀମାନଙ୍କ ସହିତ ଜଡିତ ପ୍ରକ୍ରିୟାକରଣ ୟୁନିଟ୍ ଚିହ୍ନଟ ଆଦି ନୂତନ ବ୍ୟବସ୍ଥା ସମେତ ପରମ୍ପରାଗତ କୃଷି ବିକାଶ ଯୋଜନାକୁ ଗୁରୁତ୍ୱ ଦେବା ପାଇଁ ଗତ ରବି ଋତୁରେ ଜିଲ୍ଲାର ୨୬ଟି ବ୍ଲକରେ ୨୦୦୦ ହେକ୍ଟର ଜମିରେ ପାରମ୍ପରିକ ଚାଷ ଲକ୍ଷ୍ୟ ରହିଥିଲା। ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ୧୧ଟି ଏଜେନ୍ସି ବା ସ୍ୱେଚ୍ଛାସେବୀ ସଙ୍ଗଠନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁବନ୍ଧିତ କରାଯାଇଥିଲା। ପରନ୍ତୁ ତା'ସତ୍ତ୍ୱେ ୪୨ ପ୍ରତିଶତ ଅର୍ଥାତ ୮୪୧.୯ହେକ୍ଟର ଜମିରେ ଫସଲ ହୋଇଥିଲା। ଦୁଲାଲ ଏଜେନ୍ସି ଅନୁବନ୍ଧିତ ବିଜାତଳା ବ୍ଲକ ୧୧୦ପ୍ରତିଶତ ସଫଳତା ଆଣିଥିବା ବେଳେ କ୍ରେଫ୍ଟଡା ଅନୁବନ୍ଧିତ ଯଶିପୁର ବ୍ଲକରେ ସର୍ବନିମ୍ନ ୧୬.୮୦ ପ୍ରତିଶତ ଜମିରେ ଚାଷ ସମ୍ଭବ ହୋଇଥିଲା। ଏହିରତୁରେ ଟିଡିସିସି ଜରିଆରେ ୧୬ଟି ଏଫପିଓରୁ ୩୦୬୪ଜଣ କୃଷକ ୧୮ହଜାର ୬୭୫କୁଇଣ୍ଟାଲ ମାଣ୍ଡିଆ ବିକ୍ରୟ କରିଛନ୍ତି। ଚଳିତ ଖରିଫ ଋତୁରେ ଯଶିପୁର ବ୍ଲକରେ ସର୍ବାଧିକ ୧୧୬୦ହେକ୍ଟର ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ବହଳଦା, ଜାମଦା, ଗୋପବନ୍ଧୁନଗର ଓ ଶୁକ୍ରୁଳି ବ୍ଲକରେ ସର୍ବନିମ୍ନ ୪୮୦ହେକ୍ଟର ଲେଖାଏଁ ଜମିରେ ଚାଷ ହେବା ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିପରି ବିଶୋଇ ଓ ବାଙ୍ଗିରିପୋଷି ବ୍ଲକରେ ୧୦୪୦ହେକ୍ଟର ଲେଖାଏଁ, ରରୁଆଁ ଓ ବିଜାତଳା ବ୍ଲକରେ ୭୦୦ହେକ୍ଟର ଲେଖାଏଁ, କୁସୁମୀ, ମୋରଡା ଓ ତିରିଂ ବ୍ଲକରେ ୬୯୫ହେକ୍ଟର ଲେଖାଏଁ, ଶୁଳିଆପଦା, ଠାକୁରମୁଣ୍ଡା, ରାଇରଙ୍ଗପୁର ଓ କରଞ୍ଜିଆ ବ୍ଲକରେ ୬୯୦ହେକ୍ଟର ଲେଖାଏଁ ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ ରହିଛି ବୋଲି ଜିଲ୍ଲା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଲକ୍ଷ୍ୟଧାର୍ଯ୍ୟ ଶତପ୍ରତିଶତ ହାସଲ ଦିଗରେ ଅନୁବନ୍ଧିତ ଏଜେନ୍ସି ବା ସ୍ୱେଚ୍ଛାସେବୀ ସଂଗଠନ ସାହାଯ୍ୟରେ ଉଦ୍ୟମ ଜରୁରୀ ବୋଲି ଜିଲ୍ଲାପାଳ ହେମକାନ୍ତ ସ୍ୱୟ କୃଷି ନିର୍ଦ୍ଧାରଣ ବୈଠକରେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ଚେକ୍ ବାଉନ୍ସ ମାମଲାର ସମାଧାନ

**ବାରିପଦା, ୨୭।୭ (ସମିସ):** ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା କୋର୍ଟ ପରିସରରେ ଚେକ ବାଉନ୍ସ ସମ୍ବନ୍ଧିତ ମାମଲାଗୁଡ଼ିକର ଫଏସଲା ପାଇଁ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫୧ଟି ମାମଲା ମଧ୍ୟରୁ ୭ଟି ମାମଲାର ଅପୋଷ ବିଚାର ହୋଇ ୫ଲକ୍ଷ ୬୯ହଜାର ୭୨୪ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁମନ କୁମାର ମିଶ୍ର, ଏସଡିଜେଏମ ଜୁୱେଲ ପଟ୍ଟନାୟକ, ଜେଏମଏଫସି-୧(କକ୍ ଟେକିଂ) ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ପ୍ରଦୀପ କୁମାର ଜେନା ଓ ବିଶାଳ ରାମ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

**ଶିକ୍ଷକଙ୍କ ବଦଳି ତାଲିକା ପ୍ରକାଶରେ ବିଳମ୍ବ**

# ଆଶା ଆଶଙ୍କାରେ ଘାଣ୍ଟି ହେଉଛନ୍ତି ଆଶାୟୀ

**ରାଇରଙ୍ଗପୁର, ୨୭।୭ (ସମିସ):** ଚଳିତବର୍ଷ ମାଧ୍ୟମିକ ଶିକ୍ଷକଙ୍କ ବଦଳିରେ ଅହେତୁକ ବିଳମ୍ବ ଦେଖାଦେଇଛି। ମାଧ୍ୟମିକ ନିର୍ଦ୍ଦେଶାଳୟର ଚିଠି ଅନୁସାରେ ଜୁନ ୨୬ରୁ ୩୦ ତାରିଖ ମଧ୍ୟରେ ଅନଲାଇନରେ ଆବେଦନ କରିଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇ ଜୁଲାଇ ୧ରୁ ୭ ମଧ୍ୟରେ ସମ୍ପୃକ୍ତ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦାନ କରିବା କଥା; କିନ୍ତୁ ୨୫ ତାରିଖ ସୁଦ୍ଧା ବଦଳି ଆଦେଶ ପ୍ରକାଶ ପାଇ ନଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗ ନିଜେ ପ୍ରସ୍ତୁତ କରିଥିବା କ୍ୟାଲେଣ୍ଡରକୁ ମାଧ୍ୟମିକ ନିର୍ଦ୍ଦେଶାଳୟ ଅନୁପାଳନ ନ କରିବା ସମନ୍ୱୟର ଅଭାବକୁ ପ୍ରକାଶ କରୁଛି। ଶିକ୍ଷକ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ଗଣଶିକ୍ଷା ମନ୍ତ୍ରୀଙ୍କୁ ନିଜର ଦୁଃଖ ଜଣାଇଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ସୂଚନାଯୋଗ୍ୟ ଯେ, ୨୦୨୫-୨୬ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷକଙ୍କ ବଦଳି ଗତ ମଇ ୧୫ ତାରିଖରୁ ଆବେଦନ ଆରମ୍ଭ ହୋଇ ଜୁନ ଶେଷ ସୁଦ୍ଧା ସମାପ୍ତ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଥିଲେ। କିନ୍ତୁ ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ ବଦଳି ନିର୍ଦ୍ଦେଶ ନ ପାଇ ଶିକ୍ଷକ ଶିକ୍ଷୟିତ୍ରୀ ହନ୍ତସନ୍ତ ହେଉଛନ୍ତି। ନିଜ ଛୁଆ ମାନଙ୍କର କେଉଁ ବିଦ୍ୟାଳୟରେ ଆଡ଼ମିଶନ କରିବେ ସ୍ଥିର କରିନପାରି ମାନସିକ ଚାପରେ ରହୁଛନ୍ତି।

# ଉଦଳା କଲେଜରେ ଖୋଲିଲା ୫ଟି ସ୍ନାତକୋତ୍ତର ବିଭାଗ




**ବାରିପଦା, ୨୭।୭ (ସମିସ):** ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ପତ୍ର ଅନୁଯାୟୀ ଉଦଳା ମହାବିଦ୍ୟାଳୟରେ ୫ଟି ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲିବା ନିମନ୍ତେ ଅନୁମତିପ୍ରାପ୍ତ ହୋଇଛି। ପ୍ରାଣୀବିଜ୍ଞାନ, ରସାୟନ ବିଜ୍ଞାନ, ଶିକ୍ଷା, ଇଂରାଜୀ ଏବଂ ଓଡ଼ିଆ ବିଭାଗରେ ସ୍ନାତକୋତ୍ତର ବିଭାଗ ଖୋଲି। ଫଳରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆଉ ଦୂରଦୂରାନ୍ତରକୁ ଯିବାକୁ ପଡ଼ିବ ନାହିଁ ଏବଂ ଖର୍ଚ୍ଚାନ୍ତ ହେବେନାହିଁ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଯତୀନ କୁମାର ମହାକୁଡ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଉଦଳା ବିଧାୟକ ଏବଂ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା କପ୍ତିପଦା ଉପଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଲ୍ଲେଖ ଥାଉକି ଏହି ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଆଶାୟୀ ଶିକ୍ଷାର୍ଥୀଙ୍କୁ ସାମ୍‌ସ ମାଧ୍ୟମରେ ଆବେଦନ କରିବାକୁ ହେବ। ତେବେ ଏଠାରେ ନାମ ଲେଖାଇବା ପାଇଁ ସର୍ବନିମ୍ନ ଦେୟ ଧାର୍ଯ୍ୟ କାରାଯାଇଅଛି ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ରଞ୍ଜନ ନନ୍ଦ ବିଶୋଇ ବ୍ଲକ୍ ନୂତନ ବିଜେଡି ସଭାପତି



**ବିଶୋଇ, ୨୭।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନମଣ୍ଡଳୀ ଅଧୀନ ବିଶୋଇ ବ୍ଲକରେ ବିଜୁ ଜନତା ଦଳର ନୂତନ ବ୍ଲକ ସଭାପତି ଭାବରେ ରଞ୍ଜନ କୁମାର ନନ୍ଦ ମନୋନୀତ ହୋଇଛନ୍ତି। ଦଳର ସୁପ୍ରିମ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ନନ୍ଦଙ୍କୁ ବିଶୋଇ ବ୍ଲକର ନୂତନ ଦଳୀୟ ସଭାପତି ଭାବରେ ନିଯୁକ୍ତି କରାଯାଇଛି। ଶ୍ରୀ ନନ୍ଦ ୧୯୯୫-୯୬ ମସିହାରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଛାତ୍ର ସଂସଦ ସଭାପତି ଭାବରେ ନିର୍ବାଚିତ ହୋଇ ସେହିଦିନରୁ ସକ୍ରିୟ ରାଜନୀତିରେ ରହି ଆସିଛନ୍ତି। ପରବର୍ତ୍ତୀ ସମୟରେ ବିଜେଡି ଦଳରେ ଦୀର୍ଘ ବର୍ଷ ଧରି ଜଣେ ଆଗଧାଡ଼ିର ନେତା ରହି ଦଳର ବିଭିନ୍ନ କର୍ଯ୍ୟଭାର ତୁଲାଇଛନ୍ତି। ୨୦୨୪-୨୫ ବର୍ଷରେ ବିଜୁ ଜନତା ଦଳର ବିଶୋଇ ବ୍ଲକ ୩୩ ନଂ ଜୋନ ସଂଯୋଜକ ସହିତ ସାନପୁରୁଣାପାଣି ପଞ୍ଚାୟତରେ ଯୁବ ସଭାପତି ଭାବରେ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକ ଶ୍ରୀ ନନ୍ଦଙ୍କ ଉପରେ ଆସ୍ଥା, ବିଶ୍ୱାସ ପ୍ରକଟ କରି ବିଶୋଇ ବ୍ଲକ ସଭାପତି ଦାୟିତ୍ୱଭାର ଦେଇଥିବାରୁ ଶ୍ରୀ ନନ୍ଦ ବିଜେଡି ସୁପ୍ରିମ ଶ୍ରୀ ପଟ୍ଟନାୟକ ତଥା ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ବିଶୋଇ ବ୍ଲକ ବିଜେଡିର ତୃଙ୍ଗ, ମହିଳା, ଯୁବ ଓ ଛାତ୍ର ନେତୃବୃନ୍ଦଙ୍କୁ ଏକତ୍ରିତ କରି ଦଳକୁ ତୃଣମୂଳସ୍ତରରେ ସଦୃଢ଼ କରିବା ସହିତ ଦଳକୁ ଶିଖରରେ ପହଞ୍ଚାଇବା ପାଇଁ ଶ୍ରୀ ନନ୍ଦ ସଂକଳ୍ପବୋଧ କରିଛନ୍ତି।

**ଏମ୍‌ସିଏମ୍‌ରେ ଜାତୀୟ କର୍ମଶାଳା**

# ଗବେଷଣା ମୂଳକ ଶିକ୍ଷାକୁ ଗୁରୁତ୍ୱ




ବାରିପଦା, ୨୭।୭ (ସମିସ)

ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍)ର ଆଇକ୍ୟୁଏସି ସେଲ ଓ ଅଖିଳ ଭାରତୀୟ ଅଲିଚିକି ଛାତ୍ର ସଂଘର ମିଳିତ ଅନୁକୂଲ୍ୟରେ ଦିନିକିଆ ଜାତୀୟ କର୍ମଶାଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଆବାହକତ୍ୱରେ ସକାଳ ୯ଟାରେ ଆରମ୍ଭ କରାଯାଇଥିଲା। ସାନ୍ତାଳୀ ରୀତିନୀତି ସହ ପୂଜା ଓ ବନ୍ଦାପନା କରି ସମସ୍ତ ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅଖିଳ ଭାରତୀୟ ଅଲିଚିକି ଛାତ୍ର ସଂଘର ସଭାପତି ସିରୁ ସୋରେନ ସଭାପତିତ୍ୱ କରିଥିଲେ। ଏଥିରେ ଏମ୍‌ପିସି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପଦ୍ମଶ୍ରୀ ଡ଼ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାନ୍ତାଳୀ ଭାଷାରେ ପାଠ ପଢ଼ି ସର୍ବ ଭାରତୀୟସ୍ତରରେ କିପରି ବିଭିନ୍ନ କ୍ଷେତ୍ରରେ ଆଗୁଆ ହୋଇପାରିବେ ତାର ଉପାୟ କହିବା ସହ ଗବେଷଣା ମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ କହିଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ମୁଖ୍ୟ ପ୍ରଫେସର ଡ଼ ଯତୀନ୍ଦ୍ର ନାଥ ବେଶ୍ରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାନ୍ତାଳୀ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପାଠ୍ୟ ବିଷୟ, ଦେଶ ବିଦେଶର ବିଶ୍ୱବିଦ୍ୟାଳୟରେ ଥିବା ସୁଯୋଗ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଭାରତ ଜକତ ସାନ୍ତାଳୀ ପାଠୁଆ ଗାଉଁତା (ବିଜେଏସପିଜି) ସଂଗଠନର ପଶ୍ଚିମବଙ୍ଗ ମୁଖ୍ୟ ବିନୋଦ ମାର୍ଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଲିଚିକି ଭାଷା ଆନ୍ଦୋଳନର ଇତିହାସ ସମ୍ପର୍କରେ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୁଲ ସନ୍ଦେଶ ସାପ୍ରବ କମିଟିର ପଶ୍ଚିମବଙ୍ଗ ସଭାପତି ବିମଳ ଚନ୍ଦ୍ର ସୋରେନ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ଼ ସୁନାରାମ ସୋରେନ, ହୁଲ ସନ୍ଦେଶ ସାପ୍ରବ କମିଟି ପଶ୍ଚିମବଙ୍ଗ ଶାଖାର ସମ୍ପାଦକ ହେମନ୍ତ ହେମ୍ବ୍ରମ, ଏମସିଏଏମର ଆଇନ ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା, ସାନ୍ତାଳୀ ବିଭାଗ ଅଧ୍ୟାପକ ସିରାମ ଟୁଡୁ, ଫକୀରମୋହନ ବିଶ୍ୱ ବିଦ୍ୟାଳୟର ସାନ୍ତାଳୀ ଅଧ୍ୟାପିକା ସୁମିତ୍ରା ଟୁଡୁ, ରାଇରଙ୍ଗପୁରର ବରିଷ୍ଠ ଓକିଲ ମାଝି ମୁର୍ମୁ, ଅଖିଳ ଭାରତୀୟ ଅଲିଚିକି ଛାତ୍ର ସଂଘଠନର ସମ୍ପାଦକ ମଝିଆ ମାରାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାନ୍ତାଳୀ ଭାଷାର ଉନ୍ନତି, ସଂସ୍କୃତି ଓ ଭବିଷ୍ୟତ ବିଷୟରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ଼ ଠାକୁରା ଚରଣ ମାରାଣ୍ଡି ଅତିଥି ପରିଚୟ ଦେଇଥିବା ବେଳେ ଅଲିଚିକି ଶିକ୍ଷକ ବାଧ ମୁମୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ତିନୋଟି ଗ୍ରୁପରେ ଭାଗ କରାଯାଇ ଛାତ୍ରଛାତ୍ରୀଙ୍କୁ ସାନ୍ତାଳୀ ଭାଷାର ପ୍ରୟୋଗ ଉପରେ ଶିକ୍ଷା ଦିଆଯାଇଥିଲା। ତୃତୀୟ ଅଧିବେଶନରେ ସାନ୍ତାଳୀ ବ୍ୟାକରଣ, ସଂସ୍କୃତି, ଲେଖନ ପଦ୍ଧତି, ଉଚ୍ଚ ଶିକ୍ଷାରେ ଏହାର ବ୍ୟବହାରିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ସାନ୍ତାଳୀ ଛାତ୍ରଛାତ୍ରୀ କବିତା ଆବୃତ୍ତି କରିଥିଲେ। ଜାତୀୟ କର୍ମଶାଳାରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଧ୍ୟାପକ ରଞ୍ଜିତ ମାରାଣ୍ଡି, ସମ୍ବିତ ମିଶ୍ର, ଅଧ୍ୟାପିକା ଲକ୍ଷ୍ମୀ ଚାପିଆର, କବିତା ସାହୁ, ପ୍ରତିଭା ଦାସ, ଅଭିଲିପ୍ସା ଗିରି, କିରଣବାଳା ବାସ୍କେ, ସୁଜାତା ପାଲ, ତୃପ୍ତି ଦାସ ଓ ରୀନା ମହାନ୍ତ ପ୍ରମୁଖ ସହାୟତା କରିଥିଲେ।



# ମୟୂରଭଞ୍ଜରେ କମୁଛି ବନ୍ୟାଜଳ; ବଢୁଛି ଦୁର୍ଦ୍ଦଶା





**ବାରିପଦା, ୨୭।୭ (ସମିସ)**

ଲଘୁଚାପ ଜନିତ ବର୍ଷା କମିବା ପରେ ରବିବାର ଠାରୁ ମୟୂରଭଞ୍ଜର ପ୍ରମୁଖ ନଦୀଗୁଡ଼ିକର ବନ୍ୟାଜଳ ହ୍ରାସ ପାଇଛି। ତେବେ ନଦୀ ସଂଲଗ୍ନ ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ବର୍ଷା ଓ ବନ୍ୟା ପାଣି ପାଇଁ ଖରିଫ ଧାନ, ଅଣଧାନ ଓ ପନିପରିବା ଚାଷ ପ୍ରଭାବିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଅବ୍ୟାହତ ଥିବାବେଳେ କ୍ଷୟକ୍ଷତିର ଆକଳନ ଜାରିରହିଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ମୋରଡ଼ା, ଶୁଳିଆପଦା, ସାରସକଣା, ବାରିପଦା, ଜାମଦା, କୁସୁମୀ, ବହଳଦା, ତିରିଂ, ରାଇରଙ୍ଗପୁର, ରରୁଆଁ, ଶୁକ୍ରୁଳି, କପ୍ତିପଦା ଓ ରାସଗୋବିନ୍ଦପୁର ଆଦି ୧୩ଟି ବ୍ଲକର ୨୫ଟି ପଞ୍ଚାୟତର ୩୫ରୁ ଅଧିକ ଗ୍ରାମର ୩୩୪୪ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୭ଟି ରିଲିଫ କେନ୍ଦ୍ରରେ ପାଖାପାଖି ୨୫୦୦ ଲୋକଙ୍କୁ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। ୨ଟି ଅଗ୍ନିସେବା, ୩ଟି ଓଡ୍ରାଫ, ଗୋଟିଏ ସ୍ୱାସ୍ଥ୍ୟ ଓ ଗୋଟିଏ ପ୍ରାଣୀଧନ ଚିକିତ୍ସା ଦଳ ନିୟୋଜିତ ରହିଛନ୍ତି ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ କହିଛନ୍ତି।

## ୧୩ଟି ବ୍ଲକ୍‌ର ୩୩୪୪ ଜଣ ପ୍ରଭାବିତ

ଝାଡ଼ଖଣ୍ଡ ରାଜ୍ୟ ଗାଲୁଡିହି ଡ୍ୟାମରୁ ପାଣି ଛଡ଼ାହେବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ମାଡ଼ିଯାଇଥିଲା। ଶନିବାର ବିଳମ୍ବିତ ରାତିରେ ଏହି ଜଳ ସାରସକଣା ବ୍ଲକ ଶିର୍ଷା ପଞ୍ଚାୟତ ନେଦା ଓ ବଣଗାଁ ଗ୍ରାମରେ ପ୍ରବେଶ କରିଥିଲା। ଫଳରେ ଉଭୟ ଗାଁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ଲୋକମାନଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ଅନେକ ଚାଷ ଜମିରେ ବାଲିସ୍ତର ପଡ଼ିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସେହିପରି ରବିବାର ଅପରାହ୍ଣ ସୁଦ୍ଧା ରାସଗୋବିନ୍ଦପୁର ବ୍ଲକ ଟିକାୟତପୁର ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ଦେଖାଦେଇଛି। ଗତକାଲି ଜମ୍ବିରା ନଦୀବନ୍ଧ ଭାଙ୍ଗି ରାସଗୋବିନ୍ଦପୁର ବ୍ଲକର ୨୦୦୦ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ସଦର ଉପଜିଲାପାଳ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ଏବଂ ବନ୍ୟା ପରିସ୍ଥିତିର ମୁକାବିଲା କରୁଛନ୍ତି। ବନ୍ୟାଜଳ ସମ୍ପୂର୍ଣ୍ଣ ହ୍ରାସ ପାଇବା ପରେ କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଶ୍ରୀମତୀ ସୁମନ ପ୍ରକାଶ କରିଛନ୍ତି।

# 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ପାଳନ ଆଜି

**ବାରିପଦା, ୨୭।୭ (ସମିସ):** 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ସୋମବାର ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ରାଜ୍ୟର ପ୍ରମୁଖ ସ୍ଥାନରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ଘଟିକାରେ ପାଳନ ହେବ। ପମ୍ପକୁ ଆସୁଥିବା ଗ୍ରାହକଙ୍କୁ ଫଳଚାରା ବଣ୍ଟନ ସହିତ ପରିବେଶ ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗୀକୃତ କରିଥିବା ଶିକ୍ଷକ ସନ୍ତୋଷ କୁମାର ଖଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପାଳନ ଉତ୍ସବରେ ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଥିବାବେଳେ ଜିଲ୍ଲା ଉଦ୍ୟାନକୃଷି ବିଭାଗର ଉପନିର୍ଦ୍ଦେଶକ ଟଙ୍କଧର କାଲୋ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ ବୋଲି ସମ୍ମତି ଜଣାଇଛନ୍ତି। ଅଞ୍ଚଳର ବହୁ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ପମ୍ପର ନିର୍ଦ୍ଦେଶକ, 'ସକାଳ' ଓ 'ନନ୍ଦିଘୋଷ' ପରିବାରର ସଦସ୍ୟଙ୍କୁ ନେଇ ରବିବାର ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।


# କଟୁରିଆ ଏସ୍‌ଏସ୍‌ଡି ସ୍କୁଲରେ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା



**ଶରତ, ୨୭।୭ (ସମିସ):** ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପଛୁଆ ବର୍ଗ ଉନ୍ନୟନ ବିଭାଗ ପରିଚାଳିତ କପ୍ତିପଦା ବ୍ଲକର କଟୁରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କର ବିଦାୟ ସମ୍ବର୍ଦ୍ଧନା ତଥା ନୂତନ ଭାବେ ବିଦ୍ୟାଳୟକୁ ବଦଳି ହୋଇ ଆସିଥିବା ଶିକ୍ଷକ ମାନଙ୍କର ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ଡମ୍ବରୁଧର ମାର୍ଣ୍ଡିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେଶ କୁମାର ଦାଶ ପରିଚାଳନା କରିଥିଲେ। ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଯାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର ଉକ୍ତ ଅନୁଷ୍ଠାନରେ ଦୀର୍ଘବର୍ଷର ଶିକ୍ଷାଦାନ ଅନୁଭୂତି ବାଣ୍ଟିଥିଲେ। ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପ୍ରଧାନଶିକ୍ଷକ ସ୍ୱାଗତ କରିଥିଲେ। ବିଦାୟୀ ଶିକ୍ଷକ ମାନଙ୍କର ଶିକ୍ଷାଦାନ କଥାକୁ ଭରା ହୃଦୟରେ ସହକର୍ମୀ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରୀମାନେ କହିବା ବେଳେ ଭାବଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଦାୟୀ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଚାଳନାରେ ଗୁରୁବାରୀ ସିଂ, ପ୍ରକାଶ କୁମାର ବାରିକ, ସସ୍ମିତା ମଲ୍ଲିକ, ଟିକାଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟରୁ ଚଳିତ ବର୍ଷ ବର୍ଷ ୫ ଜଣ ଶିକ୍ଷକ ୧ ଜଣ ପିଅନଙ୍କର ଅନ୍ୟତ୍ର ବଦଳି ହୋଇଥିବା ବେଳେ ଛାତ୍ରୀନିବାସର ୧ଜଣ ମେଟ୍ରୋନ ଅବସର ଗ୍ରହଣ କରିଛନ୍ତି। ଉକ୍ତ ଶିକ୍ଷକ କର୍ମଚାରୀଙ୍କ ବଦଳରେ ବିଦ୍ୟାଳୟରେ ଆଇଏସି ସିଟି, ହିନ୍ଦୀ, ସଂସ୍କୃତ, କ୍ରୀଡ଼ା ଶିକ୍ଷକ ଓ ପିଅନ ଆଦି ପଦବୀରେ ବଦଳି ପ୍ରାପ୍ତ କର୍ମଚାରୀମାନେ ଯୋଗଦାନ କରିସାରିଛନ୍ତି। ଖାଲିଥିବା କନିଷ୍ଠ କିରାଣୀ ପଦବୀ ମଧ୍ୟ ଚଳିତ ବର୍ଷ ପରିପୂରଣ ହୋଇଛି। ଗଣିତ ଶିକ୍ଷକ ଓ ମ୍ୟାଟ୍ରୋନ ପଦବୀ ପାଙ୍କା ପଡ଼ିଥିବା ବେଳେ ଯଥା ଶୀଘ୍ର ପୂରଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶ୍ରୀ ଭଞ୍ଜ ସିଂ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ଆବାସ ପାଲଟିଛି ସାତସପନ; ଭଙ୍ଗା କୁଡ଼ିଆରେ ବିତୁଛି ଦିନ

**କରଞ୍ଜିଆ, ୨୭।୭ (ସମିସ):** କରଞ୍ଜିଆ ବ୍ଲକ ଅଫିସରୁ ୩କିମି ଦୂର ରଣମତଳା ଗ୍ରାମର ବାଦାମଶାଳ ନିକଟରେ ରହୁଥିବା ଦିବ୍ୟାଙ୍ଗ ବ୍ୟକ୍ତି ଦେବଲାଲ ବାରିକଙ୍କ ପକ୍ଷେ ବଞ୍ଚିବା ଏବେ ଦୁର୍ବିସହ ହୋଇପଡ଼ିଛି। ଦେବଲାଲଙ୍କ ଏକ ଛୋଟ ପରିବାର କହିଲେ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ। ସଂସାର କହିଲେ ଏକ ଭଙ୍ଗା କୁଡ଼ିଆରେ ସମସ୍ତେ ରହୁଥିଲେ। ପରିବାରର ରୋଜଗାରକ୍ଷମ ବ୍ୟକ୍ତି କହିଲେ ସ୍ତ୍ରୀ ବାସନ୍ତୀ ବାରିକ। ଦେବଲାଲ ଜନ୍ମରୁ ଦିବ୍ୟାଙ୍ଗ। ଗତ ତିନିବର୍ଷ ତଳେ ତାଙ୍କ କୁଡ଼ିଆଟି ନଷ୍ଟ ହୋଇଥିଲା। ବାରମ୍ବାର ବିଡିଓ ଓ ରାଜସ୍ୱ ଅଧିକାରୀଙ୍କୁ କହି ଇନ୍ଦିରା ଆବାସ ଘରଟିଏ ପାଇଁ ଆବେଦନ ନିମନ୍ତେ ସେ ଗୁହାରି କରିଥିଲେ ହେଲେ କେହି ଶୁଣିଲେ ନାହିଁ। ଫଳରେ ଦେବଲାଲ ସେହି ଭଙ୍ଗା କୁଡ଼ିଆରେ ଛିଡ଼ା ଟାରପାଲିନ ପକାଇ ରହୁଥିଲେ। ଇନ୍ଦିରା ଆବାସ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ହୋଇପଡ଼ିଥିଲା। ଗତ ଲଗାଣ ବର୍ଷାରେ ତାଙ୍କ ଭଙ୍ଗା କୁଡ଼ିଆଟି ଆଜି ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ଏବେ ସେ ଖୋଲା ଆକାଶ ତଳେ ସ୍ତ୍ରୀ ପିଲାଙ୍କୁ ନେଇ ରହିବାକୁ ବାଧ୍ୟ ହୋଇଛନ୍ତି। ଏହାବ୍ୟତୀତ ଦେବଲାଲ ପଞ୍ଚାୟତରେ ବହୁବାର ଅନ୍ତ୍ୟୋଦୟ ଯୋଜନାରେ ରେସନ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନଥିବା ଅଭିଯୋଗ ହେଉଛି।



# ଶିଶୁ କିଶୋର ପତ୍ରିକା 'କଇଁଫୁଲ'ର ୨୧ତମ ସଂଖ୍ୟା ଉନ୍ମୋଚିତ




**ବୈଶିଙ୍ଗା/ବେତନଟୀ, ୨୭।୭ (ସମିସ):** ବେତନଟୀ ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'କଇଁଫୁଲ'ର ୨୧ତମ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ବେତନଟୀ ବ୍ଲକ ଅଧୀନ ସଇତପୁର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଓଷ୍ଟା ସମ୍ପାଦକ ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ, କଇଁଫୁଲର ସମ୍ପାଦକ ପର୍ଶୁରାମ ସାହୁ, ସଭାପତି କବି ଭାସ୍କର ଦ୍ୱିବେଦୀ, ମୀନକେତନ ମହାନ୍ତି, ଶିକ୍ଷକ ଗଜେନ୍ଦ୍ର ନାଥ ମହାନ୍ତଙ୍କ ସହ ଛାତ୍ର ସୁମନ ମହାନ୍ତ ଓ ଛାତ୍ରୀ ହରିପ୍ରିୟା ମହାନ୍ତ ଏହି ପତ୍ରିକାକୁ ଉନ୍ମୋଚନ କରିଥିଲେ। ଶିକ୍ଷକ କୁଶଧର ମହାନ୍ତ, ଅନିଲ କୁମାର ମହାନ୍ତ, ସୁଶାନ୍ତ ମହାନ୍ତି, ଜଳଧର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବରିଷ୍ଠ ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଗୋମାଂସ ବିକ୍ରି ମାମଲାରେ ୪ ଜଣଙ୍କୁ କୋର୍ଟଚାଲାଣ

**ରାଇରଙ୍ଗପୁର/ବିଶୋଇ, ୨୭।୭ (ସମିସ):** ବାମନଘାଟୀ ଉପଖଣ୍ଡରେ ବିଭିନ୍ନ ସାପ୍ତାହିକ ହାଟରେ ଅବାଧ ଗୋମାଂସ ବିକ୍ରିନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ପୁଲିସ ମଧ୍ୟ ଏଥିପ୍ରତି କଠୋର ହେଉଛି। ସୂଚନାଯୋଗ୍ୟ ବିଶୋଇ ଥାନା ଅନ୍ତର୍ଗତ ବିଶୋଇ ସାପ୍ତାହିକ ହାଟରେ କିଛି ଗୋତସ୍କର ଗୋମାଂସ ବିକ୍ରି କରୁଥିବା ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। କିଛି ଗୋତସ୍କର ପୁଲିସକୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ୪ ଗୋତସ୍କରଙ୍କୁ ପୁଲିସ ମାଡ଼ି ବସିଥିଲା। ସେମାନେ ହେଲେ ମାତାରାମ ସୋରେନ, ଧାଙ୍ଗା ନାଏକ, ଜାକତୁ ସୋରେନ ଏବଂ ରାଇମାଳ ନାଏକ। ବିଶୋଇ ପୁଲିସ ସେମାନଙ୍କ ନାମରେ ପଶୁ ହତ୍ୟା ମାମଲା କେଶ ନମ୍ବର ୧୩୬/୨୫ ରୁଜୁ କରି ରବିବାର କୋର୍ଟଚାଲାଣ କରିଛି। ବିଶୋଇ ପୁଲିସର ଏତାଦୃଶ କାର୍ଯ୍ୟକୁ ଗୋପ୍ରେମୀ ଏବଂ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଗୋମାଫିଆଙ୍କ କୋର୍ଟଚାଲାଣ ଶୁଣି ବାମନଘାଟୀ ଉପଖଣ୍ଡର ଗୋତସ୍କରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଘୋଷଣା ପରଠାରୁ ଅସାମାଜିକ, ଆଇନ ବିଶୃଙ୍ଖଳାକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

# ବିଲରେ ଟଳି ପଡ଼ିଲେ ଚାଷୀ

**ରାଇରଙ୍ଗପୁର, ୨୭।୭ (ସମିସ):** ରାଇରଙ୍ଗପୁର ଟାଉନଥାନା ଅଧୀନ ବଡବାଇକଳା ଗ୍ରାମର ଗୁରୁପ୍ରସାଦ ମହାନ୍ତି( ୭୦) ରବିବାର ବିଲକୁ ଚାଷ କାମରେ ଯାଇଥିବା ବେଳେ ହଠାତ୍ ବିଲରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସର୍ପାଘାତରେ ମହିଳା ମୃତ

ରାଇରଙ୍ଗପୁର/ବିଶୋଇ, ୨୭।୭ (ସମିସ): ବିଶୋଇ ଥାନା ଅଧୀନ ମଣଦା ଫାଣ୍ଡି ଅନ୍ତର୍ଗତ ବାଡୁଣିଆ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମୃତ ମହିଳା ହେଲେ କୁନି ନାଏକ(୫୫)। ପୁଲିସ ଏକ ଅପମୃତ୍ୟୁ ମାମଲା ୧୧/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ପିକ୍‌ଅପ୍‌କୁ ଧକ୍କାଦେଇ ଦୁଇ ଗୁରୁତର

ରାଇରଙ୍ଗପୁର, ୨୭।୭ (ସମିସ): ରାଇରଙ୍ଗପୁର-ବହଳଦା ଦେଇ ଯାଇଥିବା ଜାତୀୟ ରାଜପଥ ୨୨୦ ନମ୍ବର୍ ଗମ୍ଭାରିଆ-କାଦୁଆଣୀ ମଝିରେ ଠିଆ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନକୁ ବାଇକ୍ ଧକ୍କା ଦେବାରୁ ବାଇକଚାଳକଙ୍କ ସମେତ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟ ହେଲେ କୁଳମଣି ମଲ୍ଲିକ(ଟୁଲୁ) ଏବଂ ବଙ୍ଗାଳି। ପୁଲିସ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ରାଜ୍ୟସ୍ତରୀୟ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ

# ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କୁ 'ଅଟଳ ଧର୍ମରତ୍ନ' ସମ୍ମାନ



**ବାରିପଦା, ୨୭।୭ (ସମିସ):** ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଓଡ଼ିଶା ଅଟଳ ଯୁବଶକ୍ତି ଆନୁକୂଲ୍ୟରେ କାର୍ଗିଲ ବିଜୟ ଦିବସ ଏବଂ ପୋଖରାନ ପୁରୁଷ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନୂତନ ଚିନ୍ତାଧାରା ନେଇ ଓଡ଼ିଶାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା କରି ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ସ୍ଥାପନ, ମାନବ ଧର୍ମର ପ୍ରବର୍ତ୍ତନ, ଭାରତ ବର୍ଷରେ ନିଆରା ମାସିକ ସନ୍ଥ ଦିବସ ପାଳନ ଏବଂ ସମଗ୍ର ମାନବ ଜାତିକୁ 'ଜୟ ସନ୍ଥ-ଜୟ ସମାଜ' ସ୍ଲୋଗାନର ଉଦ୍‌ଘୋଷକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଅଟଳ ଧର୍ମରତ୍ନ ସମ୍ମାନ' ପ୍ରଦାନ କରିଥିଲେ। ଉତ୍କର୍ଷ ପ୍ରତିଭାମାନେ ତାଙ୍କ ଜୀବନରେ ବଳିଦାନ ଦେଇ ଏବଂ ସମାଜକୁ ଅବଦାନ ଦ୍ୱାରା ଯୁବପିଢ଼ିଙ୍କ ଆଦର୍ଶ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରୀ ବୁଗୁଡ଼େଇଙ୍କ ସହିତ ପଦ୍ମଶ୍ରୀ ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ, ରାଜନେତା ସମୀର ଦାସଙ୍କୁ ଅଟଳ ମିତ୍ର ରତ୍ନ, ଆନ୍ତର୍ଜାତିକ କ୍ରିକେଟ୍ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳରତ୍ନ ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, ସମ୍ପଦ ସ୍ୱାଇଁ ଏବଂ ବହୁ ବିଧାୟକ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଲଳିତେନ୍ଦ୍ର ବିଦ୍ୟାଧର ମହାପାତ୍ରଙ୍କ ଆବାହକତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଖବର ପ୍ରଚାରିତ ପରେ ଶ୍ରୀ ବୁଗୁଡେଇଙ୍କୁ ମୟୂରଭଞ୍ଜ ସ୍କୁଲ ଅଫ୍ ଇଂଜିନିୟରିଂ, ଡିଭାଇନ୍ ଇଂଜିନିୟରିଂ ଅନୁଷ୍ଠାନ, ମୟୂରଭଞ୍ଜ ସିଟିଜେନ ଫୋରମ, ସଦଭାବନା ସମିତି, ଉଦଳା ବାର୍ ଆସୋସିଏସନ୍, କରଞ୍ଜିଆ ଚେତନା ପରିଷଦ କରଞ୍ଜିଆ, ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନ୍, ବେତନଟୀ ପ୍ରତିଭା ପୂଜନ ସଂସ୍ଥାନର ସଦସ୍ୟଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ପାଚେରୀ ଭାଙ୍ଗିଲା; ଅଳ୍ପକେ ବର୍ତ୍ତିଲେ ମାଲିକ

**କରଞ୍ଜିଆ, ୨୭।୭ (ସମିସ):** କରଞ୍ଜିଆ ସହରର ଗଡ଼ସାହିରେ ରହୁଥିବା ଦିଲୀପ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରର ପାଚେରୀ ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେବେ ଶ୍ରୀ ଦାସ ସୌଭାଗ୍ୟକୁ ବର୍ତ୍ତି ଯାଇଛନ୍ତି। ଗତ ଦେଢ଼ମାସ ହେଲା ଗୋଟିଏ ପରେ ଗୋଟିଏ ଲଘୁଚାପ ସୃଷ୍ଟିହୋଇ ଲଗାଣ ବର୍ଷା ଲାଗି ରହୁଛି। ବର୍ଷା ଲାଗିରହୁଥିବାରୁ ଅନେକ ଖାଲ ଅଞ୍ଚଳ ଜଳମଗ୍ନ ରହୁଛି। ଏହାର ପ୍ରଭାବରେ ଘର କାନ୍ଥ, ପାଚେରୀ ସବୁ ଦୁର୍ବଳ ହୋଇପଡୁଛି। ଦିଲୀପ ଦାସ ଜଣେ ସାଧାରଣ ବର୍ଗ ଓ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଦେବା ଲାଗି ସେ ଅନୁରୋଧ କରିଛନ୍ତି।

## ଶ୍ରାବଣରେ ଅପସଂସ୍କୃତି

# ଭକ୍ତି ଓ ଆସ୍ଥା ନାମରେ ବଢ଼ିଚାଲିଛି ଗଞ୍ଜେଇ କାରବାର

**ବାରିପଦା, ୨୭।୭ (ସମିସ)**

ପବିତ୍ର ଶ୍ରାବଣ ମାସରେ ପୂଜାର୍ଚ୍ଚନା ପାଇଁ ଶିବାଳୟରେ ପ୍ରବଳ ଭକ୍ତଙ୍କ ଭିଡ଼ ଜମୁଛି। ଏହାସହିତ ଶ୍ରାବଣ ମାସରେ ଶିବଲିଙ୍ଗରେ ପାଣି ଢାଳିବାକୁ କାଉଡ଼ିଆଙ୍କ ଚଳପ୍ରଚଳ ବଢ଼ିଛି। ତାହାସହିତ ତାଳଦେଇ ଭକ୍ତି ଓ ଆସ୍ଥା ନାମରେ ଅପସଂସ୍କୃତିକୁ ମୁଣ୍ଡେଇ ଗଞ୍ଜେଇ କାରବାର ବଢ଼ିଚାଲିଛି। ଏହାକୁ ରୋକିବାରେ ପୁଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ମାତ୍ରାରେ ଫେଲ୍ ମାରିଛନ୍ତି ବୋଲି ଅଭିଯୋଗ ହେଉଛି। ଶ୍ରାବଣରେ ଶିବଲିଙ୍ଗରେ ପାଣି ଢାଳିଲେ କୋଟିପୁଣ୍ୟର ଫଳ ମିଳିଥାଏ। ତାହାକୁ ପାଥେୟ କରି କାଉଡ଼ିଆମାନେ କାହିଁ କେତେଦୂରରୁ ପାଣି ନେଇ ଶିବାଳୟକୁ ଛୁଟି ଆସନ୍ତି। ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଭାବରେ ମାଣତ୍ରୀର କଖାରୁଆ ବୈଦ୍ୟନାଥ, ବାଙ୍ଗିରିପୋଷି ସିମିଳାର ସିମଳେଶ୍ୱର ଶିବମନ୍ଦିର, ରାସଗୋବିନ୍ଦପୁରର ଦେବଶୋଳ ମନ୍ଦିର, କପ୍ତିପଦାର ଝିଙ୍କେଶ୍ୱର ମନ୍ଦିର ଓ ବାରିପଦାର ବୁଢାରାଉଳ ମନ୍ଦିର ଆଦିକୁ ଅଧିକାଂଶ କାଉଡ଼ିଆମାନେ ପାଣିନେଇ ମହାଦେବଙ୍କୁ ଜଳଲାଗି କରିନ୍ତି। ଇତି ମଧ୍ୟରେ ଭକ୍ତଙ୍କ ଆସ୍ଥାକୁ ନେଇ ଗଞ୍ଜେଇ ଓ ନିଶାଦ୍ରବ୍ୟର ବେପାର ବୃଦ୍ଧି ପାଉଛି। ବେପାରୀମାନେ ସକ୍ରିୟ ହୋଇବେପାର କରୁଥିବା ବେଳେ ଜିଲ୍ଲାକୁ କ୍ୟୁଣ୍ଟାଲ କ୍ୟୁଣ୍ଟାଲ ଗଞ୍ଜେଇ




ଚୋରାଚାଲାଣ ହେଉଛି। ଧର୍ମ ନାମରେ ଗଞ୍ଜେଇ ନିଶାରେ ଅନୈତିକ ବ୍ୟବସାୟ ହେଉଛି। କାଉଡ଼ିଆମାନେ ଯାଉଥିବା ରାସ୍ତା ଓ ଅନ୍ୟାନ୍ୟ ଛକ ମାନଙ୍କରେ ମଧ୍ୟ ପାନ, ଗୁଟୁଖା, ଛୋଟମୋଟ ଦୋକାନ ଆଦିରେ ଗଞ୍ଜେଇ ଓ ଚିଲମ୍ ଉପଲବ୍ଧ ରହୁଛି। ଚାହିଦା ଅନୁଯାୟୀ ୫୦ଟଙ୍କା ଆରମ୍ଭ କରି ଗଞ୍ଜେଇ ପୁଡ଼ିଆ ଯୋଗାଇ ଦିଆଯାଉଛି। ମୟୂରଭଞ୍ଜ ଜିଲ୍ଲାକୁ ଝାରପୋଖରିଆ, କରଞ୍ଜିଆ, ଯଶିପୁର, ଦେଉଳି ଆଦି ବାଟଦେଇ ଗଞ୍ଜେଇ ଚୋରାଚାଲାଣ ହେଉଛି। ପ୍ରାୟତଃ ମାସକ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ

- କାରବାରର ପେଣ୍ଠସ୍ଥଳ ବୁଢାମରା
- ଜିଲ୍ଲା ଓ ଆନ୍ତଃରାଜ୍ୟ ବେପାରୀ ସକ୍ରିୟ
- ଫେଲ୍ ମାରିଛି ପୁଲିସ ଓ ଅବକାରୀ ବିଭାଗ

ବାଙ୍ଗିରିପୋଷି ଥାନା ଅଧୀନ ବୁଢାମରା ଅଞ୍ଚଳରୁ ଏକ ଫାର୍ମହାଉସରୁ ଗଞ୍ଜେଇ ଜବତ କରିଥିଲା। କିନ୍ତୁ କାରବାର କରୁଥିବା ଅଭିଯୁକ୍ତ ବା ଫାର୍ମମାଲିକଙ୍କୁ ଧରିବାରେ ବିଫଳ ହୋଇଛନ୍ତି। ଉକ୍ତ ବୁଢାମରା ଅଞ୍ଚଳରେ ଗଞ୍ଜେଇ କାରବାର ମାତ୍ରା ଅଧିକ ଥିବା ବେଳେ ପୂର୍ବରୁ ମଧ୍ୟ ଗଞ୍ଜେଇ ଜବତ କରାଯାଇଛି। ସେହିସ୍ଥାନରୁ ବାରିପଦା ସମେତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ଓ ଆନ୍ତରାଜ୍ୟକୁ କ୍ୟୁଣ୍ଟାଲ କ୍ୟୁଣ୍ଟାଲ ଗଞ୍ଜେଇ କାରବାର ହେଉଛି। ତାହା ସୀମାନ୍ତ ଅଞ୍ଚଳରେ ହୋଇଥିବା ବେଳେ ବିଭିନ୍ନ ଗଳାବାଟ ଦେଇ ଗଞ୍ଜେଇ କାରବାର ହେଉଛି। ବୁଢାମରା ଅଞ୍ଚଳର ବ୍ୟବସାୟୀମାନେ କାରବାରରେ ସିଧାସଳଖ ଲିପ୍ତଥିବାରୁ ଏହା ଗଞ୍ଜେଇ କରିଡର୍ ପାଲଟିଛି। ପ୍ରତ୍ୟେକ ବର୍ଷ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ବୁଢାମରା ଅଞ୍ଚଳ ଗଞ୍ଜେଇ ଜବତ ଘଟଣାରେ ସାମିଲ। ଜିଲ୍ଲାକୁ ସଡ଼କ ପଥଦେଇ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏବାବଦରେ ସବୁ ଜାଣି ସୁଦ୍ଧା ଅବକାରୀ ବିଭାଗ ଚୁପ ହୋଇରହିଛି। ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବର୍ଷକୁ ୨/୩ଥର ଗଞ୍ଜେଇ ବେପାରୀକୁ ଧରି କୋର୍ଟଚାଲାଣ କରିଛନ୍ତି। ତେବେ ସେମାନେ ଜାମିନରେ ବାହାରି ପୁଣି ଗଞ୍ଜେଇ ବେପାରରେ ସକ୍ରିୟ ରହିଛନ୍ତି। ବର୍ତ୍ତମାନ ଶ୍ରାବଣ ମାସ ପାଇଁ ଗଞ୍ଜେଇର ମାତ୍ରାଧିକ ଚାହିଦା ଥିବାରୁ ଅନେକ ମାତ୍ରାରେ ଚୋରାଚାଲାଣ ହେଉଛି। ପାନଦୋକାନଗୁଡ଼ିକରେ ସିଗାରେଟ୍ ଭିତରେ ମଧ୍ୟ ଗଞ୍ଜେଇ ପଶେଇ ବିକ୍ରି ଚାଲିଛି। ଆସ୍ଥା ଓ ଧର୍ମ ନାମରେ ଶ୍ରାବଣ ମାସରେ ଏହିପରି କାର୍ଯ୍ୟକଳାପରେ ରୋକ୍ ଲଗାଇ ଗଞ୍ଜେଇ ବେପାର କିଙ୍ଗ୍‌ପିନକୁ ଗିରଫ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ଦାବି ହେଉଛି।

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।
-ଦଲାଇ ଲାମା

ସକାଳ
THE SAKALA

## ଅଦୃଶ୍ୟ ଆତଙ୍କ

ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କବାଦର କୌଶଳ ଓ ଲକ୍ଷ୍ୟ ବଦଳି ଯାଇଛି। ଆତଙ୍କବାଦୀମାନେ ଆଉ ଜିହାଦୀ ବା ଜୀବନ ବଳିଦାନ ଦେଇ ଜୀବନ ହାନି ଭଳି ପନ୍ଥା ବଦଳରେ କେବଳ ଧନ ବା ଅର୍ଥନୀତିକୁ ନିଶାଣ କରୁଛନ୍ତି। ସେହି ଅନୁଯାୟୀ ସେମାନଙ୍କର ଅସ୍ତ୍ର ମଧ୍ୟ ବନ୍ଧୁକ ଓ ଗୁଳିରୁ କମ୍ପ୍ୟୁଟର, ମାଉସ୍, କିବୋର୍ଡ ଆଦିକୁ ରୂପାନ୍ତରିତ ହୋଇଛି। ଆଜିର ଡିଜିଟାଲ୍ ବା ଇଣ୍ଟରନେଟ୍ ଜ୍ଞାନକୌଶଳ ସେମାନଙ୍କ ପାଇଁ ଆଣିଦେଇଛି ଆତଙ୍କର ଅପାର ସୁଯୋଗ। ବିଶ୍ୱର କାହିଁ କେଉଁ ନିଭୃତ କୋଣରେ ଘରର ଚାରିକାନ୍ଥ ଭିତରେ ବସି ସେମାନେ ଆତଙ୍କ ରଚିପାରୁଛନ୍ତି ଏବଂ ନିମିଷକେ କୋଟିକୋଟି ଟଙ୍କା ହଡ଼ପ କରୁଛନ୍ତି କିମ୍ବା ତା'ଠାରୁ ଆହୁରି ମୂଲ୍ୟବାନ ତଥ୍ୟ-ସମ୍ପଦର କ୍ଷତି କରିପାରୁଛନ୍ତି। ଦିନକୁ ଦିନ ସାଇବର ଆତଙ୍କ ବା ଡିଜିଟାଲ୍ ଆତଙ୍କର ସାମ୍ରାଜ୍ୟ ପୃଥିବୀରୁ ବାହାରି ଉପଗ୍ରହ ପର୍ଯ୍ୟନ୍ତ ବ୍ୟାପିଚାଲିଛି।

ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ଭାରତୀୟମାନେ ପ୍ରାୟ ୭ ହଜାର କୋଟି ଟଙ୍କା ହରାଇଛନ୍ତି। ଏହି ଅଦୃଶ୍ୟ ଆତଙ୍କର ପେଣ୍ଠସ୍ଥଳୀ ମୁଖ୍ୟତଃ ମ୍ୟାଁମାର, କାମ୍ବୋଡ଼ିଆ, ଭିଏତ୍‌ନାମ୍, ଲାଓସ୍ ଓ ଥାଇଲାଣ୍ଡରେ ରହିଥିବା ଜଣାପଡ଼ିଛି। ବିଶେଷକରି ଚୀନ୍‌ର ଶକ୍ତିଶାଳୀ ଛତ୍ରଛାୟା ତଳେ ସାଇବର ଅପରାଧୀ ବା ଅଦୃଶ୍ୟ ଆତଙ୍କବାଦୀମାନେ ଦକ୍ଷିଣ-ପୂର୍ବ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଅଞ୍ଚଳରେ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଛନ୍ତି ଏବଂ ମୁଖ୍ୟତଃ ଭାରତ ହିଁ ସେମାନଙ୍କ ନିଶାଣରେ ରହିଛି। ଆହୁରି ଉଦ୍‌ବେଗଜନକ ହେଲା ଭାରତୀୟ ଆଇଟି ମେଧାବୀମାନଙ୍କୁ ଚାଲାଣ କରି ସେଠାରେ ସାଇବର ଆତଙ୍କବାଦ କାର୍ଯ୍ୟରେ ନିୟୋଜିତ କରାଯାଉଛି।

ନିକଟରେ ଦେଶର ସର୍ବବୃହତ୍ ତଥା ସ୍ୱନାମଧନ୍ୟ ଗବେଷଣା ଅନୁଷ୍ଠାନ ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର) ଗୁରୁତର ସାଇବର ଆକ୍ରମଣର ଶିକାର ହୋଇଛି ଏବଂ ଅନେକ ମୂଲ୍ୟବାନ ଗବେଷଣାଲବ୍ଧ ତଥ୍ୟ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଗତ ଏପ୍ରିଲ୍ ମାସରେ ଦିଲ୍ଲୀସ୍ଥିତ ଆଇସିଏଆର ମୁଖ୍ୟ ସର୍ଭର ସମେତ ହାଇଦ୍ରାବାଦ ସର୍ଭର ଉପରେ ଏହି ଆକ୍ରମଣ ହୋଇଛି। ଏହାଛଡ଼ା ପ୍ରତିରକ୍ଷା ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରୁ ତଥ୍ୟ ଚୋରି ହେବାର ଅନେକ ଥର ଅଭିଯୋଗ ଆସିଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାର ତଥ୍ୟ ଚୋରି ପ୍ରାୟ ଏକ ସାଧାରଣ ଘଟଣା ହୋଇଯାଇଛି। ତଥ୍ୟ ଚୋରି ବା ସାଇବର ଆତଙ୍କବାଦ କାର୍ଯ୍ୟକଳାପ କେବଳ ଭାରତ ଭିତରେ ସୀମିତ ନାହିଁ। ଅଷ୍ଟ୍ରେଲିଆ, ଜର୍ମାନୀ, ଜାପାନ୍ ଏପରିକି ଆମେରିକା ପରି ଉନ୍ନତ ଜ୍ଞାନକୌଶଳ ଓ ବିକଶିତ ଦେଶମାନେ ମଧ୍ୟ ଏଭଳି ଅଦୃଶ୍ୟ ଆତଙ୍କବାଦର ଶିକାର ହୋଇଚାଲିଛନ୍ତି। ଅଦୃଶ୍ୟ ଆତଙ୍କବାଦ ଯୋଗୁଁ କିଭଳି ଦେଶ-ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହୋଇ ବିଶ୍ୱାସଘାତକତା ସ୍ଥିତି ସୃଷ୍ଟି ହୁଏ ତାହା ମଧ୍ୟ ସାମ୍‌ନାକୁ ଆସିଛି। ଦୁଇ ସପ୍ତାହ ତଳେ ବ୍ରିଟେନ୍ ସ୍ୱୀକାର କରିଛି ଯେ ୨୦୨୦ରେ ତଥ୍ୟ ଚୋରି ଯୋଗୁଁ ଇଂଲଣ୍ଡରେ ରାଜନୈତିକ ଆଶ୍ରୟ ନେଇଥିବା ପ୍ରାୟ ୧ ଲକ୍ଷ ଆଫ୍‌ଗାନ୍‌ମାନଙ୍କର ବ୍ୟକ୍ତିଗତ ପରିଚୟ ପ୍ରଘଟ ହୋଇଥିଲା ଏବଂ ତାଲିବାନ୍‌ମାନଙ୍କ ରୋଷର ଶିକାର ହେବାକୁ ପଡ଼ିଥିଲା। ଏହାପରେ ବ୍ରିଟିଶ୍ ସରକାର ବାଧ୍ୟ ହୋଇ 'ଆଫ୍‌ଗାନିସ୍ତାନ ରେସ୍‌ପନ୍ସ ରୁଟ୍' ଭଳି ଯୋଜନାକୁ ବନ୍ଦ କରିଥିଲେ। ଏହାଦ୍ୱାରା ଇଂଲଣ୍ଡକୁ ମଧ୍ୟ ପ୍ରଭୂତ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।

ସାଇବର ଆତଙ୍କବାଦୀମାନେ ଆଉ ଦୁଇପାଦ ଆଗକୁ ଯାଇ ଏବେ ଉପଗ୍ରହ ନିୟନ୍ତ୍ରଣ କକ୍ଷର ନେଭିଗେସନ୍ ସିଷ୍ଟମ୍ ବା ଦିଗବାରେଣୀ ସୂଚନା ବ୍ୟବସ୍ଥା ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ଏହାଫଳରେ ପଣ୍ୟବାହୀ ଜାହାଜ ଓ ବ୍ୟୋମଯାନଗୁଡ଼ିକ ସେମାନଙ୍କ ଗତିପଥ ନିର୍ଣ୍ଣୟ କରିବାରେ ବିଭ୍ରାନ୍ତିର ସମ୍ମୁଖୀନ ହେଉଛନ୍ତି। କେବଳ ଚଳିତ ମାସରେ ହିଁ ଏଭଳି ତିନିଟି ଘଟଣା ଘଟିଛି, ଯାହା ସାଇବର ସୁରକ୍ଷା ବିଶେଷଜ୍ଞଙ୍କୁ ଚିନ୍ତିତ କରିଛି। ଦୁଇସପ୍ତାହ ତଳେ ଜିପିଏସ୍ ଇଣ୍ଟରଫେସ୍‌ରେ ତ୍ରୁଟି ଯୋଗୁଁ ଦିଲ୍ଲୀ-ଜାମ୍ମୁ ବିମାନ ଅଧାବାଟରୁ ଫେରି ଆସିବାକୁ ବାଧ୍ୟ ହୋଇଥିଲା। ତୈଳ ବୋଝେଇ ଏକ ଜାହାଜ ଇରାନ୍‌ର ହର୍ମୁଜ୍ ପ୍ରଣାଳୀର ପ୍ରବେଶ ପଥରୁ କ୍ରମଶଃ ଦୂରେଇ ଚାଲିଥିଲା ଏବଂ ଗତ ମେ' ମାସରେ ଜେଦାହ୍‌ରେ ଏକ ପଣ୍ୟବାହୀ ଜାହାଜ ବନ୍ଦରରେ ପ୍ରବେଶ କରି ନ ପାରି ଚକ୍କର କାଟିଥିଲା। ରୁଷିଆ, ୟୁକ୍ରେନ୍ ଓ ୟୁରୋପ୍‌ରେ ମଧ୍ୟ ଏଭଳି ଘଟଣାମାନ ଦେଖାଯାଇଛି। ୨୦୧୭ରେ ରୁଷିଆର ପ୍ରାୟ ୨୦ଟି ଜାହାଜ ବନ୍ଦରମୁଖୀ ହେବା ପରିବର୍ତ୍ତେ ଦୂରରୁ ଦୂରକୁ ଚାଲିଯାଇଥିଲେ।

ଜିପିଏସ୍ ଇଣ୍ଟରଫେସ୍‌ରେ ଏଭଳି ସାଇବର ଆକ୍ରମଣ ଦ୍ୱାରା ଠିକ୍ ସମୟରେ ଜରୁରିକାଳୀନ ସାମଗ୍ରୀ ପହଞ୍ଚିପାରିବ ନାହିଁ ଏବଂ ପରିବହନ ଖର୍ଚ୍ଚ ବଢ଼ିଚାଲିବ। ବିଶେଷକରି ଯୁଦ୍ଧ ସମୟରେ ଗୋଳବାରୁଦ୍ ଓ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ଯୁଦ୍ଧ ପଣ୍ୟଜାହାଜ କିମ୍ବା ଯୁଦ୍ଧବିମାନକୁ ପଥଭ୍ରଷ୍ଟ କରିବାରେ ଏହା ସହାୟକ ହେବ। ଏହାକୁ ସୂକ୍ଷ୍ମ ଭାବେ ଯୋଜନା କରିଛନ୍ତି ଅଦୃଶ୍ୟ ଆତଙ୍କବାଦୀମାନେ। କେବଳ ୨୦୨୪ରେ ଭାରତରେ ଏଭଳି ୭୦୦ ଜିପିଏସ୍ ଇଣ୍ଟରଫେସ୍ ଆକ୍ରମଣ ଠାବ କରାଯାଇଥିଲା। ଜିପିଏସ୍ ଇଣ୍ଟରଫେସ୍ ସିଗ୍‌ନାଲ୍ ଅପହରଣ ଦ୍ୱାରା କେବଳ ଉଡ଼ାଜାହାଜ କିମ୍ବା ଜଳଜାହାଜ ପ୍ରଭାବିତ ହେବେ ନାହିଁ, ବରଂ ଆମ ଦୈନନ୍ଦିନ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଗୁରୁତର ବିଭ୍ରାଟର ସମ୍ମୁଖୀନ ହେବ। ଲୋକେସନ୍ ଡିଟେକ୍ଟ ବା ଗନ୍ତବ୍ୟ ସ୍ଥାନ ନିରୂପଣ ସଠିକ୍ ନ ହେଲେ ଗୋଟିଏ ଅଞ୍ଚଳ ପରିବର୍ତ୍ତେ ଯାତ୍ରୀ ଅନ୍ୟ ଅଞ୍ଚଳରେ ପହଞ୍ଚିଯିବ। ରାଡାର, ଟେଲିଫୋନ୍ ନେଟ୍‌ୱର୍କ, ରେଡିଓ ୱେଭ୍ ଆଦି ବ୍ୟବସ୍ଥାରେ ମଧ୍ୟ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ।


ଏଥିରୁ ଅଦୃଶ୍ୟ ଆତଙ୍କବାଦର ସ୍ୱରୂପ ଓ କାୟା କେତେ ବିଶାଳ ଏବଂ ଆଗକୁ କି ରୂପ ନେବାକୁ ଯାଉଛି ତାହା ଅନୁମାନ କରାଯାଇପାରେ। କେତେକ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଆଜିର ଯୁଦ୍ଧ ଅଧିକରୁ ଅଧିକ ଉପଗ୍ରହ ସୂଚନା ଆଧାରିତ କମ୍ପ୍ୟୁଟର ଜ୍ଞାନକୌଶଳ ଉପରେ ନିର୍ଭରଶୀଳ। ଯଦି ଶତ୍ରୁପକ୍ଷ ଜିପିଏସ୍ ଇଣ୍ଟରଫେସ୍ ଉପରେ ଆକ୍ରମଣ କରେ ତେବେ କ୍ଷେପଣାସ୍ତ୍ରମାନ ଲକ୍ଷ୍ୟଭ୍ରଷ୍ଟ ହେବ। ଏପରିକି ଶତ୍ରୁ ଦେଶ ବଦଳରେ ନିଜ ଦେଶରେ ହିଁ ବିପ୍ଳବ ସୃଷ୍ଟି କରିବ। ଅଦୃଶ୍ୟ ଆତଙ୍କବାଦୀମାନେ ଯେତେବେଳେ ଉପଗ୍ରହ ପର୍ଯ୍ୟନ୍ତ ପହଞ୍ଚିସାରିଲେଣି ଜନସାଧାରଣଙ୍କ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥା କେତେ ସୁରକ୍ଷିତ ତାହା ବିଚାରଯୋଗ୍ୟ। କେବଳ ଗୋଟିଏ ଦୁଇଟି ରାଷ୍ଟ୍ର ଏଭଳି ଅଦୃଶ୍ୟ ଆତଙ୍କବାଦକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ ନାହିଁ। ଏଥିପାଇଁ ବିଶ୍ୱର ସବୁରାଷ୍ଟ୍ର ଗୋଟିଏ ମଞ୍ଚରେ ଏକତ୍ର ହୋଇ ମିଳିତ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିଶ୍ୱାସର ଭାବନା ସ୍ଥାପନା ହେବା ସର୍ବାଦୌ ଜରୁରୀ।

## ଭାବଗତ ଐକ୍ୟ ଓ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ନଅ ଦଶନ୍ଧି ପରେ ଓଡ଼ିଶା ବାହାରେ ରହି ଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ତ ଆଉ ଓଡ଼ିଶାରେ ମିଶିବାର ସମ୍ଭାବନା ନାହିଁ, ବରଂ ବଢ଼ି ବଢ଼ି ଯାଉଛି ଓଡ଼ିଶାରୁ ଆଉ କିଛି ଅଞ୍ଚଳ ହାତଛଡ଼ା ହେବାର ଆଶଙ୍କା। ଗୋଟେ ପାଖରେ କୋଟିଆ ଆନ୍ଧ୍ରର ଆଁ ଭିତରକୁ ଟାଣି ହୋଇ ଯାଉଛି ତ ଆରପଟେ ବାଲିଦ୍ୱୀପକୁ ଅଧିକାର କରିବା ପାଇଁ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଛି ପଶ୍ଚିମବଙ୍ଗ ସରକାର। ନବରଙ୍ଗପୁର ଜିଲ୍ଲାର ଡାଙ୍ଗିରପଦା, ମୋହୁଣ୍ଡା ଓ ଉଦୟପୁର ଅଞ୍ଚଳରେ ଛତିଶଗଡ଼ ସରକାରଙ୍କ ସହିତ ଲାଗିରହିଛି ସୀମା ବିବାଦ। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଚଉଦଟି ଗ୍ରାମକୁ ନେଇ ଝାଡ଼ଖଣ୍ଡ ସହିତ ତୁଟୁନି ବିବାଦ। ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ୮୧ ଟି ସୀମାନ୍ତ ଗ୍ରାମକୁ ଅକ୍ତିଆର କରିବା ପାଇଁ ପଶ୍ଚିମବଙ୍ଗ ସରକାର ପକ୍ଷରୁ ଜାରି ରହିଛି ପ୍ରୟାସ। କେନ୍ଦୁଝର ଜିଲ୍ଲାର ଲିମିଟୁର, ପୁରୁଷୋତ୍ତମପୁର, କଙ୍କଡ଼ାପଟ, ଜଗନ୍ନାଥପୁର ଓ ଝାମ୍ପୁର ଗ୍ରାମକୁ ସୀମାଭୁକ୍ତ କରିବା ପାଇଁ ଉପାୟ ପାଞ୍ଚୁଛି ଝାଡ଼ଖଣ୍ଡ। ମାଲକାନଗିରି ଜିଲ୍ଲାର ମାଟାପକା ପଞ୍ଚାୟତରେ ପକ୍କା ସଡ଼କ ନିର୍ମାଣ କରିବା ପଛରେ ଛତିଶଗଡ଼ର ଉଦ୍ଦେଶ୍ୟ ସ୍ପଷ୍ଟ। ଓଡ଼ିଶାର ଏମିତି ଦଶଟି ଜିଲ୍ଲା ଅନ୍ତର୍ଗତ ଶତାଧିକ ଗାଁ, ନଦୀ ନାଳ ଓ ଜଙ୍ଗଲ ଉପରେ ପଡ଼ୋଶୀଙ୍କ ଆଖି। ସେମାନଙ୍କ ବିସ୍ତାରବାଦୀ ମନୋଭାବ କାରଣରୁ ସମାଧାନ ହୋଇ ପାରୁନି ଆନ୍ତରାଜ୍ୟ ସୀମା ବିବାଦ।

ରାଜନୈତିକ-ପ୍ରଶାସନିକ ଉଦାସୀନତା ପାଇଁ ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଆନ୍ଧ୍ର-ଓଡ଼ିଶା ଆନ୍ତରାଜ୍ୟ ସୀମା ସମସ୍ୟା। ଓଡ଼ିଶାର ପ୍ରଶାସନିକ ମାନଚିତ୍ର ଅନୁସାରେ କୋଟିଆ ପଞ୍ଚାୟତ ରହିଛି କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଅଧୀନରେ। ୨୮ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ଏହି ପଞ୍ଚାୟତର ଲୋକସଂଖ୍ୟା ଆଠ ହଜାରରୁ ଅଧିକ। ଆନ୍ଧ୍ରର ଦାବି ଅନୁସାରେ ଏହି ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ଟି ରହିଛି ବିଜୟନଗରମ୍ ଜିଲ୍ଲା ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣ ସିନେରି, ଫାଟୁ ସିନେରି ଓ ଗଞ୍ଜେଇ ପଦର ପଞ୍ଚାୟତ ଅଧୀନରେ। ବିବାଦୀୟ ୨୧ ଟି ଗାଁକୁ ନେଇ ଉଭୟ ରାଜ୍ୟ ଏବେ ମୁହାମୁହିଁ। ପୂର୍ବରୁ ଏ ନେଇ ପରସ୍ପର ଭିତରେ ବାରମ୍ବାର ଆଲୋଚନା ସତ୍ତ୍ୱେ ସମାଧାନର ବାଟ ନଫିଟିବାରୁ ମାମଲା ପହଞ୍ଚିଥିଲା ସର୍ବୋଚ୍ଚ ନ୍ୟାୟାଳୟରେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ବିଚାରାଧୀନ ଥିବା ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇନି ସତ, ହେଲେ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ରହିଛି (୧୯୬୮)ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ। ମାତ୍ର ବିଡ଼ମ୍ବନାର ବିଷୟ କୋଟିଆ ଉପରେ ନିଜର ଦଖଲ ସାବ୍ୟସ୍ତ କରିବା ପାଇଁ ନ୍ୟାୟାଳୟର ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରୁଛି ଆନ୍ଧ୍ର।




ପୂର୍ବତଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ କୋଟିଆ ଗ୍ରାମପୁଞ୍ଜ। ଭାରି ମନୋରମ ତାର ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ। ସତୁରି ଦଶକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ସର୍ବେକ୍ଷଣରୁ ଜଣାଯାଏ ଏଠାରେ ଅବସ୍ଥିତ ଦେଓମାଳି ଓ ଅନ୍ୟାନ୍ୟ ପାହାଡ଼ ତଳେ ରହିଛି ସୀସା, ଲୁହାପଥର, ବକ୍ସାଇଟ ଓ ଅଭ୍ର ଆଦି ବହୁ ମୂଲ୍ୟବାନ ଖଣିଜ ସଂପଦ। ସ୍ଥାନୀୟ ଲୋକଙ୍କ ମତରେ କୋଟିଆଠାରୁ ଗଞ୍ଜେଇପଦର ପର୍ଯ୍ୟନ୍ତ ଲମ୍ବିଥିବା ପାହାଡ଼ ତଳେ ରହିଛି ସୁନାଖଣି। ବୋଧହୁଏ ଏହି ମୂଲ୍ୟବାନ ଖଣିଜ ପଦାର୍ଥ ଉପରେ ରହିଛି ଆନ୍ଧ୍ରର ଲୋଲୁପ ଦୃଷ୍ଟି। ସେଥିପାଇଁ କୋଟିଆ ଗ୍ରାମପୁଞ୍ଜକୁ ଅକ୍ତିଆର କରିବା ପାଇଁ ଦୀର୍ଘଦିନରୁ ଜାରି ରଖିଛି ପ୍ରୟାସ। ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରି ଛିଡ଼ା କରୁଛି ବିବାଦ। ମାତ୍ର କୋଟିଆର ଇତିହାସ, ଭୂଗୋଳ ତଥା ଦସ୍ତାବିଜ କହୁଛି କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ତା'ର ସବୁଠୁ ପ୍ରମାଣ ହେଉଛି ୧୯୩୬ ମସିହାରେ ପ୍ରକାଶ ପାଇଥିବା ନକ୍ସା। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୨୦ ବର୍ଷ ପରେ ଆନ୍ଧ୍ରର ଜନ୍ମ। ଅଥଚ ଓଡ଼ିଶା ପାଖରୁ କୋଟିଆକୁ ଛଡ଼େଇ ନେବା ପାଇଁ କେତେବେଳେ ପୁଲିସ ଲଗାଇ ସେଠାରେ ପଞ୍ଚାୟତ ନିର୍ବାଚନ କରାଉଛି ତ କେତେବେଳ ଗାଁ ମୁଣ୍ଡରେ ଲଗାଉଛି ତେଲଗୁ ଭାଷାରେ ଲିଖିତ ନାମ ଫଳକ। କେବଳ ଫଳକ ଲଗାଉ ନାହିଁ, ଗାଁର ନାଁ ବଦଳାଇ ନୂଆ ନାଁ ଦେଉଛି ତେଲଗୁ ଢଙ୍ଗରେ।

୨୦୧୧ ଜନଗଣନା ତଥ୍ୟ କହୁଛି ସେଠାକାର ଲୋକମାନେ ଓଡ଼ିଶାର ଅଧିବାସୀ। ତେଣୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶା ସରକାର ସେମାନଙ୍କୁ ଯୋଗାଇ ଦେଉଛନ୍ତି ଚାଉଳ ଓ ଗହମ ଇତ୍ୟାଦି ରେସନ ସାମଗ୍ରୀ। ସେପଟେ କୋଟିଆବାସୀଙ୍କୁ ନିଜ ରାଜ୍ୟର ବୋଲି ପ୍ରମାଣ କରିବା ପାଇଁ ଆନ୍ଧ୍ର ସରକାର ବି ସେମାନଙ୍କୁ ଚାଉଳ ସହିତ ଦେଉଛି ଡାଲି, ଖାଇବାତେଲ, କିରାସିନି, ସୋଲାର ଲାଇଟ ଓ କମ୍ବଳ ଆଦି ଅନେକ ଜିନିଷ। ସେଠାରେ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ବି ଆନ୍ଧ୍ର ଖର୍ଚ୍ଚ କରୁଛି କୋଟିକୋଟି ଟଙ୍କା। ଆନ୍ଧ୍ରର ଏଭଳି ଉଦ୍ଦେଶ୍ୟମୂଳକ ବଦାନ୍ୟତା କାରଣରୁ ଉଭୟ ରାଜ୍ୟରୁ ରାସନ ସାମଗ୍ରୀ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ଚାହୁଁଛନ୍ତି ସେଠାକାର ଅଧିବାସୀ। ଏହାଦ୍ୱାରା କେବଳ ଓଡ଼ିଶା ନୁହେଁ, ଆନ୍ଧ୍ର ପ୍ରତି ମଧ୍ୟ ରହୁଛି ଲୋକଙ୍କ ଆନୁଗତ୍ୟ। ଏହାକୁ କେହି ହୁଏତ କୋଟିଆବାସୀଙ୍କ ସୁବିଧାବାଦୀ ମାନସିକତା କହିପାରେ, ମାତ୍ର ବାସ୍ତବ ସ୍ଥିତି କହୁଛି ସୀମା ବିବାଦ ପାଇଁ ସାଂଘାତିକ ଭାବରେ ଫସିଛନ୍ତି ସେଠାକାର ଜନଜାତିର ଲୋକେ। ଆନ୍ଧ୍ରପ୍ରଦେଶ ସେଠାରେ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଜିନିଷ ମାଗଣାରେ ବାଣ୍ଟୁଛି ସତ, ହେଲେ କୋର୍ଟରୁ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଆସି ନଥିବା କାରଣରୁ ଚିନ୍ତା କରୁନି ସେଠାକାର ଦୀର୍ଘମିଆଦୀ ବିକାଶ କଥା। ଅପରପକ୍ଷରେ କୋଟିଆ ପଞ୍ଚାୟତର ଅଧିକାଂଶ ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ସବୁ ଗାଁକୁ ଯୋଗାଇ ଦିଆଯାଇପାରିନି ପାନୀୟ ଜଳ। ପିଇବା ପାଣି ପାଇଁ ଅଧିକାଂଶ ଲୋକ ଝରଣା ଉପରେ ନିର୍ଭର କରୁଥିବାବେଳେ ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ।

କେବଳ ଓଡ଼ିଶାର ଭୌଗୋଳିକ ସୀମା ଉପରେ ଆକ୍ରମଣ ନୁହେଁ, ଓଡ଼ିଆ ଭାଷାର କଣ୍ଠରୋଧ ପାଇଁ ମଧ୍ୟ ଚାଲିଛି ଷଡ଼ଯନ୍ତ୍ର। ଆମ ସାମ୍ବିଧାନିକ ବ୍ୟବସ୍ଥା କହୁଛି ନିଜ ମାତୃଭାଷାରେ ଶିକ୍ଷା ଲାଭ କରିବା ସମସ୍ତଙ୍କର ଅଧିକାର। ତେଣୁ ରାଜ୍ୟରେ ଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟରେ ନିଯୁକ୍ତି ପାଆନ୍ତି ସ୍ୱତନ୍ତ୍ର ଶିକ୍ଷକ। ଓଡ଼ିଶା ସରକାର ଏ ନୀତିକୁ ମାନୁଥିବା ବେଳେ ତାଙ୍କୁ ଖୋଲାଖୋଲି ଉଲଘଂନ କରୁଛନ୍ତି ପଡ଼ୋଶୀ ରାଜ୍ୟମାନେ। ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ମିଳିଥିଲା ଦ୍ୱିତୀୟ ଭାଷାର ମାନ୍ୟତା। ଝାଡ଼ଖଣ୍ଡ ସରକାର ତା'କୁ ଉଚ୍ଛେଦ କରିନେବା ଫଳରେ ସେଠାରେ ଆଉ ଓଡ଼ିଆ ଭାଷାରେ ପାଠପଢ଼ା ହେବନାହିଁ କି ନିଯୁକ୍ତି ପାଇବେନି ଓଡ଼ିଆ ଶିକ୍ଷକ। ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ପଢ଼ିବାକୁ ବାଧ୍ୟ ହେବେ ଓଡ଼ିଆ ପିଲାମାନେ। ଷଢ଼େଇକଳା, ଖରସୁଆଁ, ସିଂହଭୂମି, ମେଦିନାପୁର ଅଞ୍ଚଳରେ ବି ଏଭଳି ବୈମାତୃକ ମନୋଭାବର ଶିକାର ହେଉଛି ଓଡ଼ିଆ ଭାଷା। କୋଟିଆ ଗ୍ରାମପୁଞ୍ଜରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଏବେ ଓଡ଼ିଆ ପରିବର୍ତ୍ତେ ପଢ଼ା ଯାଉଛି ତେଲଗୁ।

ମାତୃଭାଷା ପ୍ରତି ହେୟ ମନୋଭାବ କାରଣରୁ ପଡ଼ୋଶୀଙ୍କ ଅନ୍ୟାୟ ବିରୋଧରେ ତୀବ୍ର ହୋଇପାରୁନି ଓଡ଼ିଆଙ୍କ ସ୍ୱର। ଆନ୍ଧ୍ରର ଦାଦାଗିରି ବିରୋଧରେ ଓଡ଼ିଶା ରାଜନେତାଙ୍କ ଭିତରେ ପ୍ରକାଶ ପାଉନି ଜାତୀୟ ସହମତି। କାରଣ ଏକ ବିଶାଳ ଅତୀତ ଓ ପୁଷ୍କଳ ସଂସ୍କୃତି ସତ୍ତ୍ୱେ ଆମକୁ ଏବେ ଗ୍ରାସିଛି ଭାବଗତ ସଂହତିର ସଂକଟ। କେତେବେଳ ଆମେ ରାଜନୀତିକୁ କେନ୍ଦ୍ର କରି ପରସ୍ପର ଉପରକୁ କାଦୁଅ ଫିଙ୍ଗା ଫିଙ୍ଗି ହେଉଛୁ ତ ଆଞ୍ଚଳିକ ଭାବକୁ ନେଇ ଆମେ ବିଭାଜିତ। ଆମ ଭିତରୁ କ୍ରମଶଃ ଅପସରି ଯାଉଛି ମାତୃଭୂମି ଓ ମାତୃଭାଷା ପ୍ରତି ମମତ୍ୱବୋଧ। ଓଡ଼ିଆ ଆଜି ଓଡ଼ିଆତ୍ୱକୁ ନେଇ ଗର୍ବ କରୁନି, ବରଂ ଲଜ୍ଜାବୋଧ କରୁଛି ନିଜକୁ ଓଡ଼ିଆ କହିବା ପାଇଁ। ଏଭଳି ହୀନମନ୍ୟତା ଯୋଗୁଁ ଓଡ଼ିଆ ଭାଷା ଆଜି ନାନା ଭାବରେ ଅବହେଳା, ଅବଜ୍ଞା ଓ ଉଦାସୀନତାର ଶିକାର। କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ଓଡ଼ିଆ ଭାଷା ଆଜି ନିଜ ମାଟିରେ ବି କୋଣଠେସା। ସମ୍ବଲପୁର ଓ ରାଉରକେଲା ଆଦି ଅଞ୍ଚଳରେ ବହୁ ଶିକ୍ଷିତ ଲୋକଙ୍କର କଥିତ ଭାଷା ଓଡ଼ିଆ ନୁହେଁ, ହିନ୍ଦୀ। ବଲାଙ୍ଗୀର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଢ଼ି ଚାଲିଛି ହିନ୍ଦୀ ଭାଷାର ପ୍ରଭାବ। ଗଞ୍ଜାମ, କୋରାପୁଟ ଓ ବାଲେଶ୍ୱର ଆଦି ଉପାନ୍ତ ଅଞ୍ଚଳରେ ମାତୃଭାଷାର ସ୍ଥିତି ବିପନ୍ନ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ସଫଳ ମଣିଷର ଷଡ୍‌ଗୁଣ

ସରୋଜ କାନ୍ତ ଚୌଧୁରୀ

ମଣିଷ ପାଇଁ ଜୀବନ ଗଢ଼ିବାର ସଫଳ ସୂତ୍ର ରହିଛି ସନାତନ ଧର୍ମଗ୍ରନ୍ଥ ଭଗବତ୍ ଗୀତାରେ ଭଗବାନଙ୍କ ମୁଖନିଃସୃତ ବାଣୀ ହିସାବରେ। ଏବେ ବି ଏହିସବୁ ଆଧ୍ୟାତ୍ମିକ ଉପଦେଶ ସବୁ ମାନବ ସଂସାଧନ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରୁଛି। ବିଶ୍ଳେଷଣ କଲେ ଜଣାଯିବ ଯେ ପଞ୍ଚାଅଶି ଭାଗ ସଫଳତା ଆସିଥାଏ ସଂପୃକ୍ତ ବ୍ୟକ୍ତିର ମନୋଭାବରୁ ଏବଂ ଧୀଶକ୍ତିର ଉପଯୋଗରୁ। ବାସ୍ତବିକ୍ ଆମର ମୁଖ୍ୟ ସମ୍ପତ୍ତି ହେଲା ଧୀଶକ୍ତି, ଯାହାକୁ ଠିକ ଭାବରେ ବ୍ୟବହାର କରାଯିବା ଉଚିତ ଏବଂ ଅନ୍ୟପକ୍ଷରେ ତାହାକୁ ସୁରକ୍ଷିତ ମଧ୍ୟ କରାଯିବା କଥା। ଭଗବତ୍ ଗୀତା ନିର୍ଦ୍ଧାରଣ କରିଛି ଯେ ସଫଳତା ପାଇବା ପାଇଁ ନିମ୍ନଲିଖିତ ଗୁଣଗୁଡ଼ିକର ଆବଶ୍ୟକତା ରହିଛି।

ଅନ୍ତଃମାନସିକତା: ନିଜର ସ୍ୱଧର୍ମ ବା ଗୁଣ, ଯାହା ଜଣକ ପାଇଁ ଏକ ଅଦ୍ୱିତୀୟ ଈଶ୍ୱରୀୟ ଉପହାର ବୋଲି ବିଚାର କରାଯାଏ, ତାହାକୁ ଚିହ୍ନିବା ଆବଶ୍ୟକ। ବାସ୍ତବ ପକ୍ଷେ ଜଣକର ଆନ୍ତରିକ ଆଗ୍ରହ ଥିବା କାର୍ଯ୍ୟରେ ପରିଶ୍ରମ କରିବା ଉପଭୋଗ୍ୟ ହୋଇଥାଏ। କିନ୍ତୁ ନିଜ ସ୍ୱଧର୍ମ ଅନୁକୂଳ ନଥିବା କାର୍ଯ୍ୟଟି ତା'ପାଇଁ ନୈରାଶ୍ୟଜନକ ଏବଂ କ୍ଳାନ୍ତିକର ବିବେଚିତ ହୋଇଥାଏ। ସେହିଭଳି କାର୍ଯ୍ୟରେ ନିଜର ଶକ୍ତିକୁ ନିୟୋଜିତ କରାଗଲେ ସଫଳତା ଆସିବ। ଏପରିକି ତୁମେ ସମାଜରେ ପ୍ରତିଷ୍ଠିତ ହୋଇପାରିବ। ପ୍ରସିଦ୍ଧ ସିନେ ଅଭିନେତା ରଜନୀକାନ୍ତ ଜଣେ ବସ୍ କଣ୍ଡକ୍ଟର ଭାବରେ ଆରମ୍ଭ କରିଥିଲେ ଜୀବନର ଜୟଯାତ୍ରା। ବର୍ତ୍ତମାନ ସେ କେଉଁଠି? ସେମିତି କ୍ରିକେଟ କିମ୍ବଦନ୍ତୀ ଧୋନି ରେଳ ଟିକେଟ ପରୀକ୍ଷକ ଭାବରେ ଆରମ୍ଭ କରିଥିଲେ ଜୀବନ। କିନ୍ତୁ ଏବେ ସେ ବିଶ୍ୱର ଜଣେ ସଫଳ କ୍ରିକେଟର। ଅତଏବ ନିଜ ଅନ୍ତଃନିହିତ ଇଚ୍ଛାକୁ କାର୍ଯ୍ୟକାରୀ କରିବାରେ ସ୍ୱଧର୍ମ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଅଙ୍ଗୀକାରବଦ୍ଧତା: ଥରେ ନିଜର ସ୍ୱଧର୍ମ ବା ଆନ୍ତରିକ ଇଚ୍ଛାକୁ ଠିକ୍ ଭାବେ ଚିହ୍ନିପାରିଲେ ଏକ ଉଚ୍ଚ ଆଦର୍ଶ ପ୍ରତି ନିଜ ଦୃଷ୍ଟି ସ୍ଥିର କରିବା ଆବଶ୍ୟକ ଏବଂ ନିଜକୁ ନିଜେ ପ୍ରଶ୍ନ କରିବା କଥା କେଉଁଥିପାଇଁ ମୁଁ କାର୍ଯ୍ୟ କରୁଛି? ଏହା କେବଳ ଆର୍ଥିକ ସ୍ୱଚ୍ଛଳତା ପାଇଁ ନା ତା' ମଧ୍ୟରେ ଏକ ଗଭୀର ତଥା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ ରହିଛି? ସ୍ୱତଃ ପ୍ରତିଜ୍ଞାବଦ୍ଧ ହୁଅ ଲକ୍ଷ୍ୟ ପ୍ରତି, ହତୋତ୍ସାହିତ କରୁଥିବା ପ୍ରତିବାଧାକୁ ଅତିକ୍ରମ କରି ଯେପରି ତୁମେ ସଫଳ ହୋଇପାରିବ। କଥା ହେଉଛି ନିଜ ଲକ୍ଷ୍ୟ ପ୍ରତି ଆନ୍ତରିକତା ଓ ନିଜକୁ ବାରମ୍ବାର ଅନୁଶୀଳନ। ଭଗବତ୍ ଗୀତାର କର୍ମଯୋଗରେ ଅନାସକ୍ତ କର୍ମ କରିବା ଛଳରେ କୁହାଯାଇଛି ଗଭୀର ପରିଶ୍ରମର କୌଣସି ବିକଳ୍ପ ନାହିଁ ଏବଂ ଏହାହିଁ ପରିଶେଷରେ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୁଏ।

ଦକ୍ଷତା: ସଫଳ ପ୍ରୟାସ ପାଇଁ ନିଜକୁ ଦକ୍ଷ କରିବାର ଆବଶ୍ୟକତା ଅଛି। ସେଥିପାଇଁ ସଂପୃକ୍ତ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିବା ଉଚିତ। ପ୍ରକୃତ ପକ୍ଷେ ଦକ୍ଷତା କେବଳ ମାତ୍ର ତୀକ୍ଷ୍ଣ ବୁଦ୍ଧି ନୁହେଁ, ଏହା ଧୀଶକ୍ତି, ନିରନ୍ତର ଶିକ୍ଷା ବା ଅନୁଭବ ଏବଂ କଠିନ କାର୍ଯ୍ୟର ସମ୍ମିଶ୍ରଣ। ତୀକ୍ଷ୍ଣ କାର୍ଯ୍ୟଧାରା ଦ୍ୱାରା ନିପୁଣତା ହାସଲ କରି ନୂଆ ନୂଆ ଜ୍ଞାନ ପ୍ରତି ସଜାଗ ରହିବା ସାମର୍ଥ୍ୟ ବା ଦକ୍ଷତା ଆଣିଥାଏ। ପ୍ରକୃତପକ୍ଷେ ଦକ୍ଷତା ଆବଶ୍ୟକ କରିଥାଏ ଚାଲୁ ରହିଥିବା ସମକାଳୀନ ଜ୍ଞାନ ଏବଂ ବିକାଶକୁ ଆପେଣାଇବାର ପ୍ରତିଶ୍ରୁତି। ଅର୍ଥାତ୍ ସର୍ବାଧୁନିକ ଟ୍ରେଣ୍ଡ, ଯାନ୍ତ୍ରିକ କୌଶଳ ଏବଂ ସବୁଠୁଁ ଉତ୍ତମ ଅଭ୍ୟାସ ସହିତ ନବୀନ ତମ ଅବସ୍ଥାରେ ରହିବା ଦକ୍ଷତା ପାଇଁ ଅପରିହାର୍ଯ୍ୟ।

ସହଭାଗିତା: ତୁମେ ଯେତେ ବୁଦ୍ଧିମାନ ହୁଅନା କାହିଁକି ଆଶା କରୁଥିବା ଫଳ ହାସଲ କରିବାକୁ ହେଲେ ଦଳଗତ ମନୋଭାବର ଆବଶ୍ୟକତା ରହିଛି। ସହଭାଗିତାରେ କାର୍ଯ୍ୟ କରିବାକୁ ସୁଦୃଢ଼ ସଂଗଠନ ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା କରାଯିବା କଥା। ତାଳମେଳର ମ୍ୟାଜିକ୍ ହୃଦୟଙ୍ଗମ ସେତିକିବେଳେ କରିହେବ ଯେତେବେଳେ ତୁମେ ପରସ୍ପର ସହିତ ସହଯୋଗ କରି ଆଦାୟ କରୁଥିବା ଫଳ ବ୍ୟକ୍ତିଗତ ଭାବରେ ଆଦାୟ କରୁଥିବା ସମ୍ପୂର୍ଣ୍ଣ ଫଳଠାରୁ ଯଥେଷ୍ଟ ଅଧିକ ହୋଇଥିବାର ଦେଖିପାରିବ।

ଏକାଗ୍ରତା: ତୁମର ଧୀଶକ୍ତି ତୁମ ମନକୁ ବର୍ତ୍ତମାନର କାର୍ଯ୍ୟ ମଧ୍ୟରେ ନିବେଶ କରାଇବା ହିଁ ଏକାଗ୍ରତା। ଦୁର୍ବଳ ମାନସିକତା ମଣିଷର ମନକୁ ଅତୀତର ବ୍ୟସ୍ତତା ଏବଂ ଭବିଷ୍ୟତର ଉତ୍କଣ୍ଠା ଭଳି ଅଫଳପ୍ରଦ ବିଷୟ ମଧ୍ୟକୁ ଠେଲି ଦେଇଥାଏ, ଯାହାଫଳରେ ସକ୍ରିୟତାରେ ଅସୁବିଧା ହୋଇଥାଏ ଏବଂ ତୁମକୁ ଅସଫଳ ହେବାକୁ ପଡ଼େ। ଅପରପକ୍ଷରେ ଧୀଶକ୍ତି ସବଳ ଥିଲେ ତାହା ମନକୁ ବର୍ତ୍ତମାନର କାର୍ଯ୍ୟ କରିବା ଉପରେ ପ୍ରାଥମିକତା ଦେଇଥାଏ ଏବଂ ତା' ଦ୍ୱାରା ସଂପୃକ୍ତ କାର୍ଯ୍ୟଟି ଉତ୍ତମ ରୂପେ ସମ୍ପାଦିତ ହୋଇଥାଏ। ସୁତରାଂ ମନର ଏକାଗ୍ରତା ସର୍ବାଦୌ ଆବଶ୍ୟକ ଜଣେ ସଫଳ ଉଦ୍ୟୋଗୀ ପାଇଁ।

ଦୃଢ଼ତା: ତୁମର ଧୀଶକ୍ତିର ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟ କଳ୍ପିତ ଲକ୍ଷ୍ୟକୁ ଭେଦ କରିପାରେ। ଅପରପକ୍ଷରେ ଯଦି ଧୀଶକ୍ତି ଠିକ୍ ଭାବରେ ସତର୍କତା ଅବଲମ୍ବନ ନକରି ପାରେ ତେବେ ମନ ଠିକଣା ବାଟରୁ ବିଚ୍ୟୁତ ହୋଇଯାଏ। ଆଲୋକରଶ୍ମିକୁ ଉତ୍ତଳ ଯବକାଚ ଦ୍ୱାରା ଏକାଭିମୁଖୀ କରି କାଗଜରେ ନିଆଁ ଧରାଇଲା ଭଳି ମନ ଭିତରୁ ଉତ୍ପନ୍ନ ହେଉଥିବା ଧାରଣା ବା ବିଚାରକୁ ଏକ ଲକ୍ଷ୍ୟରେ କେନ୍ଦ୍ରୀଭୂତ କରିପାରିଲେ ତାହା ସଫଳତା ପାଇଁ ଅନମନୀୟ ଦୃଢ଼ତା ସାବ୍ୟସ୍ତ ହେବ। ମାନସିକ ଦୃଢ଼ତା ଅପରିହାର୍ଯ୍ୟ। ମାତ୍ର ଧୀରେ ଧୀରେ ହେଲେ ବି ତୁମେ ଲକ୍ଷ୍ୟଭେଦ କରିପାରିବ।

ସୁତରାଂ ମେଧାଶକ୍ତି କେବଳ ଯଥେଷ୍ଟ ନୁହେଁ ସାଫଲ୍ୟ ବିମଣ୍ଡିତ ହେବାକୁ। ତୁମ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଉନ୍ମୁକ୍ତ କରିବାକୁ ହେଲେ ଉପରୋକ୍ତ ଛଅଟି ମାନବୀୟ ଗୁଣକୁ ନିଜର କରିବା ଆବଶ୍ୟକ। ଅଧିକନ୍ତୁ ଅସାମାନ୍ୟ ସଫଳତା, ଆନନ୍ଦ ଏବଂ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ ଏହିଗୁଡ଼ିକ ହିଁ ଚାବିକାଠି।

କଟକ, ମୋ: ୯୪୩୭୩୬୦୯୮୧

## ଆମ ବୃକ୍ଷଲତା ଆମ ଜୀବନ

ଲାଜକୁଳି ଲତା

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଲାଜକୁଳି ଲତା, ଯାହାକୁ ସମ୍ବେଦନଶୀଳ ଉଦ୍ଭିଦ କିମ୍ବା 'ମୋତେ ସ୍ପର୍ଶ କର ନାହିଁ' ଉଦ୍ଭିଦ ମଧ୍ୟ କୁହାଯାଏ, ସାଧାରଣତଃ ଅନାବାଦୀ ଜମି, ଚାଷ ଜମି ଏବଂ ରାସ୍ତାକଡ଼ରେ ଦେଖାଯାଏ। ଏହା କାରିବିଆନ ଏବଂ ଦକ୍ଷିଣ ଓ ମଧ୍ୟ ଆମେରିକାର ମୂଳ ଜାତ, କିନ୍ତୁ ବର୍ତ୍ତମାନ ଦକ୍ଷିଣ ଯୁକ୍ତରାଷ୍ଟ୍ର, ଦକ୍ଷିଣ ଏସିଆ, ପୂର୍ବ ଏସିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ପଶ୍ଚିମ ଆଫ୍ରିକାରେ ଦେଖିବାକୁ ମିଳେ। ଲାଜକୁଳି ଲତା ଏକ କୌତୁହଳପୂର୍ଣ୍ଣ ଆକର୍ଷଣୀୟ ତୃଣ। ସ୍ପର୍ଶ କିମ୍ବା ହଲିବା ଦ୍ୱାରା ସମ୍ବେଦନଶୀଳ ପତ୍ରଗୁଡ଼ିକ ତତ୍‌କ୍ଷଣାତ ସଙ୍କୁଚିତ ହୋଇ ମୋଡ଼ିଯାଏ ଓ ଝୁଲିଯାଏ, କିଛିମିନିଟ୍ ପରେ ପୁଣି ଖୋଲିଯାଏ। ଏହି ପ୍ରତିଫଳନ ହୁଏତ ନିଜର ପ୍ରତିରକ୍ଷା ପାଇଁ ଏକ ପ୍ରାକୃତିକ ବ୍ୟବସ୍ଥା। ସାଧାରଣ ଅବସ୍ଥାରେ ପତ୍ରଗୁଡ଼ିକ ଅନ୍ଧାର ସମୟରେ ବନ୍ଦ ହୋଇଯାଏ ଏବଂ ଆଲୋକରେ ପୁଣି ଖୋଲିଯାଏ। ଏହାକୁ ପ୍ରଥମେ ଫରାସୀ ବୈଜ୍ଞାନିକ ଜିନ୍-ଜ୍ୟାକ୍ ଡି'ଅର୍ଟୋସ୍ ଅଧ୍ୟୟନ କରିଥିଲେ। ୟୁକେରେ ଏହାକୁ ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟିର ଉଦ୍ୟାନ ମେରିଟ୍ ପୁରସ୍କାର ମିଳିଛି।

ଲାଜକୁଳି ଲତା ଏକ ଦୁର୍ବଳ କାଣ୍ଡ ବିଶିଷ୍ଟ ତୃଣ। ପ୍ରାଥମିକ ଅବସ୍ଥାରେ କାଣ୍ଡ ସିଧା ହୋଇଥାଏ ଏବଂ ପରେ ପରେ ଭୂମି ଉପରେ ପତିତ ହୋଇ ସମାନ୍ତରାଳ ଭାବରେ ବ୍ୟାପିଥାଏ। କାଣ୍ଡ ଘନ କଣ୍ଟାଯୁକ୍ତ। ପତ୍ରର ଡେଙ୍ଗ ମଧ୍ୟ କଣ୍ଟାଯୁକ୍ତ। ପୁଷ୍ପଗୁଚ୍ଛ ଏକ ଗୋଲାକାର ବା ଅଣ୍ଡାକାର ୮-୧୦ ମିମି ବ୍ୟାସରେ ଅନେକ ଫିକା ଗୋଲାପୀ କିମ୍ବା ବାଇଗଣୀ ଫୁଲ ଧାରଣ କରିଥାଏ। ଫୁଲଗୁଡ଼ିକ ବହୁତ ଭଙ୍ଗୁର ଓ ନରମ। ଗୋଟିଏ ଦିନରୁ କମ୍ ସମୟ ପାଇଁ ତିଷ୍ଠି ରହନ୍ତି। ପ୍ରତି ଫଳ ଦୁଇରୁ ପାଞ୍ଚ ଖଣ୍ଡରେ ଭାଙ୍ଗିଯାଏ ଏବଂ ପ୍ରାୟ ୨.୫ ମିମି ଲମ୍ବା ଫିକା ବାଦାମୀ ବିହନ ବହନ କରିଥାଏ।

ଭାରତରେ ଏହି ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦ, ସିଦ୍ଧ ଏବଂ ୟୁନାନି ଔଷଧରେ ବ୍ୟବହାର କରାଯାଏ। ସମ୍ପୂର୍ଣ୍ଣ ଉଦ୍ଭିଦଟି ବାତ, ଗୋଡ଼ ଯନ୍ତ୍ରଣା, କର୍କଟ, ଏକ୍‌ଜିମା, ମଳକଣ୍ଟକ, ପତଳା ଝାଡ଼ା, ଅନ୍ତନଳୀ କୃମି, ଅବସାଦ, ମାଂସପେଶୀ ଯନ୍ତ୍ରଣା ଏବଂ ଏଲିଫାଣ୍ଟିଆସିସ ବା ହାତୀଆ ରୋଗ, ଅନିଦ୍ରା, ଅଣ୍ଡକୋଷର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଋତୁସ୍ରାବ ସମସ୍ୟା, ସଂକ୍ରମଣ, ଦାନ୍ତବିନ୍ଧା, ଡାଇରିଆ, ବସନ୍ତ, ଜ୍ୱର, ଅଲସର, କାମଳ, ରକ୍ତସ୍ରାବ, ଶ୍ୱାସ, ଯକୃତ, ଫିଷ୍ଟୁଲା ଏବଂ ଲ୍ୟୁକୋଡର୍ମା ଚିକିତ୍ସା, ଗର୍ଭାଶୟ ପ୍ରବାହର ଚିକିତ୍ସା, ସାପ ଓ ବିଛା କାମୁଡ଼ା ପାଇଁ ପ୍ରତିଷେଧକ ଭାବେଁ ଏହି ତୃଣ ବ୍ୟବହାର କରାଯାଏ। ପତ୍ରଗୁଡ଼ିକ କାଢ଼ା ଭାବରେ କିମ୍ବା ପେଷ୍ଟ ଭାବରେ ବ୍ୟବହୃତ ହୁଏ। ଏହା ଏହାର ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଫଙ୍ଗାଲ୍, ଆଣ୍ଟି-ଭାଇରାଲ୍ ଗୁଣ ଏବଂ ଆଣ୍ଟି-ମମ୍ପ (ଗାଲ ମୁହଁ ଫୁଲା) କାର୍ଯ୍ୟକଳାପ, ଆଣ୍ଟି-କନଭାଲ୍ସାଣ୍ଟ (ମାଂସ ପେଶୀ ସ୍ୱତଃ ସଙ୍କୋଚନ) ଗୁଣ ପାଇଁ ପ୍ରମାଣିତ ହୋଇଛି। ଏହା ଲିପିଡ୍ ସ୍ତରକୁ ହ୍ରାସ କରେ। ମୂଳକୁ ପାରମ୍ପରିକ ଭାବରେ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଜନନ-ବିରୋଧୀ ଗୁଣ ଥିବାରୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ। ଉଦ୍ଭିଦର ମୂଳର ରସ ନାଗ ସାପର ବିଷର ମାରାତ୍ମକ ତାକୁ ଲାଘବ କରେ। ଏହି ତୃଣରେ ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଟେର୍ପେନୋଏଡ୍ସ, ଆଲକାଲଏଡ୍ସ, କୁମାରିନ୍ସ, ସାପୋନିନ୍ସ, ଟାନିନ୍ସ, ଫେନୋଲ୍ସ, କୁଇନାଇନ୍ସ, ଫ୍ୟାଟି ଏସିଡ୍ସ, ଗ୍ଲାଇକୋସାଇଡ୍ସ, ଅତ୍ୟାବଶ୍ୟକ ତେଲ, ଟାନିନ୍ସ, ଆମିନୋ ଏସିଡ୍ସ, ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍, ମିମୋସିନ୍, ଜାସମୋନିକ୍ ଏସିଡ୍, ବେଟୁଲିନିକ୍ ଏସିଡ୍, ଷ୍ଟିଗମାଷ୍ଟେରୋଲ୍, ବିଟା-ସିଟୋଷ୍ଟେରୋଲ୍, ୨-ହାଇଡ୍ରକ୍ସିମିଥାଇଲ୍-କ୍ରୋମାନ୍-୪-ୱାନ୍, ଡାଇମିଥାଇଲ୍ ଆମୋନିୟମ୍ ଲବଣ ଏବଂ ମିମୋପୁଡିନ୍ ରହିଛି।

ଏହାକୁ ଅଷ୍ଟ୍ରେଲିଆର କିଛି ଅଂଶରେ ଆକ୍ରମଣାତ୍ମକ ତୃଣ ଭାବରେ ବିବେଚନା କରାଯା।। ମକା, ନଡ଼ିଆ, ଟମାଟୋ, କପା, କଫି, କଦଳୀ, ସୋୟାବିନ୍, ପପେଇ ଏବଂ ଆଖୁ ଆଦି ଫସଲ ଲାଜକୁଳି ତୃଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଲାଜକୁଳି ପ୍ରଦୂଷିତ ମାଟିରୁ ତମ୍ବା, ସୀସା, ଟିନ୍ ଏବଂ ଜିଙ୍କ ଭଳି ଭାରୀ ଧାତୁ ଶୋଷଣ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫସଲ ବୀମା ଯୋଜନାରେ ବ୍ୟାପକ ବାଟମାରଣା

ଭୁବନେଶ୍ୱର,୨୭।୭(ସମିସ): ପୂର୍ବ ପ୍ରଚଳିତ ରାଷ୍ଟ୍ରୀୟ କୃଷି ବୀମା ଯୋଜନାକୁ ପରିବର୍ତ୍ତନ କରି ୨୦୧୬ରୁ ବିଜେପି ଦଳ ଓ ଘରୋଇ ବୀମା କମ୍ପାନୀଙ୍କ ଫାଇଦା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନା କାର୍ଯ୍ୟକାରି ହୋଇ ଆସୁଛି। ଦେଶର ପ୍ରାୟ ୧୪କୋଟି ଚାଷୀଙ୍କ ମଧ୍ୟରୁ ୫ କୋଟି ଚାଷୀ

**■ ତଦନ୍ତ ପାଇଁ ଦାବି କଲା କିଷାନ କଂଗ୍ରେସ**
**■ ପଞ୍ଜୀକରଣ ଅବଧି ୧୫ ପର୍ଯ୍ୟନ୍ତ ବୃଦ୍ଧି**

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗତ ୯ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଚାଷୀ ବୀମା ସହାୟତା ରାଶି ପାଇବା ତ ଦୂରର କଥା, ସେମାନଙ୍କ ସଂଗୃହୀତ ମୋଟ ପ୍ରିମିୟମ ରାଶି ୨ଲକ୍ଷ ୩ ହଜାର ୬ଶହ କୋଟି ଟଙ୍କାରୁ ଘରୋଇ କମ୍ପାନୀମାନେ ୧ଲକ୍ଷ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫାଇଦା ଉଠାଇଛନ୍ତି ବୋଲି କିଷାନ କଂଗ୍ରେସ କହିଛି।

ସେହିପରି ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣି ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।

ଚଳିତବର୍ଷ ବୀମା ପଞ୍ଜୀକରଣ ପାଇଁ ଜୁଲାଇ ୩୧ ତାରିଖ ଯେଉଁ ସମୟସୀମା ରଖାଯାଇଛି, ତୁରନ୍ତ ଏହାର ପରିବର୍ତ୍ତନ କରି ବୀମା ପଞ୍ଜିକରଣ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱଗ୍ରାମକୁ ଏକକ ଫସଲବୀମା ୟୁନିଟ ଭାବେ ଘୋଷଣା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ସର୍ତ୍ତାବଳୀରେ ସ୍ୱତନ୍ତ୍ର ନିୟମ ଉଲ୍ଲେଖ କରିବାକୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ପ୍ରକାଶଥାଉକି ଚଳିତମାସ ୧୧ ତାରିଖ ଦିନ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଓ ସମାବେଶରେ ଯୋଗଦେବା ଅବସରରେ ଗଞ୍ଜାମ ଜିଲ୍ଲାର ଚାଷୀଙ୍କଠାରୁ ବୀମା ସମ୍ବନ୍ଧୀୟ ତଥ୍ୟ ଜାଣିବାପରେ ସରକାର ଓ ବୀମା କମ୍ପାନୀମାନେ ଯେପରି ଚାଷୀଙ୍କୁ ଲୁଟିଛନ୍ତି ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅନୁଭବ କରିଥିଲେ। ତେଣୁ ଏହି ସମ୍ବନ୍ଧୀୟ ତଥ୍ୟାବଳୀକୁ ସଂଗ୍ରହ କରାଯାଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପୁନଶ୍ଚ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ୨୮ ରେ ନୂଆଖାଇ ଲଗ୍ନ

ବଲାଙ୍ଗିର,୨୭।୭(ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ବଲାଙ୍ଗିରରେ ରବିବାର ଲଗ୍ନ ଧାର୍ଯ୍ୟ କରାଯାଇଛି। ଆସନ୍ତା ଅଗଷ୍ଟ ୨୮ ତାରିଖ ଦିନ ନୂଆଖାଇ ପର୍ବ ପାଳନ କରାଯିବ ବୋଲି ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭା ନବାନ୍ନ ଲଗ୍ନ ନିର୍ଦ୍ଧାୟକ କମିଟି ଦ୍ୱାରା ପୂର୍ବତନ ପାଟଣା ରାଜ୍ୟ ତଥା ମହାରାଜାଙ୍କ ଇଷ୍ଟଦେବୀ ପାଟେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଓ ପରମ୍ପରା ଅନୁଯାୟୀ ଏହି ଲଗ୍ନ ସ୍ଥିର ହୋଇଥାଏ। ତେବେ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ତୁଳା ଲଗ୍ନରେ ମାହେନ୍ଦ୍ର ବେଳା ସକାଳ ୯ ଘଣ୍ଟା ୪୭ ମିନିଟ୍‌ରୁ ୧୧ ଘଣ୍ଟା ୧୧ ମିନିଟ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ନବାନ୍ନ ଭକ୍ଷଣ କରାଯିବ ବୋଲି ଉକ୍ତ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲଗ୍ନ ଅନୁସାରେ ଜିଲ୍ଲାବାସୀ ନିଜନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଲାଗି କରିବାପରେ ସପରିବାର ମିଶି ନୂଆ ଖାଇବେ। ରବିବାର ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ଠାରେ ରାଜପୁରୋହିତ ସନ୍ତୋଷ ଦାଶ ରବିବାର ନୂଆଖାଇ ଲଗ୍ନ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ଦୁଷ୍କର୍ମ ପୀଡ଼ିତାଙ୍କ ପ୍ରସବ ପରେ ଶିଶୁ ମୃତ; ଅଭିଯୁକ୍ତ ଗିରଫ

ଖଇରପୁଟ/କୁଡୁମୁଲୁଗୁମ୍ମା, ୨୭।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜିଲ୍ଲାର ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ଥିବା ନେଇ ତାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ପୀଡ଼ିତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗତ ୨୫ ତାରିଖରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏବଂ ଅଭିଯୁକ୍ତଙ୍କ ଉପସ୍ଥିତିରେ ଏକ ବୈଠକ ମଧ୍ୟ ହୋଇଥିଲା। ଉଭୟ ପକ୍ଷର ପରିବାର ଲୋକେ ଉପସ୍ଥିତ ରହି ବୈଠକରେ ଆଲୋଚନା କରୁଥିବା ବେଳେ ହଠାତ୍ ପୀଡ଼ିତା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ସେଠାରୁ ଉଭୟ ନବଜାତକ ଓ ପୀଡ଼ତାଙ୍କୁ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ଡାକ୍ତର ନବଜାତ ଶିଶୁଟିକୁ ମୃତ ଘୋଷଣା କରିଥିଲେ ଓ ନାବାଳିକାର ଚିକିତ୍ସା ଆରମ୍ଭ କରିଥିଲେ। ଏ ନେଇ ମୁଦୁଲିପଡା ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

## କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୭।୭(ସମିସ): କୃଷି ବିଭାଗ ସହଭାଗୀତାରେ 'ସୋସିଆଲ ଆଲ୍‌ଫା' ପକ୍ଷରୁ "ଓଡ଼ିଶାରେ କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା' ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ପ୍ରଦର୍ଶିତ ପ୍ରଯୁକ୍ତିବିଦ୍ୟା ସହିତ ଚାଷୀମାନେ ଉଦ୍ଭାବନକୁ ବ୍ୟବହାର କରାଯାଇଥିଲା। ଏହି ଅବସରରେ ସୋସିଆଲ ଆଲଫା ପୂର୍ବ ଜୋନ୍‌ର ନିର୍ଦ୍ଦେଶକ ଅୟାନ୍ ଦେବ କହିଲେ, ଗତ ଚାରି ବର୍ଷ ମଧ୍ୟରେ, ସୋସିଆଲ ଆଲଫା ଏବଂ ଏହାର ଅଂଶୀଦାରମାନେ ସମଗ୍ର ଓଡ଼ିଶାରେ ୧୭ଟି କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନ ପାଇଲଟ୍ ପ୍ରକଳ୍ପ କରିଛନ୍ତି। ଏହା ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ପରିବାର ପାଖରେ ପହଞ୍ଚିପାରିଛି। ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ପ୍ରଯୁକ୍ତିବିଦ୍ୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଉମାଶଙ୍କର ପାଲ ନବସୃଜନ ପାଇଁ ଆବଶ୍ୟକ ମୌଳିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ଗେଟ୍ସ ଫାଉଣ୍ଡେସନ୍ ଏବଂ ସୋସିଆଲ ଆଲଫା ଭଳି ପ୍ରଯୁକ୍ତିବିଦ୍ୟା ଅଂଶୀଦାରମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିଲେ। ବୈଷୟିକ ଦୃଷ୍ଟିକୋଣରୁ ରାଜ୍ୟସ୍ତରୀୟ ଫାର୍ମ ମେସିନାରୀ ତାଲିମ ଏବଂ ପରୀକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଦେବବ୍ରତ ଶତପଥୀ କୃଷି ମୂଲ୍ୟ ଶୃଙ୍ଖଳରେ ଇଞ୍ଜିନିୟରିଂ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ପାଞ୍ଚଟି କୃଷି-ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିଲା।

# ହାତୀ ଆକ୍ରମଣରେ ଜଣେ ମୃତ; ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର

ଜି.ଉଦୟଗିରି,୨୭।୭(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ମାସ ହେଲା ହାତୀ ଆତଙ୍କରେ ଜୀବିକା ପ୍ରଭାବିତ ପ୍ରଭାବିତ ହୋଇଥିବା ବେଳେ ଏବେ ଜୀବନ ଯିବା ଆରମ୍ଭ ହୋଇଛି। ହାତୀଙ୍କ ଉପଦ୍ରବ ଯୋଗୁ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁ ନ ଥିବା ବେଳେ ଜଙ୍ଗଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏଥିଯୋଗୁ ପରିବାର ପ୍ରତିପୋଷଣ କରିବା



**ଗାଁରେ କୋକୁଆ ଭୟ**

କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ମୂଳ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଜଣକୁ ହାତୀ ଆକ୍ରମଣ କରି ମାରି ଦେଇଛି। ଏନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଦେଖିଥିବା ଲୋକଙ୍କ କହିବା ପ୍ରକାରେ ମାଲନସୁଗା ଗାଁର ସଞ୍ଜୟ ଏବଂ ସାମନ୍ତ (ସାରୁ) ପଦାସାହିକୁ ମଜୁରୀ କାମ କରିବାକୁ ଯାଇଥିଲେ। ଅପରାହ୍ନ ସାଢ଼େ ପାଞ୍ଚଟା ବେଳେ ମାଲନସୁଗାକୁ ପାଜିମାହା ରାସ୍ତା ଦେଇ ଫେରୁଥିଲେ। ହଠାତ ପାଜିମାହା ନିକଟରେ ଗୋଟିଏ ଦନ୍ତା ହାତୀ ବୁଦାରୁ ବାହାରି ଥିଲା। ହାତୀକୁ ଦେଖି ସଞ୍ଜୟ ଦୌଡ଼ି ପଳାଇଥିଲେ। କିନ୍ତୁ ସାମନ୍ତ(୫୫) ହାତୀ ହାବୁଡ଼ରେ ପଡିଯାଇଥିଲେ। ତାଙ୍କୁ ହାତୀ ଦଳି କଚାଡ଼ି ଦେଇଥିଲା। ଏଥିରେ ସାମନ୍ତଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଏମିତି ମାରିବା ଦେଖି ଲୋକେ ହାତୀ ପାଗଳ ହୋଇ ଯାଇଥିବା କହିଛନ୍ତି। ଖବର ପାଇ ଭୁବନେଶ୍ୱରରେ ରହୁଥିବା ସାମନ୍ତଙ୍କ ବଡ଼ ଭାଇ ଶମ୍ଭୁ ଦିଗାଲ ପହଞ୍ଚି କ୍ଷତିପୂରଣ ଦାବି କରିବା ସହିତ ହାତୀ ଆତଙ୍କର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ସହିତ ପୁଲିସ ବିଭାଗ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ପୂର୍ବରୁ ସାଲାଂଶୁଗା ଗାଁରେ ହାତୀ ଘରେ ପଶିବାରୁ ଅଳ୍ପକେ ଏଗାର ଜଣ ବର୍ତ୍ତି ଯାଇଥିବା ବେଳେ ପଦାସାହିରେ ଅଳ୍ପକେ ପାଞ୍ଚ ଜଣ ବର୍ତ୍ତି ଯାଇଥିଲେ। ବନ ବିଭାଗ ତରଫରୁ କେବଳ ସତର୍କ ଓ ସତର୍କ ଫଳକ ଲଗାଇ କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁକୁଲିଙ୍ଗିଆ, ପାଜିମାହା ଓ ମାଲାନାସୁଗା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାତୀ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।

### ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର

# ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ସମ୍ବଲପୁର, ୨୭।୭ (ସମିସ): ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ସ୍ଥିତି ଚିନ୍ତାଜନକ ରହିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ବାଲେଶ୍ୱର ଜିଲ୍ଲାରେ ବିପଦ ସଂକେତ ୧ ମିଟର ଉପରେ ପାଣି ପ୍ରବାହିତ ହେବା ଆଶଙ୍କା ରହିଛି। ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବନ୍ୟା ପ୍ରଭାବିତ ଆଶଙ୍କା ଥିବା ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ ବନ୍ୟା ପ୍ରଭାବିତ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି ସେ ସୂଚନା ଦେଇଛନ୍ତି। ରବିବାର ମଧ୍ୟାହ୍ନରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଓସ୍ୱାନ୍ ହଲ୍‌ରେ ମନ୍ତ୍ରୀ ଶ୍ରୀ ପୂଜାରୀ ଭିଡିଓ କନଫରେନ୍ସିଂ ଜରିଆରେ ସାରା ରାଜ୍ୟର ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ (ଏସ୍ଆରସି) ଓ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନେ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ।

ସମୀକ୍ଷା ପରେ ଶ୍ରୀ ପୂଜାରୀ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ମୟୂରଭଞ୍ଜ ଓ କେଉଁଝରର ଦୁଇଟି ଜିଲ୍ଲା ରେଡ୍ ଆଲର୍ଟରେ ଥିଲା ହେଲେ ତାହା ବର୍ତ୍ତମାନ ବିପଦମୁକ୍ତ ରହିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଜଳ ପତ୍ତନ କମିବା ଆରମ୍ଭ ହେଲାଣି। ରିଲିଫ୍ କେନ୍ଦ୍ରରୁ ଲୋକେ ଫେରିବା ଆରମ୍ଭ କଲେଣି। ଏହି ଜିଲ୍ଲା ଗୁଡ଼ିକର କ୍ଷୟକ୍ଷତି ଆକଳନ କରାଯିବ ଏବଂ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରାଯିବ। ବୈତରଣୀ ନଦୀର ଜଳ ପତ୍ତନ ମଧ୍ୟ କମିବାରେ ଲାଗିଛି। ସେହିପରି ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟ ଲୋକେ ରିଲିଫ୍ କେନ୍ଦ୍ରରୁ ଘରକୁ ଫେରିଲେଣି ବୋଲି ସେ କହିଛନ୍ତି। ସମସ୍ତ ପ୍ରଭାବିତ




ଜିଲ୍ଲାର ରିଲିଫ୍ କେନ୍ଦ୍ର ଗୁଡ଼ିକରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯିବା ଜାରି ରହିବ।

ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ଏଠାକାର ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ସଜାଗ ରଖାଯାଇଚି। ସମ୍ଭାବ୍ୟ ବନ୍ୟା ଦୃଷ୍ଟିରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପୃଥକ୍ ଭାବେ ମହିଳା ଓ ପୁରୁଷଙ୍କ ରହିବା ସୁବିଧା ସହ ଅନ୍ୟ ବ୍ୟବସ୍ଥା କରାଯାଇଛି। ବନ୍ୟା ପାଣି କମିଯିବା ପରେ ଉପୁଜୁଥିବା ସାପ ଭୟକୁ ଦୂର କରିବା ପାଇଁ ଡାକ୍ତରଖାନାରେ ଯଥେଷ୍ଟ ପରିମାଣର ଔଷଧ ମହଜୁଦ ରଖିବା, ଏକ ଘଣ୍ଟା ମଧ୍ୟରେ ସାପ କାମୁଡ଼ା ପୀଡ଼ିତଙ୍କ ନିକଟରେ ଔଷଧ ପହଞ୍ଚାଇବା, ସ୍ୱାସ୍ଥ୍ୟସେବୀଙ୍କ ସଂଖ୍ୟା ବୃଦ୍ଧି, ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବା ଏବଂ ବନ୍ୟାଞ୍ଚଳର ସମସ୍ତ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରିବା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତାକାଲି ଶ୍ରାବଣ ସୋମବାର ଥିବାରୁ ପ୍ରଭାବିତ ଅଞ୍ଚଳରେ ପରିଦର୍ଶନ କରୁଥିବା କାଉଡ଼ିଆମାନେ ଯାଡ଼ୁସ୍ୱାଡୁ ପାଣି ନ ପିଇବାକୁ ସେ ପରାମର୍ଶ ଦେଇଛନ୍ତି। ଆଭାସୀ ସମୀକ୍ଷା ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜରୁରୀକାଳୀନ ଅଧିକାରୀ ନୂତନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉତ୍ତର ଓଡ଼ିଶା...

ବନ୍ୟା ପରିସ୍ଥିତି ଯୋଗୁଁ ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପାଇଁ ପଠାଯାଇଛି।

ରବିବାର ସନ୍ଧ୍ୟା ୬ ଟା ବେଳେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳସ୍ତର ୩୬.୨୪ ମିଟର ରହିଛି। ଏଠାରେ ବିପଦ ସଂକେତ ସ୍ତର ୩୮.୩୬ ମିଟର ରହିଛି। ଆଖୁଆପଦାଠାରେ ବିପଦ ସଂକେତସ୍ତର ୧୮. ୩୩ ମିଟର ରହିଥିବା ବେଳେ ଜଳସ୍ତର ୧୭.୬୬ ମିଟର ରହିଛି। ଜଳକା ନଦୀରେ ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ଏଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ଅର୍ଥାତ ଜଳସ୍ତର ୬.୫୨ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟ ଠାରେ ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ଜଳସ୍ତର ୪୮.୮୬ ମିଟର ରହିଛି। ମାତ୍ର ରାଜଘାଟଠାରେ ନଦୀ ଜଳ ବିପଦ ସଂକେତ ସ୍ତର ୧୦.୩୬ ମିଟର ଠାରୁ ଊର୍ଦ୍ଧ୍ୱରେ ଅର୍ଥାତ୍ ୧୧.୧୭ ମିଟର ଉପରେ ପ୍ରବାହିତ ହେଉଛି।

ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଡ଼ି.କେ.ସିଂହ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆର୍‌ଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏବେ ସୁଦ୍ଧା ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ବାଲେଶ୍ୱରରେ ଏକ ଶିବିର(କ୍ୟାମ୍ପ)ରେ ଉପସ୍ଥିତ ରହି ବନ୍ୟା ପରିଚାଳନାକୁ ତଦାରଖ କରୁଛନ୍ତି। ସେହିପରି ଜଳ ସମ୍ପଦ ବିଭାଗର ତଦାରଖ (ମନିଟରିଂ) ସର୍ବୋଚ୍ଚ ଯନ୍ତ୍ରୀ ସୁବର୍ଣ୍ଣରେଖା ନଦୀରେ ବନ୍ୟାସ୍ଥିତି ନିରୀକ୍ଷଣ କରିଛନ୍ତି। ବିଭାଗର ଅନ୍ୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟା ପରିଚାଳନା କାର୍ଯ୍ୟ ପାଇଁ କ୍ଷେତ୍ରସ୍ତରରେ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

## 'ଆୟୁଷ୍ମାନ' ବାକି...

୧୫ ଦିନ ମଧ୍ୟରେ ମିଳିପାରିଛି। ସେହିପରି କେରଳରେ ଡ଼ାକ୍ତରଖାନାଗୁଡ଼ିକ ଆୟୁଷ୍ମାନ ବାବଦରେ ୪୦୦ କୋଟି ଟଙ୍କା ବକେୟା ରାଶି ପାଇ ନାହାନ୍ତି। ସାରା ଦେଶରେ ୬୪ ଲକ୍ଷ ରୋଗୀଙ୍କର ଚିକିତ୍ସା ବାବଦରେ ଏଯାଏ ୧.୨୧ ଲକ୍ଷ କୋଟି ଟଙ୍କା ବକେୟା ରହିଛି।

ଅନ୍ୟପକ୍ଷରେ ଚିକିତ୍ସା ବାବଦରେ ଡ଼ାକ୍ତରଖାନାଗୁଡ଼ିକୁ କମ୍ ଅର୍ଥ ମିଳୁଥିବାରୁ ଚିକିତ୍ସା ଖର୍ଚ୍ଚ ଭରଣା କରାଯାଇ ପାରୁନାହିଁ ବୋଲି ଆଇଏମ୍ଏ କହିଛି। ବିଶେଷ କରି ଜଟିଳ ପ୍ରକ୍ରିୟା ଯୋଗୁଁ ସ୍ୱତନ୍ତ୍ର ସେବା ପ୍ରଦାନ କରୁଥିବା ଘରୋଇ ଡାକ୍ତରଖାନା ପାଇ ଏହା ସମସ୍ୟା ସୃଷ୍ଟି କରୁଛି। ଆଇଏମଏ ଅଧ୍ୟକ୍ଷ ଡ. ଦିଲ୍ଲୀପ ଭାନୁସାଲୀ କହିଛନ୍ତି ଯେ ଚିକିତ୍ସା ମୂଲ୍ୟ ଏବଂ ପ୍ୟାକେଜ ସ୍ଥିର କରିବା ସମୟରେ ଡ଼ାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବା ଉଚିତ୍। ଏହା ସହ ଉଚିତ ସମୟରେ ଅର୍ଥ ପଇଠ ଓ ଦାବି ପ୍ରକ୍ରିୟାର ସରଳୀକରଣ କରିବା ଆବଶ୍ୟକତା ରହିଛି। ଆୟୁଷ୍ମାନ ଭାରତରେ ବିଭିନ୍ନ ରୋଗର ଚିକିତ୍ସା ବାବଦକୁ ବହୁତ କମ୍ ଅର୍ଥ ଦିଆଯାଉଥିବାରୁ ଏହି କାଡର୍ ଜରିଆରେ ଉଚ୍ଚମାନର ସେବା ପ୍ରଦାନ କରୁଥିବା ଘରୋଇ ହସ୍ପିଟାଲଗୁଡିକ ଚାହୁଁ ନାହାନ୍ତି। ଦିଲ୍ଲୀରେ ହଜାରରୁ ଅଧିକ ଘରୋଇ ହସ୍ପିଟାଲ ଥିବାବେଳେ ମାତ୍ର ୬୭ଟି ଡ଼ାକ୍ତରଖାନା ଆୟୁଷ୍ମାନ ଚିକିତ୍ସା ପାଇଁ ଅନୁବନ୍ଧିତ ହୋଇଛନ୍ତି। ଆୟୁଷ୍ମାନ କାଡର୍ ପରିଚାଳନାରେ ଜଟିଳତା, କମ୍ ଅର୍ଥ ଯୋଗୁଁ ବଡ଼ ଡ଼ାକ୍ତରଖାନାଗୁଡ଼ିକ ଏହି ସେବାରୁ ବିମୁଖ ହେଉଛନ୍ତି। ଅନ୍ୟପକ୍ଷରେ ଅନେକ ସମୟରେ ବୈଷୟିକ ତ୍ରୁଟି ଯୋଗୁଁ ଡ଼ାକ୍ତରଖାନା କର୍ତ୍ତୃପକ୍ଷଙ୍କ ଚିକିତ୍ସା ଦାବିକୁ ଖାରଜ କରି ଦିଆଯାଉଥିବାରୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ କ୍ଷତିଗ୍ରସ୍ତ ହେଉନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆଇଏମଏ ଅନେକ ଗୁଡିଏ ପ୍ରସ୍ତାବ ଦେଇଛି। ସ୍ୱଚ୍ଛତା ଆଣିବା ଲାଗି ରିୟଲ-ଟାଇମ ଟ୍ରାକିଂ ବ୍ୟବସ୍ଥା ସୃଷ୍ଟି, ଅଟୋମେଟିକ ପେମେଣ୍ଟ ସିଷ୍ଟମ, ନିୟମିତ ଭାବେ ଚିକିତ୍ସା ଖର୍ଚ୍ଚ ବଦଳାଇବା, ଉଚିତ ମୂଲ୍ୟ ଧାର୍ଯ୍ୟ କରିବା, ୨୪/୭ ଡିଜିଟାଲ ସହାୟତା ପ୍ରଦାନ, ଜିଲ୍ଲା, ରାଷ୍ଟ୍ରୀୟ ଏବଂ ଜାତୀୟସ୍ତରରେ ଅଭିଯୋଗ ସମାଧାନ କେନ୍ଦ୍ର ପ୍ରତିଷ୍ଠା, ଡିବିଟି ପ୍ରକ୍ରିୟା ଅବଲମ୍ବନ, ପ୍ରକ୍ରିୟାରୁ ତୃତୀୟ ପକ୍ଷକୁ ହଟାଇବା ପାଇଁ ଦାବି କରାଯାଇଛି। ଆଇଏମଏ ଏ ସଂକ୍ରାନ୍ତରେ ଜାରି କରିଥିବା ଶ୍ୱେତପତ୍ରକୁ ରାଜ୍ୟସଭାର ସ୍ୱାସ୍ଥ୍ୟ ସମ୍ବନ୍ଧିତ ସ୍ଥାୟୀ କମିଟିକୁ ମଧ୍ୟ ପ୍ରଦାନ କରିଛି।

## ବୈତରଣୀରେ ଭାସିଯାଇ...

ସମେତ ୨ଟି ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ ଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ମୃତଦେହ ଠାବ ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଶରୀରକୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା, ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ପୂର୍ବତନ ସରପଞ୍ଚ କନକପ୍ରଭା ଦାସ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ...

କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ। କିନ୍ତୁ ବନାଗ୍ନି ସମ୍ପର୍କରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଅଭିନବ ପ୍ରୟାସ କରାଯାଇଛି। ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି। ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି। ପ୍ରମିଳା ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି। ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି। ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ; ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୨୦ ହଜାର ଟଙ୍କାରେ...

ଆର୍ଥିକ ଅଭାବ ଯୋଗୁଁ ନିଜ ଦ୍ୱିତୀୟ ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଗତ ୧ ତାରିଖରେ ନୀଳ ରଣାଙ୍କ ସ୍ତ୍ରୀ କନକରଣା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ହେଲେ ଆର୍ଥିକ ଅନାଟନ ଯୋଗୁଁ ଶିଶୁ କନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ପର ହାତକୁ ଟେକି ଦେଇଥିଲେ। ବରଗଡ଼ ଜିଲ୍ଲା ପାଇକମାଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଜଣାପଡିଛି। ନୀଳ ଜଣେ ଦିନ ମଜୁରିଆ ହୋଇଥିବାରୁ ଘର ଠାରୁ ଆରମ୍ଭ କରି ବହୁ ସମସ୍ୟା ତାଙ୍କ ରହିଛି ଯାହାକୁ ନେଇ ସେ ଜନ୍ମ କଲା ଶିଶୁ କନ୍ୟା କୁ ପାଳନ ପୋଷଣ କରିବା ପାଇଁ ନିଜକୁ ଅକ୍ଷମ ଭାବି ଶେଷରେ ବିକ୍ରି କରିଦେଇଥିବା କହିଛନ୍ତି। ଏନେଇ ଟିଟିଲାଗଡ଼ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପରିବାର ଅନ୍ୟ ଜଣେ ସଦସ୍ୟ ଭିନ୍ନମତ ଦେଇଥିବା ଜଣାପଡ଼ିଛି। ବିକ୍ରି ନୁହଁ ବ୍ୟକ୍ତିଗତ ଭାବେ ପାଳନ କରିବା ପାଇଁ ଅକ୍ଷମ ଥିବାରୁ ତାଙ୍କୁ ଦେଇ ଦେଇଥିବା କହିଛନ୍ତି।

## ମାଟି ତଳୁ ୩୫ ଲକ୍ଷ...

ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଥିବା ଝାଡ଼ଖଣ୍ଡ ଆଇଜି ସୂଚନା ଦେଇଛନ୍ତି। ଆଇଜିଙ୍କ ସୂଚନାନୁଯାୟୀ, ମାଓବାଦୀମାନେ ସରଣ୍ଡା ଜଙ୍ଗଲରେ ମାଟି ତଳେ ପୁଳାପୁଳା ଟଙ୍କା ଗଚ୍ଛିତ ରଖିଥିବା ନେଇ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହି କ୍ରମରେ ସିଆର୍‌ପିଏଫ, କୋବ୍ରା ବାହିନୀ ଓ ଜାଗୁଆର ଫୋର୍ସ ସହାୟତାରେ ଝାଡଖଣ୍ଡ ପୁଲିସ ପକ୍ଷରୁ ଓଡିଶା-ଝାଡଖଣ୍ଡର ସୀମାନ୍ତ ଇଲାକା ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ସମୟରେ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ସୁରକ୍ଷାବାହିନୀ ମାଟି ତଳେ ପଲିଥିନ ଦ୍ୱାରା ଗୁଡା ହୋଇ ପୁଳା ପୁଳା ଟଙ୍କା ପୋତା ଯାଇଥିବା ଦେଖିବାକୁ ପାଇଥିଲେ। ଜବତ ଟଙ୍କାର ପରିମାଣ ୩୫ ଲକ୍ଷରୁ ଉଦ୍ଧ୍ୱରୁ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହାସହ ମାଓବାଦୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ମଧ୍ୟ ଯବାନମାନେ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ମାଓବାଦୀମାନେ ୫ ଟନ ବିସ୍ଫୋରକ ସାମଗ୍ରୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ପଥର ଖଣି ନିକଟରୁ ଲୁଟି ନେଇଥିଲେ। ଯେଉଁଥିରୁ ୩ ଟନ୍ ୮୦୦ କେଜି ବିସ୍ଫୋରକକୁ ରାଉରକେଲା ଓ ଝାଡଖଣ୍ଡ ପୁଲିସ ସରଣ୍ଡା ଜଙ୍ଗଲ ଭିତରୁ ସର୍ଚ୍ଚ ଅପରେଶନ କରି ଉଦ୍ଧାର କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରୁ କିଛି ବିସ୍ଫୋରକକୁ ମାଟି ତଳେ ପୋତି ଲୁଚାଇଥିଲେ।

## ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ...

ଯିବ ବୋଲି କହିଲେ ଓ ଅନ୍ୟ ଜଣେ ମନ୍ତ୍ରୀ ଏହାକୁ ମାଟିତଳେ ନିଆଯିବ ବୋଲି ମତ ଦେଲେ। ତେବେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ବ୍ୟୟବରାଦକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ସାଧାରଣରେ ଆଶଙ୍କା ପ୍ରକାଶ ପାଇଥିଲା। ୨୦୨୪-୨୫ରେ ରାଜ୍ୟ ସରକାର ମେଟ୍ରୋ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ୨୦୨୫-୨୬ରେ ଏହାକୁ ୩୦୦ କୋଟି ଟଙ୍କାକୁ ହ୍ରାସ କରିଥିଲେ। ବ୍ୟୟବରାଦ ହ୍ରାସ କରି ସରକାର ମେଟ୍ରୋ ପ୍ରକଳ୍ପର ତଣ୍ଟି ଚିପିଦେଲେ ବୋଲି ସେତେବେଳେ ବିରୋଧୀ ସମାଲୋଚନା କରିଥିଲେ। ଯାହା ଏବେ ସତ ପ୍ରମାଣିତ ହୋଇଛି।

ଅପରପକ୍ଷେ ଟେଣ୍ଡର ବାତିଲ ହେବା ପରେ ଗୃହ ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରଖିଥିବା ମନ୍ତବ୍ୟ ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧାର କରି ଦେଇଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଗଠନ କରିଥିଲା ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବିଭିନ୍ନ ସହରକୁ ଯାଇ ସେଠାରେ ଚାଲୁଥିବା ମେଟ୍ରୋର ସମୀକ୍ଷା କରିବ। ବିଶେଷକରି ଭୁବନେଶ୍ୱର ମେଟ୍ରୋ ମାଟି ତଳେ ଗଡ଼ିବ ନା ଉପରେ ଯିବ, ତାହା କମିଟି ତର୍ଜମା କରିବ। କମିଟି ମୁଖ୍ୟମନ୍ତ୍ରୀଙ୍କୁ ସବିଶେଷ ରିପୋର୍ଟ ଦେବା ପରେ ମୁଖମନ୍ତ୍ରୀ ପରବର୍ତ୍ତୀ ନିଷ୍ପତ୍ତି ନେବେ। ପ୍ରଥମେ କଳ୍ପନା ପଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ନିର୍ମାଣ ହେବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଉପରୋକ୍ତ ବୟାନକୁ ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ମନ୍ତ୍ରୀଙ୍କ ବୟାନକୁ ଯଦି ବିଚାରକୁ ନିଆଯାଏ, ତାହେଲ ମେଟ୍ରୋ ପ୍ରକଳ୍ପ ଆରମ୍ଭ ହେବାକୁ ଅତିକମରେ ୫ ବର୍ଷ ସମୟ ଲାଗିବ। କାରଣ କଳ୍ପନାରୁ ନନ୍ଦନକାନନ ଯାଏଁ ଫ୍ଲାଏ ଓଭର ନିର୍ମାଣ କରିବା ସହଜ ନୁହେଁ। ତେଣୁ ମନ୍ତ୍ରୀଙ୍କ ବୟାନ ପରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବହୁ ବର୍ଷ ଆଗକୁ ଘୁଞ୍ଚିଗଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ କାର୍ଯ୍ୟାଦେଶ ବାତିଲ ହେବା ପରେ ଉକ୍ତ କମ୍ପାନୀଗୁଡ଼ିକ ନିଜର କ୍ଷତିପୂରଣ ପାଇଁ ଆଇନଗତ ପଦକ୍ଷେପ ନେବାକୁ ବିଚାର କରୁଥିବା ସୂଚନା ମିଳିଛି। ଯାହା ରାଜ୍ୟ ସରକାରଙ୍କ ପାଇଁ ଆଗାମୀ ଦିନରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ପୂର୍ବ ସରକାରଙ୍କ ଡିପିଆର ଅନୁଯାୟୀ ଭୁବନେଶ୍ୱରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ନଥିଲା। ମାତ୍ର ସରକାର ଉକ୍ତ କାର୍ଯ୍ୟାଦେଶକୁ ବାତିଲ କରିଦେଇ ଏକ ଅଦୂରଦର୍ଶୀ ନିଷ୍ପତ୍ତି ନେଲେ ବୋଲି ସାଧାରଣରେ ଲୋକେ ମତବ୍ୟକ୍ତ କରୁଛନ୍ତି।


**Notice (for Minor)**

By virtue of an affidavit sworn before N.K. Mohanty, Executive Magistrate, Khordha, dated 15.07.2025, I, Pratap Chandra Nayak, Address: At-Kendupalli, Po-Mallipadar, PS-Begunia, District -Khordha, Odisha, 752061 declare that I have changed the name of my son from Janghya Narayan Nayak to Yajna Narayan Nayak. Henceforth, he shall be known as **Yajna Narayan Nayak** for all purposes.

(Pratap Chandra Nayak)

**AFFIDAVIT**

I, **Swagatika Barad,** D/o- Rabindra Barad, aged about 29 yrs, resident of AT/PO- Kumarbasta, PS- Khordha, Dist- Khordha, PIN- 752055, Odisha vide affidavit done before the Executive Magistrate, Bhubaneswar on 06/03/2025 do hereby state that, I have changed my name to **Swagat Barad** and gender to Man. Henceforth I shall hereafter be known as **Swagat Barad,** S/o- Rabindra Barad for all purposes.

Swagat Barad

## ଗଳିପଡ଼ିବ କି ଟ୍ରାନ୍ସଫର୍ମର !



ଆନନ୍ଦପୁର, ୨୭।୭ (ସମିସ): ଆନନ୍ଦପୁର ବ୍ଲକ ବାଉଁଶଗଡ଼ ପଞ୍ଚାୟତ ଜଙ୍ଘାର ପାତାଳେଶ୍ୱର ଉଚ୍ଚ ବିଦ୍ୟାଳୟର ପାଚେରିକୁ ଲାଗି ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦସଂକୁଳ ହୋଇପଡିଛି। ଟ୍ରାନ୍ସଫର୍ମର ଲଗା ଯାଇଥିବା ଦୁଇଟି ଖୁଣ୍ଟ କଳଙ୍କି ଖାଇ ନଷ୍ଟ ହୋଇଥିବାରୁ କେତେ ବେଳେ ଏହା ଗଳି ପଡି ଧନ ଜୀବନ ହାନି କରିବ ଆଶଙ୍କା ପ୍ରକାଶ ପାଇଛି। ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀର ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଅଧିବାସୀ ଫେରାଦ ହୋଇ ଅଭିଯୋଗ କରିଥିଲେ ମଧ୍ୟ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ସେହିପରି ଏହି ବିପଦସଂକୁଳ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ା ନଥିବାରୁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ବିପଦର କାରଣ ହୋଇଛି।

## ମୃତକଙ୍କ ପରିବାରକୁ ସହାୟତା



ହାଟଡ଼ିହୀ,୨୭।୭ (ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଗୋପ(ଡ଼ିଗିସାହି) ଗ୍ରାମର ରଞ୍ଜନ କୁମାର ବେହେରା(୪୫) ଗତ ୧୧ତାରିଖ ସର୍ପାଘାତରେ ପ୍ରାଣ ହରାଇଛନ୍ତି। ରଞ୍ଜନ ଜଣେ ଦିନ ମଜୁରିଆ ଥିବାରୁ ତାଙ୍କ ପରିବାରଟି ଅତ୍ୟନ୍ତ ଗରିବ ଓ ଅସହାୟ। ପଡୋଶୀ ଗୌରାଙ୍ଗ ରଣା ଓ ମିହିର ବେହେରାଙ୍କଠାରୁ ଏଭଳି ଖବର ପାଇ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧକ୍ଷ ତଥା ସମାଜସେବୀ ଉଦୟନାଥ କର କୁନି କୁନି ଛୁଆଙ୍କ ସହ ଉକ୍ତ ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସେହି ପିଲାଙ୍କ ପାଠପଢ଼ା ପାଇଁ ସେ ନିଶ୍ଚିତ ଭାବେ ସାହାଯ୍ୟର ହାତ ବଢ଼ାଇବେ ବୋଲି କହିଛନ୍ତି।

## ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ ଲୋକାର୍ପିତ



ଆନନ୍ଦପୁର, ୨୭।୭ (ସମିସ): ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଉତ୍କଳ ସାହିତ୍ୟ ସମାଜର ଏକ ବିଶେଷ ଅଧିବେଶନରେ ବରିଷ୍ଠ ସମାଜସେବୀ ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ, ପ୍ରଫେସର ଗଦାଧର ମିଶ୍ରଙ୍କ ଲିଖିତ ବୃହତ ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ ଗ୍ରନ୍ଥକୁ ସହସ୍ରାଧିକ କବି, କବୟିତ୍ରୀ ଓ ସାହିତ୍ୟିକଙ୍କ ଗହଣରେ ଲୋକାର୍ପଣ କରାଯାଇଛି। ପ୍ରଫେସର ଶ୍ରୀ ମିଶ୍ର ଓ ପୂର୍ବୀ ପ୍ରକାଶନ ସଂସ୍ଥାର ଅଧକ୍ଷ ବିରଞ୍ଚି କୁମାର ଦାସ ଓଡ଼ିଆ ସାହିତ୍ୟର ବିଭିନ ଯୁଗର ଓ ବିଭିନ୍ନ ସଂସ୍କୃତିର ଇତିହାସ ସମ୍ପର୍କରେ ସମବେତ କବି ଓ ସାହିତ୍ୟିକ ମାନଙ୍କୁ ନିଜର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ।

## ଯୌନ ଶୋଷଣ ନିବାରଣ ଆଇନ ସଚେତନତା

ଚମ୍ପୁଆ, ୨୭।୭ (ସମିସ): ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ମହିଳା ଯୁକ୍ତ ୨ ଉଚ୍ଚମାଧମିକ ବିଦ୍ୟାଳୟଠାରେ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ମୁଖ୍ୟ ତଥା ଅତିରିକ୍ତ ଜିଲା ଦୌରାଜଜ ପ୍ରଣୟ କୁମାର ଦାସ, ସବଜଜ ଜିତେନ୍ଦ୍ର ଦାସ, ଏସଡିଜେଏମ ଦୀପକ କୁମାର ସାଥୁଆ, ଜେଏମଏଫସି ସୁସ୍ମିତା ମିଶ୍ର, ଓକିଲସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଆଇନଜୀବୀ ବିଷ୍ଣୁଚରଣ ରାଠୋର ଓ ବିଦ୍ୟାଳୟ ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। ଯୌନଶୋଷଣରୁ ସୁରକ୍ଷିତ ରହିବା ଏବଂ ମହିଳା ସୁରକ୍ଷା ଆଇନ ବିଷୟରେ ଅବଗତ କରିବା, ମାନସିକତାକୁ ପରିବର୍ତ୍ତନ କରିବା, ଆଇନର ସହାୟତା ନେବା, ନିଜ ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ଆଇନଗତ ସହାୟତା ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। କମିଟିର ଅବଦୁଲ ସୁରଜ ଖାନ ଓ ରାମକୃଷ୍ଣ ଜିତ ସମେତ ବିଦ୍ୟାଳୟର ଅଧାପକ ଅଧାପିକା ସହଯୋଗ କରିଥିଲେ। ୨୦୦ରୁ ଅଧିକ ଛାତ୍ରୀ ଯୋଗ ଦେଇଥିଲେ।

### ଅପେକ୍ଷାରେ ୮ ଶହରୁ ଅଧିକ ବୃଦ୍ଧବୃଦ୍ଧା

# ଶତାଧିକ ମୃତକଙ୍କ ନାମରେ ଉଠୁଛି ଅର୍ଥ

ଆନନ୍ଦପୁର, ୨୭।୭ (ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ମୃତ ବୃଦ୍ଧଙ୍କଠାରୁ ଆରମ୍ଭ କରି ବର୍ଷକ ତଳେ ଦେହାନ୍ତ ହୋଇଥିବା ଲୋକଙ୍କ ନାମ ବି ତାଲିକାରୁ ହଟା ନ ଯାଇ ଭତ୍ତା ସରକାରୀ ତହବିଲରୁ ଗଡୁଛି। ଏପରିକି ହରିଶ୍ଚନ୍ଦ୍ର ଯୋଜନାରେ ଶବ ସଂସ୍କାର ହୋଇଥିବା ବ୍ୟକ୍ତିଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହୋଇ ଲୁଟ୍ କରାଯାଉଥିବା ସାମାଜିକ କର୍ମୀ ଯଜ୍ଞପ୍ରସାଦ ସାହୁ ଅଭିଯୋଗ କରିଛନ୍ତି।

ଆନନ୍ଦପୁର ପୌରାଞ୍ଚଳର ୧୭ଟି ୱାର୍ଡରେ ୫ ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଲୁଟ୍ ହୋଇଛି। ଲୋକେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାଦ୍ୱାରା ୮ ଶହରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଭତ୍ତା ଅପେକ୍ଷାରେ ଥିଲେ ମଧ୍ୟ ଭତ୍ତା ପାଇପାରୁନାହାନ୍ତି। ଘଷିପୁରାର ଦୈତାରି ଦାଶଙ୍କ ପରଲୋକ ହୋଇଥିଲେ ବି ତାଙ୍କ ନାମରେ ଭତ୍ତା ଟଙ୍କା ଉଠୁଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଘଷିପୁରାର ମଙ୍ଗୁଳି ଚରଣ ସାହୁ, ହଗୁରୁ ସାହୁ, ବଂଶୀଧର ସାହୁଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ନାମରେ ଅର୍ଥ ଉଠାଣ ହେଉଛି। ଲମ୍ବୋଦର ସାହୁ, ଶାଳପଡ଼ାର ମୋହନ ଚରଣ ଜେନା, ଖପରାଖାଇର ଗୁଞ୍ଜର ଜେନା, ମୁଳିଆ ଦେହୁରୀ, କୀର୍ତ୍ତନ ପେରେଇ, ମୁରବାଲିର ଝୁମୁରି ବେହେରା, ସନାତନ ବେହେରା, ଶୈଳଙ୍ଗର ବିଦ୍ୟାଧର ଜେନା ପ୍ରମୁଖ ବର୍ଷରୁ ଅଧିକ ଦିନ ହେବ ମୃତ୍ୟୁବରଣ



କରିଥିଲେ ମଧ୍ୟ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ଅଭିଯୋଗ ହୋଇଛି। ୫ ବର୍ଷ ତଳେ ବୁଢିଆ ପାତ୍ରଙ୍କର ମୃତ୍ୟୁ ହୋଇଥିଲା। ଶବ ସଂସ୍କାର ପାଇଁ ତାଙ୍କ ପୁଅ ହରିଶ୍ଚନ୍ଦ୍ର ସହାୟତା ୩ ହଜାର ଟଙ୍କା ନେଇଥିଲେ। ହେଲେ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ବେଳେ ସମସ୍ତ ୱାର୍ଡରେ ୫ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିରେ ସଂପୃକ୍ତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଦାବି କରିଛନ୍ତି। ଅପରପକ୍ଷରେ ଲୁଟ୍ ହୋଇଥିବା ଅର୍ଥ ତୁରନ୍ତ ସେମାନଙ୍କଠାରୁ ଆଦାୟକରିବାକୁ ଶ୍ରୀ ନାୟକ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବା ସହ ଭତ୍ତା ଅପେକ୍ଷାରେ ରହିଥିବା ବୃଦ୍ଧବୃଦ୍ଧାଙ୍କୁ ନ୍ୟାୟ ଦେବାକୁ ସେ ଦାବି ରଖିଛନ୍ତି।

## ରାସ୍ତାରେ କୁଢ଼କୁଢ଼ ଆବର୍ଜନା; ପରିମଳ ବିପର୍ଯ୍ୟସ୍ତ

ଯୋଡ଼ା, ୨୭।୭ (ସମିସ): ୧୪ଟି ୱାର୍ଡକୁ ନେଇ ପୌରପାଳିକା। ଶିଳ୍ପ ପରିବେଷ୍ଟିତ ଏହି ସହରରେ ପ୍ରାୟ ୫୫ ହଜାର ଲୋକ ବସବାସ କରୁଛନ୍ତି। ଦିନ ଥିଲା ସ୍ୱଚ୍ଛତା ପାଇଁ ମାନ୍ୟତା ପାଇ ବହୁ ପୁରସ୍କାର ହାତେଇଥିଲା। ଏବେ ଯୋଡ଼ା ପୌରପାଳିକା କୁଢ଼ କୁଢ଼ ମଇଳା ଓ ଦୁର୍ଗନ୍ଧମୟ ପରିବେଶର ସହର ପାଲଟିଛି। ସଫେଇ ହେଉ ନ ଥିବାରୁ ଡ୍ରେନ୍ ପୋତି ହୋଇ ଘର ଭିତରେ ବର୍ଷା ପାଣି ପଶିଯାଉଥିବା ୱାର୍ଡବାସୀ ବର୍ଷାରାଣୀ ପାତ୍ର, ରାଜେଶ ଓରାମ, ନଟବର ନାଗ ପ୍ରମୁଖ ଅଭିଯୋଗ କରିଛନ୍ତି। ସମାନ ଅବସ୍ଥା ଅନ୍ୟ ୱାର୍ଡରେ ମଧ୍ୟ ଦେଖାଦେଇଛି। ଜନସାଧାରଣ ଅଭିଯୋଗ କରି କହିଛନ୍ତି ଯେ ସହରରେ ସଫେଇ ଅଭାବରୁ ମଧ୍ୟ କୁଢ଼ କୁଢ଼ ମଇଳା ଆବର୍ଜନା ପଡ଼ି ରହିଛି। ବୁଦାଲତା, ଅନାବନା ଗଛ ସଫେଇ ହେଉନାହିଁ। ସହରରେ ମଶାର ପ୍ରାଦୁର୍ଭାବ। ମଶା ତେଲ, ବ୍ଲିଚିଂ ପାଉଡର ଆବଶ୍ୟକ ମୁତାବକ ଦିଆ ଯାଉ ନାହିଁ। ସେହିପରି ମଶାଧୂଆଁ ମେସିନ ପୌରପାଳିକାରେ ଥାଇ ମଧ୍ୟ ଏହାର ବ୍ୟବହାର ହେଉ ନାହିଁ। ବଡ଼ୁ ହଚିଙ୍ଗସ୍ଥିତ ମାଇକ୍ରୋ କମ୍ପୋଷ୍ଟ କାରଖାନାରେ ପରିଚାଳନାଗତ ସମସ୍ୟା ଯୋଗୁଁ ସେଠାରେ ମଧ୍ୟ ପରିବେଶ ବିପର୍ଯ୍ୟସ୍ତ ହୋଇପଡିଛି। ମାର୍ଚ୍ଚ ୨୦୨୫ ପୂର୍ବରୁ ୪୦ ଜଣ ସଫେଇ ଶ୍ରମିକ ସଫେଇ କାର୍ଯ୍ୟ କରୁଥିଲେ। ୨୦୨୫ ମାର୍ଚ୍ଚ ପରେ ମାତ୍ର ୧୭ ଜଣ ଶ୍ରମିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କିଛି ସଫେଇ ଶ୍ରମିକ କହିଛନ୍ତି ଯେ ସରକାର ଧାର୍ଯ୍ୟ କରିଥିବା ଦୈନିକ ମଜୁରୀ ୪୭୨ ଟଙ୍କା ପରିବର୍ତ୍ତେ ସେମାନଙ୍କୁ ୪୫୦ ଟଙ୍କା ଦିଆଯାଉଛି। ମାର୍ଚ୍ଚ ୨୦୨୫ରେ ହୋଇଥିବା ଟେଣ୍ଡରରେ ପୂର୍ବ ଅପେକ୍ଷା ବ୍ୟୟ ଅଟକଳ ଅର୍ଥ ବୃଦ୍ଧି ପାଇଥିବା ବେଳେ ବଦଳୁନାହିଁ ପରିମଳ ବ୍ୟବସ୍ଥା। ଏପରିକି ନାଳ ବାଟ ଦେଇ ସାପ ଘର ଭିତରେ ପଶି ଯାଉଥିବା ଅଭିଯୋଗ ହେଉଛି। ନିକଟରେ ବୁଲା ସାହିଠାରେ ଏକ ଅଜଗର ସାପ ପଶି ଆସିଥିଲା। ୯ ନଂ ୱାର୍ଡରେ ଏକ ବିଷଧର ବଡ଼ ସାପ ପଶି ଆସିଥିଲା।



## ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର



ଆନନ୍ଦପୁର, ୨୭।୭ (ସମିସ): ଆନନ୍ଦପୁର ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ଝାଡେଶ୍ୱର ଉଚ୍ଚବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ (ଯତ୍ନ ଓ ସୁରକ୍ଷା) ଓ ସମସ୍ତ ଶିଶୁଙ୍କ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା ସମିତିର ଅଧକ୍ଷ ତଥା ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଆନନ୍ଦପୁର ସବ୍ ଜଜ୍ ଗୌରବ ପୁରୋହିତ, ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ସରକାରୀ ଅଧିବକ୍ତା ବାଇଧର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ଅଦାଲତର ବରିଷ୍ଠ ଆଇନଜୀବୀ ହେମରଞ୍ଜନ ବେହେରା, ଅଧିବକ୍ତା ଭାଗୀରଥି ଦାଶ, ତାଲୁକ୍ ଆଇନସେବା କାର୍ଯ୍ୟାଳୟର ଅଧିବକ୍ତା ସସ୍ମିତା ସାହୁ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ଜେନା ଯୋଗ ଦେଇଥିଲେ। ଆଇନ ସହାୟତା ସମିତିର କର୍ମଚାରୀ ଦେବାଶିଷ ବେହେରା ଓ ନବକିଶୋର ଦାସ ସହଯୋଗ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନଶିକ୍ଷକ ରଞ୍ଜନ ଘଡେଇ ଧନ୍ୟବାଦ ଦେଇଥିଲେ।

## ଆମ ସଙ୍କଳ୍ପ 'ନିଶା ନୁହଁ ଜୀବନ' କାର୍ଯ୍ୟକ୍ରମ




ଚମ୍ପୁଆ, ୨୭।୭ (ସମିସ): ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟଠାରେ ଉପଖଣ୍ଡସ୍ତରୀୟ ଆମ ସଙ୍କଳ୍ପ 'ନିଶା ନୁହଁ ଜୀବନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ତଥା ଚମ୍ପୁଆ ଅବକାରୀ ବିଭାଗ ସୈଜନ୍ୟରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନିଶା ସେବନଠାରୁ ଦୁରାଇ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ସମ୍ବନ୍ଧୀୟ ରଚନା, ବକ୍ତୃତା ଓ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମ ସଂକଳ୍ପ- ନିଶା ନୁହଁ ଜୀବନ ମଧ୍ୟମରେ ସଚେତନତାର ବାର୍ତ୍ତା ଅବକାରୀ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଚମ୍ପୁଆ ଅବକାରୀ ବିଭାଗ ଅଧିକାରୀ ଏଚ୍ ଜଗାରାଉଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ମାଧ୍ୟମରେ ତିନି ତିନି ଜଣ ଲେଖାଏଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କାର୍ଗିଲ ବିଜୟ ଦିବସ ପାଳିତ



ଚମ୍ପୁଆ, ୨୭।୭ (ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଗିଲ ବିଜୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ପ୍ରକାଶଚନ୍ଦ୍ର ପ୍ରଧାନ, ଅସିତ ଗିରି ଏବଂ ଅରୁଣ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଚମ୍ପୁଆ ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ବୀରବାଦ୍ୟ ସହିତ ନଗର ପରିକ୍ରମା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଅନ୍ୟତମ ଅତିଥି ଭାବେ ସୈନିକ ସଂଘର ସଭାପତି ଚକ୍ରଧର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଚମ୍ପୁଆ ଓକିଲ ସଙ୍ଘର ସଭାପତି ରମେଶଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ସର୍ବବରିଷ୍ଠ ଅବସରପ୍ରାପ୍ତ ସୈନିକ ଭୁବନେଶ୍ୱର ମହାନ୍ତ ଓ ପୂର୍ଣଚନ୍ଦ୍ର ମହାନ୍ତଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଅସିତ ଗିରି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସୁଶାନ୍ତ ନନ୍ଦ, ଅରୁଣ ନାଏକ, ଦୁଷ୍ମନ୍ତ ମହାନ୍ତ, ରବିନ୍ଦ୍ର ପଣ୍ଡା ସହିଦ୍ ମାନଙ୍କର ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ସୈନିକ ସଂଘର ସମସ୍ତ ସଦସ୍ୟ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ ଓ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

## କେନ୍ଦୁଝର ଜିଲ୍ଲାସ୍ତରୀୟ ଲୋକ ଅଦାଲତ



କେନ୍ଦୁଝର, ୨୭।୭ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା, ବିଚାର ବିଭାଗୀୟ ମୁଖ୍ୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ପ୍ରଥମ ଶ୍ରେଣୀ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ଉପସ୍ଥିତ ଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ କାର୍ଯ୍ୟଭାର ସମ୍ଭାଳିଥିଲେ। ସମୁଦାୟ ୨୫ଟି ଏନ୍ଆଇ ଆକ୍ଟ ମକଦ୍ଦମା ସମାଧାନ କରାଯାଇ ୧ କୋଟି ୪୪ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା, ନାଜିର ନିର୍ମଳ ନାଏକ, ଆଇନସେବା ପ୍ରାଧିକରଣ ପ୍ୟାନେଲ ଅଧିବକ୍ତା ସୁନୀଲ ମହାନ୍ତ, ଶକ୍ତିପ୍ରସାଦ ଶତପଥି, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର ସାହୁ ସହଯୋଗ କରିଥିଲେ।

## ନଦୀ ପାଣିରେ ଏଲ୍ଆଇ ପଏଣ୍ଟ କ୍ଷତିଗ୍ରସ୍ତ

ଚମ୍ପୁଆ,୨୭।୭ (ସମିସ): ଚମ୍ପୁଆର ଲାଇଫଲାଇନ କୁହାଯାଉଥିବା ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଫଳରେ ଉଠାଜଳ ସେଚନ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଚଳିତ ବର୍ଷ ଜୁଲାଇ ମାସର ୨୭ ତାରିଖ ସୁଧା ୪୦୦.୪ ମି.ମି ବର୍ଷା ହୋଇଛି। ଫଳରେ ବୈତରଣୀ ନଦୀର ଜଳସ୍ତର ବଢିବା ସହିତ ନଦୀର ଉଭୟ ପାଶ୍ୱର୍ରେ ଥିବା କାନ୍ଥ ମଧ୍ୟ ଅତଡା ଖସିବାର ସମ୍ଭାବନା ଦେଖାଯାଇଛି। ଚମ୍ପୁଆ ଉଠାଜଳ ସେଚନ ବିଭାଗ ଅଧୀନସ୍ଥ ପର୍ଶଳା ପଞ୍ଚାୟତର ତେନ୍ତଲା ଗ୍ରାମରେ ଥିବା ୩ ନମ୍ବର ଉଠାଜଳ ସେଚନ ପ୍ରକଳ୍ପଟି ନଦୀ ପାଣିରେ ବୁଡି ଯାଇଥିବା ଜଣାଯାଇଛି। ଏନେଇ ବିଭାଗୀୟ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଧୁରାୟ ସାଙ୍ଗେ ସାମ୍ବାଦଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ଫଳରେ ଏଭଳି ଘଟଣା ଘଟିଛି। ସରଞ୍ଜାମ ଗୁଡିକ ନଦୀ ଗର୍ଭରେ ପଡିଥିବା ଅନୁମାନ କରାଯାଇଛି। ନଦୀ ପାଣି କମିଲେ ଉଦ୍ଧାର କାର୍ଯ୍ୟ କରାଯିବା ସହିତ ସରକାରୀ ନିୟମ ଭିତରେ ରହି ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

### ସରକାରୀ କଟକଣାକୁ ମାନୁନାହାନ୍ତି

## ଗିରିଗାଁ ଘାଟରୁ ବାଲିଚୋରି ପାଇଁ ବଢୁଛି ଅପରାଧ

ଆନନ୍ଦପୁର, ୨୭।୭ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅନ୍ତର୍ଗତ ଗିରିଗାଁ ବାଲିଘାଟକୁ ବର୍ଷାଦିନ ପାଇଁ ଅକ୍ଟୋବର ପର୍ଯ୍ୟନ୍ତ କଟକଣା ଜାରି କରିଥିଲେ ମଧ୍ୟ ପ୍ରତିଦିନ ଅନାୟସରେ ବାଲି ଚାଲାଣ ହେଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପୁଲିସ ଓ ତହସିଲ କର୍ତ୍ତୃପକ୍ଷ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଏନେଇ ରାଜସ୍ୱ ହାନି ହେଉଛି। କିଛିଦିନ ହେବ କିଛି ବ୍ୟକ୍ତି ଦୈନିକ ବିଳମ୍ବିତ ରାତିରେ ବାଲି ବେଆଇନ ଭାବେ ଚୋରା ଚାଲାଣ କରୁଥିବାରୁ ଲିଜଧାରୀ ସ୍ଥାନୀୟ ପ୍ରଶାସନ ଓ ପୁଲିସକୁ ଅବଗତ କରିଥିଲେ। ହେଲେ ପୁଲିସର ନିରବତା ଯୋଗୁଁ ଚୋରା କାରବାରକୁ ନେଇ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏପରିକି ଲିଜଧାରୀ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଉତ୍ତେଜକ ପରିସ୍ଥିତି ଉପୁଜିଛି। ଏ ସମ୍ପର୍କରେ ନନ୍ଦିପଦା ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଏହି ବାଲିଘାଟରୁ ଦୈନିକ ବାଲି ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ନେଇ ଚିନ୍ତା ପ୍ରକଟ କରିବା ସହିତ ଏନେଇ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ଷାଋତୁ ପାଇଁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ସରକାର ବାଲିଘାଟ ବନ୍ଦକରିଥିବାର ସୁଯୋଗ ନେଇ ପ୍ରତିଦିନ ଗିରୀଗାଁ ଘାଟରୁ ବାଲି ଚୋରା ଚାଲାଣ ଓ ଏହାକୁ ଅଞ୍ଚଳବାସୀ ବିରୋଧ କରିବାରୁ ଉତ୍ତେଜନା ବଢ଼ିବାରେ ଲାଗିଛି। ଏଣୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ ମହଲରେ ଦାବି ହୋଇଛି।



## ତୃତୀୟ ଭାଷା ମଧ୍ୟରେ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନକୁ ବିରୋଧ

ତେଲକୋଇ, ୨୭।୭ (ସମିସ): ତେଲକୋଇ ବ୍ଲକର ୩୨ଟି ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଏକ ମିଳିତ ବୈଠକ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟଠାରେ ବରିଷ୍ଠ ସଂସ୍କୃତ ଶିକ୍ଷକ ସୁରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ହିନ୍ଦୀ ଶିକ୍ଷକ ତଥା ତେଲକୋଇ ବ୍ଲକ୍ ହିନ୍ଦୀ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ବେହେରା, ଶିକ୍ଷକ ଏମଡି ଅସଗର, ଦାଶରଥୀ ପ୍ରଧାନ, ଈଶ୍ୱରଚନ୍ଦ୍ର ପ୍ରଧାନ, ଜଗବନ୍ଧୁ ନାୟକ, ରମାକାନ୍ତ ମହାନ୍ତ, ସନାତନ ମହାନ୍ତ, ଅନିରୁଦ୍ଧ ବିଶ୍ୱାଳ, ହୃଦାନନ୍ଦ ମହାନ୍ତ, କୀର୍ତ୍ତନ ବିହାରୀ ପ୍ରଧାନ, ତ୍ରୈଲୋଚନ ପ୍ରଧାନ, ବିଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ ଗିରି, ପ୍ରଫୁଲ୍ଲ ମହାନ୍ତ, ପ୍ରମୋଦ ସାହୁ, ନିତ୍ୟାନନ୍ଦ ମହାନ୍ତ, ମୃତ୍ୟୁଞ୍ଜୟ ଦାସ, ପ୍ରମୋଦ ମହାନ୍ତି, ଶିକ୍ଷୟିତ୍ରୀ ସଂଘମିତ୍ରା ସ୍ୱାଇଁ, ପଲ୍ଲବୀ ଖୁଣ୍ଟିଆ, ଇପ୍ସିତା ମହାପାତ୍ର, ସାଗରିକ ବେହେରା ଓ ରୀନା ମଧେଇ ପ୍ରଭୃତି ସରକାରଙ୍କ ଭାଷା ମାରଣ ନୀତି, ବିଶେଷକରି ଧନ୍ଦାମୂଳକ ଶିକ୍ଷାକୁ ତୃତୀୟ ଭାଷା ଅନ୍ତର୍ଭୁକ୍ତ କରିବାକୁ ବିରୋଧ କରିଥିଲେ। ତୃତୀୟ ଭାଷା ମଧ୍ୟରେ ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଭୁକ୍ତ ଦୃଢ଼ ବିରୋଧ କରୁଛୁ ବୋଲି କହିବା ସହ ଯଦି ସରକାର ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଚାହୁଁଛନ୍ତି ତେବେ ତାହା ସମସ୍ତ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଉ କିନ୍ତୁ ତୃତୀୟ ଭାଷା ମଧ୍ୟରୁ ବାଦ୍ ଦିଆଯାଉ। ଏଥିପ୍ରତି ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ୪୩୧ ବିଦ୍ୟାଳୟରେ ଧନ୍ଦାମୂଳକ ପ୍ରଚଳନ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବିଜ୍ଞାପନ ପ୍ରକାଶ ପାଇଛି। ମାତ୍ର ସରକାର ଯଦି ଧନ୍ଦାମୂଳକ ଶିକ୍ଷାକୁ ତୃତୀୟ ଭାଷା ମଧ୍ୟରୁ ବାଦ୍ ନ ଦିଅନ୍ତି ତେବେ ବ୍ଲକ୍ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ସ୍ତରରେ ହିନ୍ଦୀ ଏବଂ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନ କରିବା ସହିତ ଧାରଣାରେ ବସି ଦୃଢ଼ ପ୍ରତିବାଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ପ୍ରତାପଚନ୍ଦ୍ର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଚାଷଜମି ଜଳମଗ୍ନ; ସ୍ଥିତି ପରଖିଲେ ଅଧିକାରୀ



ହାଟଡ଼ିହୀ,୨୭।୭(ସମିସ): ଚାଷ ଜମିରୁ ବର୍ଷାଜଳ ଡ୍ରେନେଜ ହେବା ନେଇ ସୁବନ୍ଦୋବସ୍ତ ନଥିବାରୁ ହାଟଡ଼ିହୀ ବ୍ଲକ ମତାବାଜଠାରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି। ଅଙ୍କିରା ନାଳକୁ ସଫା କରାଯାଉ ନଥିବା ବେଳେ ପାଣି ନିଷ୍କାସନ ଜାଗାକୁ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ମାନସ କୁମାର ସା, ଯୁଧିଷ୍ଠିର ବେହେରା, ସୁରେନ୍ଦ୍ର ସେନାପତି, ପ୍ରଫୁଲ୍ଲ ବେହେରା, ରାଜକିଶୋର ବେହେରା, ଅଜୟ କୁମାର ବେହେରା, ବିରେନ୍ଦ୍ର କୁମାର ବେହେରା, ଉମାକାନ୍ତ ସେନାପତି, ଭୀମସେନ ସ୍ୱାଇଁ, ବୁଲୁ ବେହେରା, ନୃସିଂହ ପାଣିଗ୍ରାହୀ ପ୍ରମୁଖ ସରକାରଙ୍କ ଏଭଳି କାର୍ଯ୍ୟ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଧାୟକ ଅଭିମନ୍ୟୁ ସେଠୀଙ୍କ ନଜରକୁ ଆସିବା ପରେ ବିଧାୟକଙ୍କ ଯୋଗାଯୋଗ ପରେ ବିଭାଗୀୟ ଅଧିକାରୀ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳ ନିଷ୍କାସନ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି ସୂଚନା ମିଳିଛି।

# ହାତୀପଲଙ୍କ ଉପଦ୍ରବ; ପୁଣି ଭାଙ୍ଗିଲେ ଘର

ତୁରୁମୁଙ୍ଗା, ୨୭।୭ (ସମିସ):





କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ। ଏକ ୧୯ ଟିକିଆ ହାତୀପଲ ଏକ ସପ୍ତାହ ଧରି ଆତଙ୍କ ଖେଳାଇ ରେଞ୍ଜ ଅଞ୍ଚଳରେ ୪୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ଧାନ ଚାଉଳ ନଷ୍ଟ କରିଦେଇଛନ୍ତି। ବିଳମ୍ବିତ ରାତିରେ ପୋଇପାଣି ବିଟ୍ ଯମୁନାପଶି ଗ୍ରାମରେ ଦୁଇ ଘର ପାଟଣା ବିଟ୍ ଗାଲଫୁଲା ଓ ବାଲିବନ୍ଧ ଗ୍ରାମରେ ୨ଟି ଘର ଭାଙ୍ଗି ଦେଇଛନ୍ତି। ହାତୀପଲ ଯମୁନାପଶି ଗ୍ରାମର ପ୍ରଫୁଲ୍ଲ ନାଏକ ଏବଂ ବିଶିକେଶନ ମହାକୁଡ଼ଙ୍କ ଘର ଭାଙ୍ଗିବା ସହ ବାଲିବନ୍ଧ ଗ୍ରାମର ବିନି ମହାରଣା ଏବଂ ଗାଲଫୁଲା ଗ୍ରାମର ରଞ୍ଜନ ମୁଣ୍ଡାଙ୍କ ଘର ଭାଙ୍ଗି ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏହି ହାତୀପଲ ସନ୍ଧ୍ୟାରେ ଭରାଣ୍ଡିଆ ଜଙ୍ଗଲ ରେ ଡେରା ପକାଇଛନ୍ତି। ସେହିପରି ଆଉ ଏକ ୯ ଟିକିଆ ହାତୀପଲ ତୋଣ୍ଡ ବିଟ୍ ଘାଟ ବାଲିଯୋଡି ଗ୍ରାମ ନିକଟରେ ଡେରା ପକାଇବା ସହ ଏକର ଏକର ଧାନ ତଳି ମାଡି ଚକଟି ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳ ବାସୀ ଅତିଷ୍ଠ ହେବା ସହ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ହାତୀପଲଙ୍କୁ ଘଉଡାଇବାରେ ବିଫଳ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। କେନ୍ଦୁଝର ଡିଏଫଓ ଏଚଡି ଧନରାଜ ଶନିବାର ସନ୍ଧ୍ୟାରେ ପାଟଣା ରେଞ୍ଜ ଅଞ୍ଚଳ ବୁଲି ହାତୀ ଦ୍ୱାରା କ୍ଷୟକ୍ଷତି ହୋଇଥିବା ଚାଷ ସହ ଘର ଭାଙ୍ଗି ଥିବା କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ରବିବାର ସନ୍ଧ୍ୟାରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ ବଣ୍ଟନ କରିବା ସହ ଶସ୍ୟପାତ୍ର ବଣ୍ଟନ କରିଥିଲେ।

# ପ୍ରଶାସନିକ ହସ୍ତକ୍ଷେପରେ ପରିବହନ ସ୍ୱାଭାବିକ

ଯୋଡ଼ା, ୨୭।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଟାଟା କମ୍ପାନୀର ଖଣ୍ଡବନ୍ଧ ଖଣିରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ନିଯୁକ୍ତି ଦାବିକରି ବନ୍ଦ କରାଯାଇଥିବା ଖଣିଜ ପରିବହନ କାର୍ଯ୍ୟ ପ୍ରଶାସନିକ ହସ୍ତକ୍ଷେପ ପରେ ସ୍ୱାଭାବିକ ହୋଇଥିବା ଜଣାପଡିଛି। ତିନି ଦିନ ଧରି ବନ୍ଦ ରହିଥିବାବେଳେ ଗତ ଶୁକ୍ରବାର ରାତି ୨ଟାରୁ ପୁନର୍ବାର ପରିବହନ କାର୍ଯ୍ୟ ଆରମ୍ଭ ହୋଇଛି। ନିଯୁକ୍ତି ଓ ଖଣିଜ ପରିବହନ କାର୍ଯ୍ୟ କରିବାକୁ ଦାବି କରି ସ୍ଥାନୀୟ ଲୋକଙ୍କ ଦ୍ୱାରା ଚାଲୁଥିବା ପରିବହନ କାର୍ଯ୍ୟ ବନ୍ଦ ଯୋଗୁଁ ସ୍ଥାନୀୟ ଟ୍ରକ ମାଲିକଙ୍କ ଉପରେ ଗୁରୁତର ପ୍ରଭାବ ପଡିଥିଲା। ଯୋଡ଼ା ଖଣି କ୍ଷେତ୍ରରେ ଅନ୍ୟ ଖଣିଗୁଡିକରୁ ପରିବହନ ମାନ୍ଦାବସ୍ଥା ଯୋଗୁଁ ପାଖାପାଖି ବନ୍ଦ ଥିବା ବେଳେ କେବଳ କମ୍ପାନୀର ଖଣ୍ଡବନ୍ଧ ଖଣି ପରିବହନ ଉପରେ ଟ୍ରକ ମାଲିକମାନେ ନିର୍ଭରଶୀଳ ଥିଲେ। ଗାଡି ମାଲିକଙ୍କ ଆର୍ଥିକ ସ୍ଥିତି ଖରାପ ଥିବାବେଳେ ବାହାର ରାଜ୍ୟର ପରିବହନ ଠିକାଦାରଙ୍କ ଗାଡି ଲୋଡିଙ୍ଗରେ ମନମାନି ଓ କିଛି ବାହାର ରାଜ୍ୟର ଅସାଧୁ ମାଲିକଙ୍କ ଗାଡିଗୁଡିକ ଅଗ୍ରାଧିକାର ଭିତ୍ତିରେ ଲୋଡ଼ିଂ କରିବାଯୋଗୁଁ ସଙ୍ଘପଞ୍ଜିକୃତ ଗାଡିଗୁଡିକ ବହୁ ଅସୁବିଧାରେ ପଡୁଥିବାର ବହୁ ସ୍ଥାନୀୟ ଗାଡି ମାଲିକମାନେ ଅଭିଯୋଗ କରିଛନ୍ତି। ଆନ୍ଦୋଳନ ଧାରଣା ଦ୍ୱାରା ଲୋଡ଼ିଂ ନପାଇ ଗାଡି ମାଲିକ ହତାଶ ହୋଇ ପଡ଼ିଥିଲେ। ପୁଲିସ ପ୍ରଶାସନର ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରି କିଛି ଦିନ ମଧ୍ୟରେ ସମସ୍ୟାର ସମାଧାନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ଅଙ୍ଗନବାଡ଼ି ଖାଦ୍ୟ ନିମ୍ନମାନର; ବିଡିଓଙ୍କୁ ଅଭିଯୋଗ

ହାଟଡ଼ିହୀ,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ କେତେକ ଅଙ୍ଗନବାଡି କେନ୍ଦ୍ରରେ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ପ୍ରୋଟିନଯୁକ୍ତ ଶୁଖିଲା ଖାଦ୍ୟ ନିମ୍ନମାନର ମିଳୁଥିବା ନେଇ ଅଭିଯୋଗ ହୋଇଛି। ୨ଦିନ ପୂର୍ବରୁ ଏଭଳି ଅଭିଯୋଗ ନେଇ ୩୪ନଂ ଜୋନ୍‌ର ବିଭିନ୍ନ ପଞ୍ଚାୟତରୁ କିଛି ଅଭିଭାବକ ହାଟଡ଼ିହୀ ବିଡ଼ିଓଙ୍କୁ ଭେଟିଛନ୍ତି। ଅସ୍ୱାଭାବିକ ଭାବେ ଝାଡ଼ାବାନ୍ତି ବ୍ୟାପୁଥିବା ବେଳେ ନିମ୍ନମାନର ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ପ୍ରସ୍ତୁତ ଶୁଖିଲା ଖାଦ୍ୟ ହାନିକାରକ ସାଜିପାରେ ବୋଲି କିଛି ଅଭିଭାବକ ଯୁକ୍ତି ବାଢ଼ିଛନ୍ତି। ପ୍ରତ୍ୟେକ ମାସ ଜିଲ୍ଲା ମୁଖ୍ୟାଳୟରୁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ ହେଉଥିଲା ବେଳେ ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଏନେଇ ଆଲୋଚନା କରିବେ ଜଣାଇଛନ୍ତି। ସିଡ଼ିପିଓ ଉମାମଣି ମହାପାତ୍ର କହିଛନ୍ତି କି, କିଛିଦିନ ପୂର୍ବରୁ ନିମ୍ନମାନର ଚିନାବାଦାମ ଲଡୁ ମୋ ନଜରକୁ ଆସିଥିଲା ଏବଂ ଏହାର ସଠିକ୍ ପ୍ରସ୍ତୁତି ପାଇଁ ପ୍ରସ୍ତୁତକାରୀ ସଂସ୍ଥାକୁ ସେ ତାଗିଦ୍ କରିଥିଲେ। ଜିଲ୍ଲା ପ୍ରଶାସନ ଏଭଳି ଅଭିଯୋଗ ଉପରେ ଦୃଷ୍ଟି ଦେଇ ନିରପେକ୍ଷ ଭାବେ ଖାଦ୍ୟ ଯାଞ୍ଚ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହୋଇଛି।

# ଆମ ପୁଲିସ ସମିତି ବୈଠକ



ବଡସାହି,୨୭।୭(ସମିସ): ବଡ଼ସାହି ଥାନା ପକ୍ଷରୁ ଆମ ପୁଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ସାହି ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଂଜ ଅଧ୍ୟକ୍ଷତା କରିଛନ୍ତି। ଥାନା ଅଧୀନ ବିଭିନ୍ନ ଅଞ୍ଚଳରୁ ସମାଜସେବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ମଞ୍ଚର ପ୍ରତିନିଧି, ବଣିକ ସଂଘର ପ୍ରତିନିଧି ଓ ସାମ୍ବାଦିକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବଡ଼ସାହି ପୁଲିସର ଏସଆଇ ସତ୍ୟନାରାୟଣ କାଲ, କ୍ଷଣପ୍ରଭା ନାୟକ, ଏଏସଆଇ ମହୋନ କୁମାର ସାହୁ, ସୁଶାନ୍ତ କୁମାର ପତି ଓ ସମସ୍ତ କର୍ମଚାରୀଙ୍କ ସମେତ ଥାନା ଅଧୀନ ଆଖପାଖ ପଞ୍ଚାୟତର ଆମ ଗାଁ ପୁଲିସ ସମିତିର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି ଓ ଶିକ୍ଷାବିତ୍ ମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରଛନ୍ତି। ବିଶେଷ କରି ଶିଶୁ ଶ୍ରମିକ, ବାଲ୍ୟବିବାହ, ଟ୍ରାଫିକ୍ ନିୟମ, ନିଶା ନିବାରଣ, ଜୁଆ ଖେଳ, ଆଇନଶୃଙ୍ଖଳା, କଡାକଡି ପାଟ୍ରୋଲିଂ କରିବା, ଗୁଣିଗାରେଡ଼ି, ଅଜଣା ବ୍ୟକ୍ତିଙ୍କ ଅନୁପ୍ରବେଶ ଓ ଅନ୍ଧବିଶ୍ୱାସ ଉପରେ ଆଲୋଚନା କରାଯାଇଥିଲା। ଏସମ୍ପର୍କରେ ଲୋକମାନଙ୍କୁ କିପରି ସଚେତନ କରାଯାଇପାରିବ ଓ ଲୋକମାନେ ମଧ୍ୟ କିପରି ପୁଲିସକୁ ସହଯୋଗର ହାତ ବଢ଼ାଇବେ ସେ ସମ୍ପର୍କରେ ସମସ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ଏସ୍ଆଇ ଶ୍ରୀ କାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


# ମହିଳା ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

ବାରିପଦା,୨୭।୭(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ନୂତନ ବର୍ଷର ସ୍ନାତକ ଛାତ୍ରୀଙ୍କ ନିମିତ୍ତ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବାଣିଜ୍ୟ ବିଭାଗର ମୁଖ୍ୟା ରୋଜି କାନୁନଗୋ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ଚନ୍ଦ୍ରକାନ୍ତ ଦାସ ନବାଗତ ଛାତ୍ରୀଙ୍କୁ ସମାଜରେ ଭଲ ମଣିଷ ହୋଇ ନିଜକୁ ଗଢ଼ିତୋଳିବା ପାଇଁ ଉପଦେଶ ଦେଇଥିଲେ। ଡ. ଅନୁପମା ଭୋଳ ପାଠ୍ୟ ଖସଡ଼ା ସମ୍ବନ୍ଧୀୟ, ଶୁଭସ୍ମିତା ସିଂ ପରୀକ୍ଷା, ଡ. ସ୍ମରଣିକା ସାହୁ ଛାତ୍ରୀନିବାସ, ଡ. ଶିବ ସୋରେନ ଛାତ୍ରବୃତ୍ତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ରେଡ୍‌କ୍ରସ ସମ୍ବନ୍ଧରେ ତପସ୍ୱିନୀ ନାଏକ ଏବଂ ରଜନୀକାନ୍ତ ଶଙ୍ଖୁଆ, ଏନଏସଏସ ଉପରେ ଯମୁନା ମାଝୀ ଏବଂ ମନୀଷା ହେମ୍ବ୍ରମ, ଆମରକ୍ଷା ପ୍ରଶିକ୍ଷଣ ବିଷୟରେ ସୁନୀତା ପ୍ରଧାନ, ରେଞ୍ଜର ସମ୍ପର୍କରେ ସଙ୍ଗୀତା ପତି ତଥ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ଦେବୀଦତ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ରେକର୍ଡ ରଚିଲେ ଯୁବ ବ୍ୟାଡ୍‌ମିଣ୍ଟନ ତାରକା ମନୀଷ

ରାଇରଙ୍ଗପୁର,୨୭।୭(ସମିସ): ରାଇରଙ୍ଗପୁର ଅଞ୍ଚଳର ଯୁବ ବ୍ୟାଡମିଣ୍ଟନ ତାରକା ମନୀଷ ପାଲ ଜିଲ୍ଲାସ୍ତରୀୟ ୨୦୨୫ ତ୍ରିଦିବସୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ରେକର୍ଡ ସୃଷ୍ଟି କରିଛନ୍ତି।



ବାରିପଦାର ଷ୍ଟାଡିୟମପଡ଼ିଆରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୭ ବର୍ଷରୁ କମ, ୧୯ ବର୍ଷରୁ କମ ଏବଂ ବରିଷ୍ଠ ବିଭାଗରେ ନିଜର କ୍ରୀଡ଼ା ନୈପୁଣ୍ୟ ଦେଖାଇ ଚାମ୍ପିଅନ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ରବିବାର ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁବାସିଷ ନାୟକ, ବିଭୂତି ଦାସ, ଶାଶ୍ୱତ ବଳ ଏବଂ ମୁଖ୍ୟ ଆୟୋଜକ କିଶୋର ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବାସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବିଇଡି କଲେଜରେ ମହିଳା ନିର୍ଯ୍ୟାତନା ସଚେତନତା କାର୍ଯ୍ୟକ୍ରମ




ବାରିପଦା,୨୭।୭(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ କର୍ମଜୀବୀ ମହିଳା ଓ ଛାତ୍ରୀ ନିର୍ଯ୍ୟାତନା ଆଇନ ସମ୍ବନ୍ଧୀୟ ସଚେତନତା କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସଞ୍ଜୟ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗଙ୍କ ୨୦୧୫ ନିୟମ କଡାକଡ଼ି ପାଳନ ଓ ଅନ୍ତରୀଣ ଅଭିଯୋଗ କମିଟିର ଭୂମିକା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ତଥା ଆଇନଜୀବୀ ଭାସ୍ୱତୀ ବାରିକ ମୁଖ୍ୟବକ୍ତା, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ ବିଶିଷ୍ଟ ଅତିଥି, ବିଶିଷ୍ଟ ସ୍ୱେଚ୍ଛାସେବୀ ତଥା ଅନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା କନିକା ବୋଷ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ବିଭିନ୍ନ ଆଇନ ଓ ନିଜ କର୍ତ୍ତବ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଡ. ଚିତ୍ରସେନ ସେଠୀ, କେ ଲକ୍ଷ୍ମୀ ସେନାପତି, ରଞ୍ଜନ କୁମାର ମହାପାତ୍ର, ସତ୍ୟବ୍ରତ ଦାସ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର କ୍ଷିରୋଦ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀ ସୁପ୍ରିୟା ସାହୁ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ରାଜକିଶୋର ରାଉଳ, ସରୋଜ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ନବୀନ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟ ମହିଳାଙ୍କୁ ସହାୟତା

ରାଇରଙ୍ଗପୁର,୨୭।୭(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅନେକ ସମୟରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ହେଉ କିମ୍ବା ସଚେତନତା ଅଭାବରୁ ଠିକ ସମୟରେ ଯୋଜନାର ସଫଳତା ଉପଯୁକ୍ତ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ଅନେକ ସମୟରେ ସରକାରୀ ଯୋଜନା ବାଟବଣା ହେଉଥିବା ପରି ମନେ ହେଉଛି।



ଦୁର୍ଗମ ଅଞ୍ଚଳ ରୂପେ ପରିଚିତ ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତ ବନ୍ତଲିଗୋଡ଼ା ଗ୍ରାମର ଆଲ ଦେହୁରୀ (୫୮) ବିଧବା ଭତ୍ତାରୁ ବଞ୍ଚିତ। ପରପିଣ୍ଡାରେ ବିତୁଛି ତାଙ୍କ ତେଲ ଲୁଣ ସଂସାର। ଲଗାଣ ବର୍ଷାରେ ତାଙ୍କ ଘରଟି ପୁରା ଭାଙ୍ଗିଯାଇଛି। ତାଙ୍କୁ ଖାଲି ରାସନ ଚାଉଳ ମିଳୁଛି ଏବଂ ବ୍ୟାଙ୍କ ଖାତା ବି ନାହିଁ। ଖବର ପାଇ ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା "ରାମଦୋଳି ଯୁବକ ସଂଘ' ପକ୍ଷରୁ ପଲିଥିନ, ଲୁଣ, ପିଆଜ, ତେଲ ଏବଂ କିଛି ଶୁଖିଲା ଖାଦ୍ୟ ତାଙ୍କୁ ପ୍ରଦାନ କରିଛନ୍ତି। ରାମଦୋଳି ଯୁବକ ସଂଘ କର୍ମୀ ବୁଧୁରାମ ମୁଣ୍ଡା, କାରିଆ ମୁର୍ମୁ, ଛୋଟୋରାଇ ମୁର୍ମୁ, ଡୋଲୀ ହେମ୍ବ୍ରମ, ସୁନିତା ହାଁସଦା ଏବଂ ସୁକୁଲାଲ ହାଁସଦା ଉପସ୍ଥିତ ଥିଲେ। ତାଙ୍କ ସମସ୍ୟା ବିଷୟରେ ବିଜାତଳା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସଂଘ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଅସହାୟ ଆଲଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଏବଂ ଭତ୍ତା ଯୋଗାଇବାକୁ ସାଧାରଣରେ ଦାବି ହେଉଛି। ଯୁବକ ସଂଘର ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ

କେନ୍ଦୁଝର, ୨୭।୭(ସମିସ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତର ଏକ ବୈଠକ କେନ୍ଦୁଝର ଶିକ୍ଷକ ଭବନଠାରେ ଜିଲ୍ଲା ଓଷ୍ଟା ସଂଗଠନର ସଂପାଦକ ରଞ୍ଜନ କୁମାର ଘଡେଇଙ୍କ ଆହ୍ୱାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଓଷ୍ଟା ସଭାପତି ମନ୍ମଥନାଥ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ୯ କ୍ରାନ୍ତୀ ଦିବସରେ ଜିଲ୍ଲାପାଳ ତଥା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ଦାବି ସମ୍ବନ୍ଧରେ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଅଗଷ୍ଟ ୧୬ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ମହାସମାବେଶରେ ବିପୁଳ ସଂଖ୍ୟାରେ ଯୋଗ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଜିଲ୍ଲା ସଭାପତି ଅଭୟ ଜେନା, ମାଦ୍ରାସା ଶିକ୍ଷକ ସଂଗଠନର ସଭାପତି ମୁଦ୍ଦାଶିର, ଓଷ୍ଟା କେନ୍ଦୁଝରର କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ଓଷ୍ଟା ରାଜ୍ୟ ନେତୃତ୍ୱ ମୃତ୍ୟୁଞ୍ଜୟ ପଲେଇ, ଭୀକାରୀ ଚରଣ ସାହୁ, ଜ୍ଞାନେନ୍ଦ୍ର ଦେଓ, ଓଷ୍ଟା କେନ୍ଦୁଝର ଜିଲ୍ଲାର ସମସ୍ତ ଶିକ୍ଷକ ସଂଗଠନର କର୍ମକର୍ତ୍ତା ଓ ୧୩ଟି ବ୍ଲକର ବ୍ଲକ ସଂପାଦକ ମତ ଦେଇଥିଲେ। ଓଷ୍ଟା ଉପସଭାପତି ବୈକୁଣ୍ଠ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

■ ଲଗାଣ ବର୍ଷାରେ ଭାଙ୍ଗିଗଲା ଘର

# ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

ରାଇରଙ୍ଗପୁର,୨୭।୭(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ଦେଢ଼ମାସରୁ ଅଧିକ ଦିନ ଧରି ବର୍ଷା ବିପ୍ରାତ ଲାଗି ରହିଛି। ବହୁ ପୁରୁଣା ଘର କାନ୍ଥ, ଚାଳ ଓ



ଖପର ଭାଙ୍ଗିଗଲାଣି ଏବଂ ବହୁ ପରିବାର ବେଘର ହୋଇଥିବା ଜଣାପଡ଼ିଛି। ପଲିଥିନ ହିଁ ସେମାନଙ୍କୁ ସାହା ଭରଷା ସାଜିଛି। ରବିବାର ଅପରାହ୍ଣରେ ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ଦୁବୁଲାବେଡା ଗ୍ରାମର ପଙ୍କଜ ରାଉତଙ୍କ ପରିବାର ଖାଇପିଇ ଗଡୁଥିବା ବେଳେ ଘରର କାନ୍ଥ, ଚାଳ ଓ ଆଜବେଷ୍ଟସ ପଡ଼ି ଭାଙ୍ଗିଯାଇଥିଲା। ପଙ୍କଜ ରାଉତ, ତାଙ୍କ ୭୦ ବର୍ଷିୟା ବୃଦ୍ଧା ମାତା, ସ୍ତ୍ରୀ ଏବଂ ଛୋଟ ଝିଅ ଘର ଭାଙ୍ଗି ପଡୁଥିବା ଶବ୍ଦ ଶୁଣି ପ୍ରାଣ ବିକଳରେ ଘରୁ ବାହାରକୁ ଦୌଡି ପଳାଇ ଆସି ନିଜର ଜୀବନ ବଞ୍ଚାଇଛନ୍ତି। ବେଘର ହୋଇଯାଇଥିବା ବେଳେ ରାତିରେ କେଉଁଠି ମୁଣ୍ଡ ଗୁଞ୍ଜିବେ ସେ ଚିନ୍ତାରେ ପରବାର ବର୍ଗ ଅଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବର୍ଷା ବିପ୍ରାତ; ପାହାଡ଼ିଆ ପାଣିରେ ଧୋଇଗଲା ଗ୍ରାମୀଣ ରାସ୍ତା

ରାଇରଙ୍ଗପୁର,୨୭।୭(ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ବହୁ ଘରଦ୍ୱାର ଓ ରାସ୍ତାଘାଟ ନଷ୍ଟ ହୋଇଯାଇଛି। ଏଥିରେ ଗ୍ରାମୀଣ ଲୋକେ ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ରାସ୍ତା ଧୋଇହୋଇଯିବା ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ମୟୂରଭଞ୍ଜ ଉପାନ୍ତ ରାଇରଙ୍ଗପୁର ବ୍ଲକର ଗୁହାଳଡାଙ୍ଗୀରି ପଞ୍ଚାୟତର ଗୁହାଳଡାଙ୍ଗୀରିରୁ ବହଳଦା ବ୍ଲକ୍‌ର ଝରାଡିହି ଯିବାରାସ୍ତା ଓ ସୁରିଆଗୋଡ଼ା ସ୍କୁଲ ପାଖରେ ସୁରିଆଗୋଡ଼ା ନାଳରେ ପାହାଡ଼ିଆ ପାଣି ଆସିଯିବାରୁ ରାସ୍ତା ଧୋଇଯାଇଛି। ରାସ୍ତା ପାଶ୍ୱର୍ ଧୋଇଯିବା ଫଳରେ ରାସ୍ତା ଅଣଓସାରିଆ ହୋଇଯାଇଛି। ସୂଚନାଯୋଗ୍ୟ ଗତ କିଛିଦିନ ହେବ ମୟୂରଭଞ୍ଜ ଜିଲ୍ଲାରେ ଲାଗିରହିଥିବା ଲଗାଣ ବର୍ଷା ପ୍ରଭାବରେ ପାହାଡ଼ ପାଣି ସୁରିଆଗୋଡ଼ା ନାଳରେ ପ୍ରବାହିତ ହେବାରୁ ରାସ୍ତା ଧୋଇହେବାସହ ବଡ଼ବଡ଼ ଗର୍ତ୍ତ ଏବଂ ରାସ୍ତା ପାଶ୍ୱର୍ ମାଟି ଅତଡ଼ା ଖାଇଯାଇଛି। ଏହି ଗ୍ରାମୀଣ ରାସ୍ତାରେ ଦଶଖଣ୍ଡ ଖଣ୍ଡ ଗାଁର ଲୋକ ଯାତାୟାତ କରିଥାନ୍ତି। ଉକ୍ତ ଅଞ୍ଚଳ ଶତପ୍ରତିଶତ ଆଦିବାସୀ ଅଧ୍ୟୁଷିତ



ଅଞ୍ଚଳ ମଧ୍ୟ। ରାସ୍ତାରେ ଗାର୍ଡୱାଲ ନିର୍ମାଣ ହୋଇନଥିବାରୁ ରାସ୍ତା ଧୋଇହୋଇ ଯାଉଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବା ସହ ସୁରିଆଗଡା ସ୍କୁଲ ପାଶ୍ୱର୍ରେ ଗାର୍ଡୱାଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କଲେଜରେ ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା

ବଡ଼ସାହି,୨୭।୭(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଯୌ÷ନ ଉତ୍ପୀଡ଼ନ ଓ ନିର୍ଯ୍ୟାତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା କର୍ମଜୀବୀ ଓ ଛାତ୍ରୀ ଯୌନ ନିର୍ଯ୍ୟାତନା ଆଇନ ସମ୍ବନ୍ଧୀୟ ସଚେତନତା ଓ ନିରାକରଣ କର୍ମଶାଳାରେ ଅଧକ୍ଷ୍ୟ ରଞ୍ଜନ କୁମାର ଦାସ ସଭାପତିତ୍ୱ କରିଛନ୍ତି। ଅଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରିଜାଇଡିଂ ଅଫିସର ଡ. ରିତୁଲତା ବିଶ୍ୱାଳ, କମିଟିର ସଦସ୍ୟ ଅଧ୍ୟାପକ ବିନୋଦ କୁମାର ପରିଡା, ସନ୍ଧ୍ୟାରାଣୀ ଦାସ, କମିଟିର ଅଣଶିକ୍ଷକ ସଦସ୍ୟ ସୁବସ ଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ, ଫକୀର ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ କୌଣସି ପ୍ରକାରର ଯୌନ ଉତ୍ପୀଡ଼ନ କିମ୍ବା ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ମହିଳା କର୍ମଜୀବୀ ଓ ଛାତ୍ରୀମାନେ ନିର୍ଭୟରେ ସେମାନଙ୍କ ଅଭିଯୋଗ ଆଭ୍ୟନ୍ତରୀଣ କମିଟି ନିକଟରେ ଲିଖିତ ଭାବେ ଦାଖଲ କରିବାକୁ ସୂଚନା ଦିଆଯାଇଥିଲା। ଅବସରରେ ଆଡଭୋକେଟ ସଞ୍ଜୟ କୁମାର ଜେନା ଯୌନ ଉତ୍ପୀଡ଼ନର ଆଇନଗତ ଦିଗ ଉପରେ ଅଲୋଚନା କରି ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏଥିରେ କଲେଜର ସମସ୍ତ ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକ ସନ୍ଧ୍ୟାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସର୍ଭିସ ରୋଡ୍ ଦୟନୀୟ

# ନିର୍ମାଣ ସରିବା ଯାଏ ଭାରୀଯାନ ଚଳାଚଳ ବନ୍ଦ ଦାବି

ଆନନ୍ଦପୁର, ୨୭।୭ (ସମିସ):

୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ସର୍ଭିସ ରୋଡ୍ ର ଅବସ୍ଥା ଦୟନୀୟ ହୋଇପଡିଛି। ରାସ୍ତା ନିର୍ମାଣ ଶେଷ ନହେବା ଯାଏ ଶାଳପଡା ସର୍ଭିସ ରୋଡରେ ଲୁହାପଥର ଚଳାଚଳ ବନ୍ଦ କରିବାକୁ ପୂର୍ବତନ ବିଧାୟକ ଭାଗୀରଥି ସେଠୀ ଦାବି କରିଛନ୍ତି। ଅଣ୍ଡର ପାସ ନିର୍ମାଣ ଯୋଗୁଁ ଜାତୀୟ ରାଜପଥକୁ ବନ୍ଦ କରାଯାଇଥିବାରୁ ସର୍ଭିସ ରୋଡ ପ୍ରତିଦିନ ସବୁସମୟରେ ଜାମ ହୋଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି। ଗତ ୫ମାସ ହେଲା ଜାତୀୟ ରାଜପଥ ନିର୍ମାଣ କାମ ଶେଷ ହେଉନଥିବାରୁ ସର୍ଭିସ୍ ରୋଡ୍‌ରେ ବହୁ ସଂଖ୍ୟାରେ ଗାଡ଼ି ଯାତାୟାତ କରୁଛି। ରାସ୍ତା ଖରାପ ହେବାରୁ ସମସ୍ୟା ଦେଖାଦେଇଛି। ଚଳିତ ଜୁଲାଇ ଶେଷ ସୁଦ୍ଧା ଜାତୀୟ ରାଜପଥ ନିର୍ମାଣ ଶେଷ କରିବାକୁ ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଛି। ସମୟ ଆଉ ମାତ୍ର ୩ ଦିନ ଥିବାବେଳେ ନିର୍ମାଣ ଶେଷ ନେଇ ଆଶଙ୍କା ଦେଖାଦେଇଛି। ପ୍ରତିଦିନ ଯାନବାହାନ ଓ ବଡ଼ବଡ଼ ଟ୍ରକ୍ ସବୁ ସର୍ଭିସ ରୋଡ୍‌ରେ ଯାତାୟାତ କରୁଥିବା ବେଳେ ଚାରିଚକିଆ ଓ ବାଇକ୍ ଯାତାୟାତ କରିପାରୁନାହିଁ। ଠିକାସଂସ୍ଥା ତୁରନ୍ତ ରାସ୍ତା ନିର୍ମାଣ ଶେଷ କରିବାକୁ ଶ୍ରୀ ସେଠୀ ଦାବି କରିଛନ୍ତି।



# ବେତନଟୀକୁ ଆକାଂକ୍ଷୀ ବ୍ଲକ୍‌ରେ ସାମିଲ ପାଇଁ ଦାବି

ବାରିପଦା,୨୭।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ବ୍ଲକ କପ୍ତିପଦାକୁ ଆକାଂକ୍ଷୀ ବ୍ଲକରେ ସାମିଲ ପାଇଁ 'ଶରତ ବିକାଶ ମଞ୍ଚ' ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଞ୍ଚର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଗତ ୨୨ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଦା, କୁସୁମୀ, ରାଇରଙ୍ଗପୁର ଏବଂ ତିରିଂକୁ ମିଶାଇ ୬ଟି ବ୍ଲକ ତଥା କେନ୍ଦୁଝରର ୫କୁ ମିଶାଇ ରାଜ୍ୟର ୧୧ଟି ବ୍ଲକକୁ ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଥିବା ନେଇ ଘୋଷଣା ହୋଇଛି। କିନ୍ତୁ ମୟୂରଭଞ୍ଜ ଜିଲ୍ଲା ସମ୍ପୂର୍ଣ୍ଣ ଆଦିବାସୀ ବହୁଳ କପ୍ତିପଦା ବ୍ଲକକୁ ଏହି ଯୋଜନାରେ ସାମିଲ କରାଯାଇ ନ ଥିବାରୁ 'ଶରତ ବିକାଶ ମଞ୍ଚ' ଏବଂ କପ୍ତିପଦା ବ୍ଲକର ଅଧିବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏହି ଯୋଜନାରେ ସାମିଲ ହେଉଥିବା ବ୍ଲକ ଗୁଡିକ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସମନ୍ୟୟରେ ଯୋଜନା କାର୍ଯ୍ୟକାରୀ କରି ଉନ୍ନତିକରଣ କରା ଯିବ। କପ୍ତିପଦା ବ୍ଲକ ୨୬ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏହା ଜିଲ୍ଲାର ଅନ୍ୟତମ ବୃହତ୍ ବ୍ଲକ ହୋଇ ଥିଲେ ମଧ୍ୟ ଯୋଜନାରୁ ବାଦ ଦିଆଯାଇ ଥିବାରୁ ବିକାଶ ମଞ୍ଚ ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ଦାବିପତ୍ର ସମୟରେ ମଞ୍ଚର ସଭାପତି ଗାମାଏ ରାମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ସମାଜସେବୀ ମାହାନ୍ତି ସିଂ ଦେଓଗାମ, ଘନବାବୁ ପାତ୍ର, ସିଦିଓ ଗୋଇପାଇ, ସାମାଜିକ କର୍ମୀ ରମେଶ କୁମାର ବିରୁଆ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୧୬.୫୬
- ୟୁରୋ ୧୦୧.୦୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୫୪୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ପହିଲାରୁ ୟୁପିଆଇ ନିୟମରେ ବଡ଼ ପରିବର୍ତ୍ତନ

# ଦିନକୁ ବାଲାନ୍ସ ଚେକ୍ ଲିମିଟ୍ ୫୦ ରହିବ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି)




ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ହେବାକୁ ଯାଉଛି ଏକ ବଡ ପରିବର୍ତ୍ତନ। ଏଥିରେ ୟୁଜରମାନେ କିଛି ନୂଆ ଜିନିଷ ଦେଖିବାକୁ ପାଇବେ। ଦୈନିକ ଫୋନ୍‌ପେ’, ଗୁଗୁଲ୍ ପେ’ କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍‌ରୁ ପେମେଣ୍ଟ କରୁଥିବା ୟୁଜରଙ୍କ ପାଇଁ ଏହି ପରିବର୍ତ୍ତନ ବେଶ ଗୁରୁତ୍ୱପୂର୍ଣ୍ଣ। ନିଆ ନିୟମରେ ବାଲାନ୍ସ ଚେକ୍ ଲିମିଟ୍ ଧାର୍ଯ୍ୟ କରାଯିବା ସହିତ ଟ୍ରାଞ୍ଜାକ୍‌ସନ୍ ଷ୍ଟାଟସ୍ ଚେକ୍ ନେଇ ବି ସୀମା ସ୍ଥିର କରାଯାଇଛି। ୟୁଜରଙ୍କ ପାଇଁ ଦୈନିକ ବାଲାନ୍ସ ଚେକ୍ କରିବା ସୀମା ୫୦ ଥର ରହିବ। ୟୁପିଆଇ ନିୟମରେ ଏହିଭଳି ଆହୁରି ଅନେକ କିଛି ପରିବର୍ତ୍ତନ କରାଯାଇଛି।

ନ୍ୟାସନାଲ ପେମେଣ୍ଟସ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇକୁ ଅଧିକ ଦ୍ରୁତତର, ସୁରକ୍ଷିତ ଏବଂ ଭରସାଯୋଗ୍ୟ କରିବା ପାଇଁ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଏହି ପରିବର୍ତ୍ତନର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଡିଜିଟାଲ ପେମେଣ୍ଟ ଉପରେ ପଡ଼ିବ। ଭାରତରେ ପ୍ରତି ମାସରେ ୟୁପିଆଇ ମାଧ୍ୟମରେ ପ୍ରାୟ ୧୬୦୦ କୋଟିରୁ ଅଧିକ କାରବାର ହୋଇଥାଏ। କିନ୍ତୁ ଅନେକ ଥର ସର୍ଭରରେ ସମସ୍ୟା ତଥା ପେମେଣ୍ଟରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ଆସିଥାଏ। ଏହି ସମସ୍ୟାଗୁଡ଼ିକୁ କମ୍ କରିବା ପାଇଁ ଏନ୍‌ପିସିଆଇ ୟୁପିଆଇ ନିୟମରେ ୭ଟି ବଡ଼ ପରିବର୍ତ୍ତନ ଆଣିଛି। ପ୍ରଥମ ପରିବର୍ତ୍ତନ ହେଉଛି ବାଲାନ୍ସ ଚେକ୍ କରିବାର ସୀମା ନିର୍ଦ୍ଧାରଣ। ଏବେ ୟୁଜର ଦିନକରେ ନିଜ ୟୁପିଆଇ ଆପ୍ ଜରିଆରେ ମାତ୍ର ୫୦ ଥର ବାଲାନ୍ସ ଚେକ୍ କରିପାରିବେ। ବାରମ୍ବାର ବାଲାନ୍ସ ଚେକ୍ କରିବା ଦ୍ୱାରା ସର୍ଭର ଉପରେ ଚାପ ପଡ଼ିଥାଏ, ଯାହାଦ୍ୱାରା କାରବାର ଧୀମା ହୋଇଯାଏ। ତେଣୁ ଏହି ନିୟମ ଅଣାଯାଇଛି। ଉପଭୋକ୍ତା ନିଜ ମୋବାଇଲ ନମ୍ବର ସହ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଦୈନିକ ମାତ୍ର ୨୫ ଥର ଚେକ୍ କରିପାରିବେ। ଏହାଦ୍ୱାରା ସିଷ୍ଟମ୍‌ରେ ଅନାବଶ୍ୟକ ଚାପ କମ୍ ହେବ ଏବଂ ଜାଲିଆତି ଆଶଙ୍କା ମଧ୍ୟ ହ୍ରାସ ପାଇବ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସ କିମ୍ବା ମ୍ୟୁଚୁଆଲ

**୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ ଅଟୋ ପେ’ ଟ୍ରାଞ୍ଜାକସନ୍**

ଫଣ୍ଡ କିସ୍ତି ଭଳି ଅଟୋପେ’ ଟ୍ରାଞ୍ଜାକସନ୍ ଏବେ ୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ। ଏଥିପାଇଁ ସମୟ ହେଉଛି ସକାଳ ୧୦ଟା ପୂର୍ବରୁ, ଅପରାହ୍ନ ୧ରୁ ୫ଟା ଏବଂ ରାତି ୯ ଟା ୩୦ ପରେ। ଏହାଦ୍ୱାରା ଭିଡ଼ ରହୁଥିବା ସମୟରେ ସର୍ଭର ଉପରେ ଚାପ କମ୍ ହେବ। ଚତୁର୍ଥ ପରିବର୍ତ୍ତନ ଟି ହେଉଛି, ଟ୍ରାଞ୍ଜାକ୍‌ସନ ଷ୍ଟାଟସ୍ ଚେକ୍ କରିବାର ସୀମା। ଏଣିକି ଉପଭୋକ୍ତା କୌଣସି ବିଫଳ ଟ୍ରାଞ୍ଜାକ୍‌ସନ୍‌ର ଷ୍ଟାଟସ୍ ଦିନରେ କେବଳ ୩ ଥର ଚେକ୍ କରିପାରିବେ ଏବଂ ପ୍ରତିଟି ଚେକ୍ ମଧ୍ୟରେ ୯୦ ସେକେଣ୍ଡର ଗ୍ୟାପ୍ ରହିବା ଜରୁରୀ। ବାରମ୍ବାର ଷ୍ଟାଟସ ଦେଖିବା ଦ୍ୱାରା ସିଷ୍ଟମ୍ ଧୀମା ହୋଇଥାଏ।

ଜୁନ୍ ୩୦ ପୂର୍ବରୁ ଏକ ନିୟମ ଲାଗୁ ହୋଇଛି, ଯାହା ଅନ୍ତର୍ଗତ ପେମେଣ୍ଟ କରିବା ପୂର୍ବରୁ ହିଁ ରିସିଭର୍‌ଙ୍କ ପଞ୍ଜୀକୃତ ବ୍ୟାଙ୍କ ନେମ୍ ଦେଖିବାକୁ ମିଳିବ। ଏହାଦ୍ୱାରା ଭୁଲ ଆକାଉଣ୍ଟରେ ଟଙ୍କା ଚାଲିଯିବାର ଭୟ ରହିବ ନାହିଁ ଏବଂ ଜାଲିଆତି ଆଶଙ୍କା କମିବ। ଚାର୍ଜବ୍ୟାକ୍ ତଥା ପେମେଣ୍ଟ ରିଭର୍ସାଲ ଲିମିଟ୍ ଧାର୍ଯ୍ୟ କରାଯାଇଛି। ୩୦ ଦିନରେ ୧୦ ଥର ଏବଂ କୌଣସି ଜଣେ ବ୍ୟକ୍ତି କିମ୍ବା ସଂସ୍ଥାରୁ ୫ ଥର ହିଁ ଚାର୍ଜବ୍ୟାକ୍ ମାଗିପାରିବେ। ଏହାବ୍ୟତୀତ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ଆପ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଯେ, ସେମାନେ ୟୁପିଆଇ ବ୍ୟବହାରକୁ ଅନୁଧ୍ୟାନ କରନ୍ତୁ। ଯାହାଦ୍ୱାରା ସିଷ୍ଟମ୍‌ରେ ହେରଫେର ହେବ ନାହିଁ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ୟୁପିଆଇକୁ ଆହୁରି ଅଧିକ ଉନ୍ନତ କରିବା। ବାରମ୍ବାର ବାଲାନ୍ସ ଚେକ୍ କରିବା କିମ୍ବା ଷ୍ଟାଟସ୍ ରିଫ୍ରେସ୍ କରିବାର ଅଭ୍ୟାସ ଛାଡ଼ିବେ ୟୁଜର। ଅଟୋପେ’ ପାଇଁ ନନ୍-ପିକ୍ ସମୟକୁ ଧ୍ୟାନରେ ରଖି ଏବଂ ପେମେଣ୍ଟ ପୂର୍ବରୁ ରିସିଭର୍‌ଙ୍କ ନାଁ ଦେଖିବା ପାଇଁ ୟୁଜରଙ୍କୁ ଆହ୍ୱାନ ଦିଆଯାଇଛି। ଏହି ନିୟମ ସିଷ୍ଟମ୍‌କୁ ଦ୍ରୁତ ଏବଂ ସୁରକ୍ଷିତ କରିବ, ଯାହାଦ୍ୱାରା ୟୁଜର ନିର୍ବିଘ୍ନରେ ଡିଜିଟାଲ ପେମେଣ୍ଟ କରିପାରିବେ।

## ଏସିଡିଟି ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଏସିଡିଟି ବା ଗ୍ୟାସ୍ ସମସ୍ୟା ଦୂର କରିବା ପାଇଁ ବ୍ୟବହୃତ ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ ରହିଛି। ଏହି ଔଷଧରେ ସମ୍ଭାବ୍ୟ କର୍କଟ-କାରକ ତତ୍ତ୍ୱର ସ୍ତର ନିରୀକ୍ଷଣ କରିବାକୁ ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟାମକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଡ୍ରଗ୍ସ ଟେକ୍ନିକାଲ୍ ଆଡଭାଇଜରୀ ବୋର୍ଡ (ଡିଟିଏବି)ର ୯୨ତମ ବୈଠକରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ଡ. ରାଜୀବ ସିଂହ ରଘୁବଂଶୀଙ୍କ ଦ୍ୱାରା କରାଯାଇଥିବା ସୁପାରିଶ ପରେ ଏହି ପଦକ୍ଷେପ ନିଆଯାଇଛି। ଗତ ବର୍ଷ ଡିସେମ୍ବରରେ ଗଠିତ ଏକ ବିଶେଷଜ୍ଞ କମିଟି ଦ୍ୱାରା ଦାଖଲ କରାଯାଇଥିବା




- ଔଷଧର ଫର୍ମୁଲେସନ୍‌ରେ ସମ୍ଭାବ୍ୟ କର୍କଟକାରକ ତତ୍ତ୍ୱ ସ୍ତରର ଯାଞ୍ଚ ନିର୍ଦ୍ଦେଶ
- ଔଷଧ ନିୟାମକମାନଙ୍କୁ ସିଡିଏସ୍‌ସିଓଙ୍କ ନିର୍ଦ୍ଦେଶ

ରିପୋର୍ଟକୁ ବୋର୍ଡ ଇତି ମଧ୍ୟରେ ସମୀକ୍ଷା କରିଛି। ବୋର୍ଡ ସୁପାରିଶ କରିଛି ଯେ ଏନ୍‌ଡିଏମ୍‌ଏର ଉପସ୍ଥିତିକୁ ଦୃଷ୍ଟିରେ ରଖି ରାନିଟିଡିନର ଦୀର୍ଘକାଳୀନ ସୁରକ୍ଷା ମୂଲ୍ୟାଙ୍କନ କରିବା ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏକ ଅଧ୍ୟୟନ କରିବ। ନିର୍ମାତାମାନଙ୍କୁ ଏବେ ବିପଦ-ଭିତ୍ତିକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି, ଯେପରିକି ସେଲ୍ଫ ଲାଇଫ୍ ସୀମିତ କରିବା, ସଂରକ୍ଷଣ ସୁପାରିଶଗୁଡ଼ିକୁ ସଂଶୋଧନ କରିବା ଏବଂ ସେମାନଙ୍କ ଯୋଗାଣ ଶୃଙ୍ଖଳରେ ଏନ୍‌ଡିଏମ୍‌ଏ ପରୀକ୍ଷା ପ୍ରୋଟୋକଲକୁ ବୃଦ୍ଧି କରିବା। ଇଣ୍ଟରନ୍ୟାସନାଲ୍ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର (ଆଇଏଆର୍‌ସି) ଅନୁଯାୟୀ, ରାନିଟିଡିନ୍ ଗ୍ରୁପ୍ ୨ଏ କର୍କଟ ରୋଗ ବର୍ଗରେ ପଡ଼ିଥାଏ, ଯାହାର ଅର୍ଥ ହେଉଛି ଏହା ଏକ ସମ୍ଭାବ୍ୟ ମାନବ କର୍କଟ ରୋଗ। ଯେତେବେଳେ ଫାମୋଟିଡିନ୍ ଏବଂ ପାଣ୍ଟୋପ୍ରାଜୋଲ୍ ଭଳି ସୁରକ୍ଷିତ ବିକଳ୍ପ ଉପଲବ୍ଧ ଥାଏ, ସେତେବେଳେ ଏହାକୁ ଔଷଧରେ ବ୍ୟବହାର କରିବା ଜାରି ରଖିବା ଉଚିତ୍ ନୁହେଁ ବୋଲି ଦିଲ୍ଲୀ ଏମ୍ସର ଅଙ୍କୋଲୋଜିଷ୍ଟ ଡାଃ ଅଭିଷେକ ଶଙ୍କର କହିଛନ୍ତି। କିଛି ନମୁନାରେ ଏନ୍‌ଡିଏମ୍‌ଏର ବିପଜ୍ଜନକ ଭାବରେ ଉଚ୍ଚ ସ୍ତର ମିଳିବା ପରେ ସାଧାରଣତଃ ଏସିଡ୍ ରିଫ୍ଲକ୍ସ ଏବଂ ଅଲସର ପାଇଁ ବ୍ୟବହୃତ ରାନିଟିଡିନ୍‌କୁ ଆମେରିକା ସମେତ ଅନେକ ବଜାରରୁ ପ୍ରତ୍ୟାହାର କରାଯାଇଥିଲା।

## ପରମାଣୁ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଘରୋଇ ସହଭାଗିତା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ଷମତା ଉନ୍ନତ କରିବା ପାଇଁ କମ୍ ମୂଲ୍ୟର ପାଣି ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର ଶୁକ୍ରବାର କହିଛନ୍ତି। ସେ କହିଛନ୍ତି ଯେ ସରକାର ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ପାଇଁ ଆର୍ଥିକ ବିକଳ୍ପ ଏବଂ ନିୟାମକ ଢାଞ୍ଚାକୁ ଉନ୍ନତ କରିବା ଉଚିତ। ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଅଧିକାରୀଙ୍କ ୬୮ତମ ବ୍ୟାଚ୍‌କୁ ସମ୍ବୋଧିତ କରି ମିଶ୍ର ଗବେଷକମାନଙ୍କୁ ଖର୍ଚ୍ଚ ହ୍ରାସ ରଣନୀତିରେ ନବସୃଜନ କରିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ପରମାଣୁ ଶକ୍ତିକୁ ଭାରତର ପସନ୍ଦିତ ଶକ୍ତି ଉତ୍ସ କରାଯାଇପାରିବ। ମହାକାଶ କ୍ଷେତ୍ରର ଅପାର ସମ୍ଭାବନାକୁ ଉଲ୍ଲେଖ କରି ମିଶ୍ର କହିଛନ୍ତି ଯେ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ କଳ୍ପନା କରାଯାଇଛି, ଯାହା ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ। ସେ ପରମାଣୁ ଶକ୍ତିର ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କର୍କଟ ରୋଗ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ରେଡିଓଆଇସୋଟୋପ୍ ବ୍ୟବହାର ଏବଂ ବର୍ଜ୍ୟଜଳ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ କୌଶଳ ଉଲ୍ଲେଖ କରିଥିଲେ। ସ୍ପିନ୍-ଅଫ୍



ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକୀକରଣ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ମିଶ୍ର କହିଛନ୍ତି ଯେ ସରକାର ୨୦୨୪-୨୫ କେନ୍ଦ୍ରୀୟ ବଜେଟ୍ ଅଧୀନରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ୫୦ଟି ବହୁ-ଉତ୍ପାଦ ଖାଦ୍ୟ ବିକିରଣ ୟୁନିଟ୍ ଅନୁମୋଦନ କରିଛନ୍ତି। ମିଶ୍ର ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଦ୍ଭାବିତ ସ୍ପିନ୍-ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକୀକରଣ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଏହି ୟୁନିଟ୍‌ଗୁଡ଼ିକ ୧୨ଟି ରାଜ୍ୟରେ କାର୍ଯ୍ୟ କରୁଛନ୍ତି ଏବଂ ଫଳ, ମସଲା, ଡାଲି ଏବଂ ଔଷଧି ଭଳି ଜିନିଷର ସେଲ୍ଫ ଲାଇଫ୍ ବୃଦ୍ଧି କରିବାରେ ସାହାଯ୍ୟ କରୁଛନ୍ତି, ଏବଂ ସେଗୁଡ଼ିକୁ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ସୁସଙ୍ଗତ କରୁଛନ୍ତି।

## ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ,୨୭।୭(ଏଜେନ୍ସି)

ଭାରତର ସର୍ବବୃହତ ଆଇଟି ସେବା ପ୍ରଦାନକାରୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର କର୍ମଚାରୀ ସଂଖ୍ୟାରେ ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ଏହାର କର୍ମଚାରୀ ସଂଖ୍ୟାରେ ପ୍ରାୟ ୨ ପ୍ରତିଶତ ଛଟେଇ କରିବ। ଆଗାମୀ ବର୍ଷ ମଧ୍ୟରେ ପ୍ରାୟତଃ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଥିବା ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ କମ୍ପାନୀ ଛଟେଇ କରିବ ବୋଲି କହିଛି।

ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି ଟିସିଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. କୃତିବାସନ୍। ଟେକ୍ନୋଲୋଜିରେ ଦ୍ରୁତ ପରିବର୍ତ୍ତନକୁ ନଜରରେ ରଖି ଟିସିଏସ୍‌କୁ ଅଧିକ ସ୍ମାର୍ଟ ଓ ଭବିଷ୍ୟତକୁ ଆଖି ଆଗରେ ରଖି କାମ କରିବାକୁ ପଡ଼ିବ। କମ୍ପାନୀର ବ୍ୟାପକ ରଣନୀତିରେ ଏହା ଅଂଶ ବୋଲି କୃତିବାସନ କହିଛନ୍ତି। ତେବେ କମ୍ପାନୀ କାହିଁକି କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଚାହୁଁଛି ବୋଲି ପଚାରାଯିବାରୁ କୃତୀବାସନ କହିଛନ୍ତି ଶିଳ୍ପରେ ପରିବର୍ତ୍ତନ ଘଟୁଛି। କାମ କରିବାର ଉପାୟ ବଦଳୁଛି, ଏବଂ ପ୍ରତ୍ୟେକ କମ୍ପାନୀ ନିଜର ସଫଳତା ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତି କରିବା ସହ ଚତୁର ହେବା ନିହାତି ଆବଶ୍ୟକ। ଆମେ ଏଆଇ ଏବଂ ଅପରେଟିଂ ମଡେଲ ପରିବର୍ତ୍ତନ ଭଳି ନୂଆ ଟେକ୍ନୋଲୋଜି ଆଣୁଛୁ। କମ୍ପାନୀ ଆଗକୁ ଆବଶ୍ୟକ ଦକ୍ଷତାର ନିକଟରୁ




**ବରିଷ୍ଠ ସ୍ତରରେ ଅଧିକାଂଶଙ୍କୁ କରାଯିବ ବିଦା**

ମୂଲ୍ୟାଙ୍କନ କରି ସେହି ଅନୁସାରେ ଏଆଇକୁ ନିୟୋଜିତ କରାଯିବ। ଆମେ ସହଯୋଗୀମାନଙ୍କୁ କ୍ୟାରିଅର ଅଭିବୃଦ୍ଧି ଏବଂ ନିୟୋଜିତ ସୁଯୋଗ କିପରି ପ୍ରଦାନ କରିପାରିବୁ ସେଥିପାଇଁ ଆମେ ସେମାନଙ୍କ ଉପରେ ବହୁତ ବିନିଯୋଗ କରିଛୁ। ଜୁନ୍ ୨୦୨୫ ସୁଦ୍ଧା ଟିସିଏସ୍‌ରେ ସାରା ବିଶ୍ୱରେ ୬ ଲକ୍ଷ ୧୩ ହଜାର କର୍ମଚାରୀ ରହିଛନ୍ତି। ଏଥିରୁ ୨ ପ୍ରତିଶତ ହ୍ରାସ, ଅର୍ଥାତ୍ ପ୍ରାୟ ୧୨,୨୦୦ ଚାକିରି ସହିତ ସମାନ। ତେବେ ଏହି ଛଟେଇ ମଧ୍ୟମ ପରିଚାଳନା ଏବଂ ବରିଷ୍ଠ ସ୍ତର ହେବ।

ଜୁନିୟର ସ୍ତରରେ ହେବ ନାହିଁ ବୋଲି ସିଇଓ କହିଛନ୍ତି। ତେବେ ଏଆଇ ପାଇଁ ଯେ ଏହି ନିଯୁକ୍ତି ଯାଉଛି ତାହା ନୁହେଁ, ଭବିଷ୍ୟତର ଦକ୍ଷତା ହାସଲ କରିବାକୁ କମ୍ପାନୀମାନେ ଏପରି କରୁଛନ୍ତି। ତେବେ ପ୍ରଭାବିତ କର୍ମଚାରୀଙ୍କ ପାଇଁ ଛୁଟି ପ୍ୟାକେଜ, ନୋଟିସ୍ ଅବଧି ପାଇଁ ଦରମା, ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା ଏବଂ ସ୍ଥାନାନ୍ତର ସହାୟତା ପ୍ରଦାନ କରାଯିବ ବୋଲି ସିଇଓ ନିଶ୍ଚିତ କରିଛନ୍ତି।

## ଟିପିସିଓଡିଏଲ୍ ପକ୍ଷରୁ ବନ ମହୋତ୍ସବ ପାଳିତ



ଭୁବନେଶ୍ୱର,୨୭।୭(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ କରାଯାଇଛି। ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗୋଷ୍ଠୀ ସଦସ୍ୟମାନଙ୍କୁ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ବୃକ୍ଷର ସୁରକ୍ଷା ଓ ଯତ୍ନ ନେବା ପାଇଁ ଉତ୍ସାହିତ କରାଯାଇଥିଲା। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଉନ୍ନତ ଭବିଷ୍ୟତ ପାଇଁ ପରିବେଶର ନିରନ୍ତରତା ସୁନିଶ୍ଚିତ କରିବାରେ ଜଙ୍ଗଲ ଏବଂ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରରେ



ଭୁବନେଶ୍ୱର, ୨୭।୭(ସମିସ): ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ମଞ୍ଚେଶ୍ୱର ସ୍ଥିତ ଉତ୍କଳ ଅଟୋମୋବାଇଲ୍ସଠାରେ ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍‌ର ବଜାର ପ୍ରବେଶ ହୋଇଯାଇଛି। ଏହାର ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହିଛି। ଏକ୍ସୟୁଭି ୩ଏକ୍ସଓ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ୧ ଲକ୍ଷରୁ ଅଧିକ ବିକ୍ରି ହାସଲ କରି ଏକ ବଡ଼ ସଫଳତା ପାଇଛି, ଯାହା ମହିନ୍ଦ୍ରାର ସବୁଠାରୁ ଦ୍ରୁତ ବିକ୍ରି ହେଉଥିବା ଏସ୍‌ୟୁଭି। ରେଭେକ୍ସ ସିରିଜ୍‌ର ଆକର୍ଷଣୀୟ ଫିଚସ, ନୂଆ ଡିଜାଇନ୍ ଏବଂ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ଯାହାକି ଏକ୍ସୟୁଭି ୩ଏକ୍ସଓକୁ ଆହୁରି ଆକର୍ଷଣୀୟ କରିଛି। ଅନନ୍ୟ ବ୍ୟକ୍ତିତ୍ୱ ପ୍ରତିଫଳିତ କରୁଥିବା ଗାଡି ଖୋଜୁଥିବା ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ ରଖି ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରକୁ ଛାଡିଛି।

## ଦିଲ୍ଲୀରେ ଖୋଲିବ ନାଇଟ୍ ମାର୍କେଟ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀରେ ରାତ୍ରୀ ଜୀବନକୁ ପ୍ରୋତ୍ସାହନ ଦେବା ପାଇଁ ଏନଡିଏମସି ଏବେ ତାଙ୍କ ଅଞ୍ଚଳରେ ରାତି ବଜାର ଅର୍ଥାତ ନାଇଟ୍ ମାର୍କେଟ୍ ଖୋଲିବାକୁ ଯାଉଛନ୍ତି। ଏହି ମାର୍କେଟ୍ ରାତି ୧୦ଟାରେ ଖୋଲିବ ଓ ସକାଳ ପର୍ଯ୍ୟନ୍ତ ଚାଲିବ। ଏହି ବଜାର ଖୋଲିବା ପଛରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ଦିଲ୍ଲୀ ନାଇଟ୍ ଲାଇଫକୁ ପ୍ରୋତ୍ସାହନ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଣୁ ଇନ୍ଦୋର ଭଳି ପ୍ରାରମ୍ଭିକ ପର୍ଯ୍ୟାୟରେ ୫୬ଟି ଦୋକାନକୁ ନେଇ ନାଇଟ୍ ମାର୍କେଟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଏହି ମାର୍କେଟ୍ ଖୋଲିବା ପାଇଁ ଏନଡିଏମସି ଏବେ କନଟ ପ୍ଲେସ୍ ଓ ଲୋଧି ରୋଡକୁ ବିକଳ୍ପ ଭାବେ ଦେଖୁଛନ୍ତି। ଏବେ ଏହି ଅଞ୍ଚଳରେ ସର୍ଭେ କରି ଦେଖାଯାଉଛି କେଉଁ ଅଞ୍ଚଳରେ ମାର୍କେଟ ବସାଯିବ, ଯାହା ଦ୍ୱାରା ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ଭଲ ପରିବେଶ ମିଳିପାରିବ। ଏହି ବଜାର ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଚାଲିବ।

### ଡ୍ରାଗନ୍‌କୁ ଆମେରିକାର ଚିପ୍ ରପ୍ତାନି କଟକଣା

# ଚୀନ୍‌ରେ ପହଞ୍ଚିଲା ୧ ବିଲିୟନ୍ ଡଲାରର ଏନ୍‌ଭିଡିଆ ଏଆଇ ଚିପ୍ସ

ୱାଶିଂଟନ୍, ୨୭।୭(ଏଜେନ୍ସି)

ଏହାପରେ ଚୋରା ଚାଲାଣକାରୀମାନେ ତିନି ମାସ ମଧ୍ୟରେ ଏନଭିଡିଆର ଅତି କମ୍‌ରେ ୧ ବିଲିୟନ ଡଲାର ମୂଲ୍ୟର ଉନ୍ନତ ଏଆଇ ଚିପ୍ସ ଚୀନକୁ ବିକ୍ରି କରିଛନ୍ତି। ଏହି ଚୋରା ଚାଲାଣ ଥାଇଲ୍ୟାଣ୍ଡ ମାଧ୍ୟମରେ କରାଯାଇଥିଲା କୁହାଯାଉଛି। ଏକ ରିପୋର୍ଟରେ ଏ ନେଇ ଦାବି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଏନଭିଡିଆର ଉଚ୍ଚମାନର ବି୨୦୦ ପ୍ରୋସେସର, ଯାହା ଚୀନରେ ବିକ୍ରି ପାଇଁ ନିଷିଦ୍ଧ, ସେଠାରେ କଳା ବଜାରରେ ବ୍ୟାପକ ଭାବରେ ଉପଲବ୍ଧ। ରିପୋର୍ଟରେ ବିକ୍ରି ଚୁକ୍ତିନାମା, କମ୍ପାନୀ ଡକ୍ୟୁମେଣ୍ଟ ଏବଂ ଡିଲ୍ ବିଷୟରେ ସିଧାସଳଖ ଜ୍ଞାନ ଥିବା ଅନେକ ଲୋକଙ୍କୁ ଉଦ୍ଧୃତ କରି ଏହି ଦାବି କରାଯାଇଛି।

ଅନ୍ୟପକ୍ଷରେ, ଚୋରା ଚାଲାଣ ଖବର ପରେ, ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ ଏନଭିଡିଆ ଡାଟା ସେଣ୍ଟରରେ ଅନଧିକୃତ ଚିପ୍ସ ବ୍ୟବହାର ବିରୁଦ୍ଧରେ ଏକ କଡ଼ା ଚେତାବନୀ ଜାରି କରିଛି। କମ୍ପାନୀ କହିଛି ଯେ ବେଆଇନ ଭାବରେ ଏପରି ଚିପ୍ସ କିଣିବା ବୈଷୟିକ ଏବଂ ଆର୍ଥିକ ଉଭୟ ଭାବରେ ‘କ୍ଷତିର ଚୁକ୍ତି’। ଅପରପକ୍ଷେ ଆମେରିକାର ବାଣିଜ୍ୟ ବିଭାଗ, ହ୍ୱାଇଟ୍ ହାଉସ୍ ଏବଂ ଥାଇ ସରକାର ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇନାହାଁନ୍ତି। ରିପୋର୍ଟ ଅନୁଯାୟୀ, ମେ ମାସରେ ଅନେକ ଚୀନ୍ ବିତରକ ଚୀନ୍‌ର ଏଆଇ ଗ୍ରୁପଗୁଡ଼ିକୁ ସେବା ପ୍ରଦାନ କରୁଥିବା ଡାଟା ସେଣ୍ଟରଗୁଡ଼ିକର ଯୋଗାଣକାରୀଙ୍କୁ ବି୨୦୦ ବିକ୍ରି କରିବା ଆରମ୍ଭ କରିଥିଲେ। ଏଆଇ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ବଜାରରେ ବିଶ୍ୱବ୍ୟାପୀ ପ୍ରାଧାନ୍ୟ ହାସଲ କରିବାକୁ ଆମେରିକା ଏବଂ ଚୀନ୍ ସଂଘର୍ଷ କରୁଛନ୍ତି। ଏନ୍‌ଭିଡିଆ ଗତ ସପ୍ତାହରେ କହିଥିଲା ଯେ ଟ୍ରମ୍ପ ପ୍ରଶାସନ ଏଚ୍୨୦ ଭଳି ଚିପ୍ସ ବିକ୍ରି ଉପରେ ରପ୍ତାନି

- ଫ୍ଲାଇଂ ସୁଟ୍‌କେସ୍‌ରେ ହେଲା ଚୋରାଚାଲାଣ
- ଥାଇଲ୍ୟାଣ୍ଡ ଦେଇ ହୋଇଛି ଚୋରା କାରବାର



କଟକଣା ଉଠାଇବା ପରେ ଏହାକୁ ଚୀନ୍‌ରେ ପୁନଃ ବିକ୍ରୟ କରିବାକୁ ଅନୁମତି ଦିଆଯିବ। ଏହି କଟକଣାଗୁଡ଼ିକ ଏପ୍ରିଲ୍‌ରେ ଲାଗୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହା ପୂର୍ବରୁ ତିନି ମାସ ମଧ୍ୟରେ ଗ୍ୱାଙ୍ଗଡୋଙ୍ଗ, ଝେଜିୟାଙ୍ଗ ଏବଂ ହ୍ୱେଇ ପ୍ରଦେଶରେ ଚୀନ୍ ବିତରକମାନେ ଏନ୍‌ଭିଡିଆର ବି୨୦୦ ସହିତ ଏଚ୍୧୦୦ ଏବଂ ଏଚ୍୨୦୦ ଭଳି ଅନ୍ୟାନ୍ୟ ନିଷିଦ୍ଧ ପ୍ରୋସେସରଗୁଡ଼ିକୁ ବିକ୍ରି କରିଥିଲେ। ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ଏପରି ବଜାର ପାଲଟିଛନ୍ତି ଯେଉଁଠାରୁ ଚୀନ୍ ଗୋଷ୍ଠୀଗୁଡ଼ିକ ନିଷିଦ୍ଧ ଚିପ୍ସ ହାସଲ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଆମେରିକାର ବାଣିଜ୍ୟ ବିଭାଗ ସେପ୍ଟେମ୍ବରରୁ ଥାଇଲ୍ୟାଣ୍ଡ ଭଳି ଦେଶରେ ଉନ୍ନତ ଏଆଇ ଉତ୍ପାଦଗୁଡ଼ିକ ଉପରେ ଅଧିକ ରପ୍ତାନି ନିୟନ୍ତ୍ରଣ ଲାଗୁ କରିବା ବିଷୟରେ ଆଲୋଚନା କରୁଛି।

**■ ଫ୍ଲାଇଂ ସୁଟ୍‌କେସ୍ କ’ଣ**

ଗତ ମାସରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ ଚୀନ୍ କମ୍ପାନୀଗୁଡ଼ିକ ଉଚ୍ଚ-ସ୍ତରୀୟ ଏଆଇ ଚିପ୍ସ ଉପରେ ଆମେରିକାର କଟକଣାକୁ ଏଡ଼ାଇବା ପାଇଁ ‘ଅପାରମ୍ପରିକ’ ପଦ୍ଧତି ଗ୍ରହଣ କରୁଛନ୍ତି। ଏହା ଅଧୀନରେ, ଏଆଇ ପ୍ରଶିକ୍ଷିତ ହାର୍ଡ ଡ୍ରାଇଭ୍ ସୁଟକେସ୍‌ରେ ଅନ୍ୟ ଦେଶକୁ ପରିବହନ କରାଯାଉଛି। ଏଗୁଡ଼ିକୁ ‘ଫ୍ଲାଇଂ ସୁଟକେସ୍’ ନାମ ଦିଆଯାଇଛି। ଉଦାହରଣ ସ୍ୱରୂପ, ମାର୍ଚ୍ଚ ମାସରେ ଏକ ଘଟଣାରେ ଚାରି ଜଣ ଚୀନ୍ ଇଞ୍ଜିନିୟର ବେଜିଂରୁ ମାଲେସିଆ ଯାତ୍ରା କରିଥିବା ରିପୋର୍ଟ ହୋଇଛି। ସେମାନଙ୍କ ପାଖରେ ୮୦ ଟେରାବାଇଟ୍ ଡାଟା ଧାରଣ କରିଥିବା ୧୫ ଟି ହାର୍ଡ ଡ୍ରାଇଭ୍ ଭର୍ତ୍ତି ସୁଟକେସ୍ ଥିଲା। ମାଲେସିଆର ଏକ ଡାଟା ସେଣ୍ଟରରେ, ସେମାନେ ଉନ୍ନତ ଏନ୍‌ଡିଭିଆଇ ଚିପ୍ସ ସହିତ ସଜ୍ଜିତ ପ୍ରାୟ ୩୦୦ ସର୍ଭର ବ୍ୟବହାର କରି ଏକ ଏଆଇ ମଡେଲ୍ ବିକଶିତ କରିଥିଲେ, ଯାହାକୁ ସେମାନେ ପରେ ଚୀନକୁ ଫେରାଇ ଆଣିଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିପାରନ୍ତି। ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖା ଦେଇ ପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୪୨- ପାର୍ସିଆ ଓ ଅଷ୍ଟ୍ରିଆ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କଲେ।
- ୧୮୫୮- ପ୍ରଥମ ଥର ଫିଙ୍ଗର୍ ପ୍ରିଣ୍ଟ ବ୍ୟବହାର କରାଗଲା।
- ୧୯୧୪- ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ।
- ୧୯୫୯- ଗ୍ରେଟ୍ ବ୍ରିଟେନ୍‌ରେ ଡାକକୋଡ୍‌ର ପ୍ରଚଳନ ଆରମ୍ଭ ହେଲା।
- ୧୯୭୯- ଚୌଧୁରୀ ଚରଣ ସିଂହ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୫- ଭିଏତ୍‌ନାମ ଆସିଆନ୍‌ର ସଦସ୍ୟ ହେଲା।
- ୨୦୧୬- ବଙ୍ଗୀୟ ଲେଖିକା ମହାଶ୍ୱେତା ଦେବୀଙ୍କ ପରଲୋକ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ




କଥାରେ ଅଛି, ପ୍ରକୃତି ସୁସ୍ଥ ରହିଲେ ମାନବ ସମାଜ ସୁସ୍ଥ ରହିବ। ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଲୋକଙ୍କୁ ଅବଗତ ତଥା ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ଭବିଷ୍ୟତ ପିଢ଼ିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି, ଏକ ସୁସ୍ଥ ପରିବେଶ ପାଇଁ ପ୍ରକୃତିର ସୁରକ୍ଷା ଏବଂ ଜୈବ ବିବିଧତା ବିଷୟରେ ସଚେତନତା ସୃଷ୍ଟି କରିବା ଯାହା ମାନବ ଜାତିର ସମୃଦ୍ଧି ପାଇଁ ଜରୁରି। ଜୀବନ ଧାରଣ ପାଇଁ ଆବଶ୍ୟକୀୟ ସାଧାରଣ ସାମଗ୍ରୀ ଯଥା ଜଳ, ବାୟୁ, ମୃତ୍ତିକା, ଖଣିଜ ଦ୍ରବ୍ୟ, ଗଛ, ପଶୁପକ୍ଷୀ ଓ ଖାଦ୍ୟ ଆଦି ଯୋଗାଇଛି ଧରିତ୍ରୀ ମାତା। ହେଲେ କ୍ରମଶଃ ମନୁଷ୍ୟର ଆବଶ୍ୟକତା ପୂରଣ କରିବାକୁ ଯାଇ ଆରମ୍ଭ ହୋଇଥିବା ଔଦ୍ୟୋଗିକ ବିକାଶ ଓ ଆହୁରି ଅନେକ ମାନବିକ କାର୍ଯ୍ୟକଳାପ ପ୍ରକୃତିକୁ ନଷ୍ଟ କରିଦେଇଛି। ମଣିଷ ଯାହା ବି କରୁ ନା କାହିଁକି ସେ ଏହା ଭୁଲିବା କଥା ନୁହେଁ କି ଏହାର ପ୍ରତ୍ୟେକ କ୍ରିୟାର ପ୍ରଭାବ ପ୍ରକୃତି ଉପରେ ପଡିଥାଏ। ଏସବୁକୁ ନଜରରେ ରଖି ପ୍ରକୃତିର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ପ୍ରକୃତିର ଅସନ୍ତୁଳନ ଯୋଗୁଁ ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ, ବିଭିନ୍ନ ଅଜଣା ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ଦ୍ଧିତ ତାପମାତ୍ରା ଆଦି ସାଧାରଣ ଘଟଣାରେ ପରିଣତ ହୋଇଛି। ତେଣୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ଗଢ଼ିବାକୁ ହେଲେ ପ୍ରକୃତିକୁ ସୁରକ୍ଷା ଦେବା ଏକାନ୍ତ ଆବଶ୍ୟକ। ସୁସ୍ଥ ଓ ସ୍ଥିର ପରିବେଶ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ପରିବେଶ ବଞ୍ଚିଲେ ଜୀବନ ତିଷ୍ଠି ରହିବ। ଏଣୁ ମାନବଜାତିକୁ ପୃଥିବୀ ଓ ଏହାର ସମ୍ବଳର ଉପଯୁକ୍ତ ସଂରକ୍ଷଣ କରିବା ଦରକାର। ଜାଣତରେ ହେଉ ଅବା ଅଜାଣତରେ, ମଣିଷ ପ୍ରକୃତିକୁ ଦେଉଥିବା କଷ୍ଟକୁ ଅନୁତାପ କରିବାର ଆଜି ଦିନଟିଏ। ତେବେ କେବଳ ଯେ, ଏଥିପାଇଁ ପଶ୍ଚାତାପ କଲେ ହେବନି, ପ୍ରକୃତିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ବଢୁଥିବା ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି। ଏଣୁ ପୃଥିବୀ ସମେତ ପାଣି, ପବନ, ଖଣିଜ ପଦାର୍ଥ ଆଦିର ସୁବିନିଯୋଗ କରିବା ଦିଗରେ ସମସ୍ତଙ୍କୁ ସଚେତନ ରହିବା ଆବଶ୍ୟକ। ଏହିଦିନ ବୃକ୍ଷରୋପଣ, ଜଳ ଓ ବିଜୁଳି ଅପଚୟ କମ୍ କରିବା ଲାଗି ମଧ୍ୟ ବାର୍ତ୍ତା ଦିଆଯାଏ।

## ବିଶ୍ୱ ହେପାଟାଇଟିସ୍ ଦିବସ



ହେପାଟାଇଟିସ୍ ଏବଂ ଯକୃତ ସମ୍ବନ୍ଧୀୟ ରୋଗକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବେ ପାଳନ କରାଯାଏ। ହେପାଟାଇଟିସ୍ ଯକୃତ ସହିତ ଜଡ଼ିତ ଏକ ଗୁରୁତର ରୋଗ। ଏହି ଦିବସ ଭୂତାଣୁ ଜନିତ ହେପାଟାଇଟିସ୍ ଏବଂ ଏହାର ବିଭିନ୍ନ ଜଟିଳତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ। ହେପାଟାଇଟିସ୍ ଏମିତି ଏକ ସଂକ୍ରାମକ ରୋଗ ଯାହା ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତ ପ୍ରତି ବିପଦ ସୃଷ୍ଟି କରିଥାଏ। ହେପାଟାଇଟିସ୍ ସାଧାରଣତଃ ୫ ପ୍ରକାରର- ହେପାଟାଇଟିସ୍ ଏ, ବି, ସି, ଡି ଏବଂ ଇ। ତେବେ ହେପାଟାଇଟିସ୍ ବି ଓ ସି ସବୁଠୁ ବିପଜ୍ଜନକ। ଏ ଦୁଇ ହେପାଟାଇଟିସ୍ ଭାଇରସ୍ ଯକୃତକୁ ଗୁରୁତର ଭାବେ ପ୍ରଭାବିତ କରିଥାନ୍ତି। ୨୦୩୦ ସୁଦ୍ଧା ଜନସ୍ୱାସ୍ଥ୍ୟ ବିପଦ ଭାବରେ ଭାଇରାଲ ହେପାଟାଇଟିସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶକୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି। ବିଶ୍ୱ ହେପାଟାଇଟିସ୍ ଆଲାଏନ୍ସ ଅନୁସାରେ, ୯୦ ପ୍ରତିଶତ ହେପାଟାଇଟିସ୍ ବି ଓ ୮୦ ପ୍ରତିଶତ ଲୋକ ହେପାଟାଇଟିସ୍ ସି ଦ୍ୱାରା ସଂକ୍ରମିତ ହେଉଥିଲେ ମଧ୍ୟ ସେମାନେ ଯେ ରୋଗରେ ପୀଡ଼ିତ, ତାହା ଜାଣିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ହେପାଟାଇଟିସ୍ ପରବର୍ତ୍ତୀ ପର୍ଯ୍ୟାୟରେ ମାରାତ୍ମକ ହୋଇଥାଏ। କେହି କେହି ଯକୃତ କ୍ୟାନସର୍‌ରେ ବି ପୀଡ଼ିତ ହେବାର ଆଶଙ୍କା ରହିଥାଏ। ଏହି ରୋଗର ଲକ୍ଷଣ ଚିହ୍ନିବା କଷ୍ଟକର ହୋଇଥାଏ। ଜ୍ୱର, ଥକାପଣ, ପେଟ ଯନ୍ତ୍ରଣାରୁ ଏହି ରୋଗ ଆରମ୍ଭ ହୁଏ। ଧୀରେ ଧୀରେ ଏହାର ଲକ୍ଷଣ ବୃଦ୍ଧି ପାଇଥାଏ। ଏଥିରେ, ବ୍ୟକ୍ତିର ଚର୍ମ ଏବଂ ଆଖି ହଳଦିଆ ପଡ଼ିଯାଏ। ଓଜନ ହ୍ରାସ ଘଟେ। ହେପାଟାଇଟିସ୍ ବି ଏବଂ ସି ହେଲେ ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଦେଖାଯାଏ। ହେପାଟାଇଟିସ୍‌କୁ ପ୍ରତିହତ କରିବା ପାଇଁ ଟିକା ହେଉଛି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର। ଏହାବାଦ୍ ସୁସ୍ଥ ଖାଦ୍ୟ ଗ୍ରହଣ କରି ହେପାଟାଇଟିସ୍‌ରୁ ନିଜକୁ ରକ୍ଷା କରିହେବ। ଏହାସହ ମସଲାଯୁକ୍ତ, ଅଧିକ ଫ୍ରାଏଡ୍ ଏବଂ ଅପରିଷ୍କାର ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି ହେପାଟାଇଟିସ୍‌ର ଲକ୍ଷଣ ଦୃଶ୍ୟମାନ ହୁଏ, ତେବେ ଏହାକୁ ଅଣଦେଖା କରିବା ଅନୁଚିତ। ଲକ୍ଷଣ ଦେଖିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ସଚେତନତା ହିଁ ଏହି ରୋଗକୁ ଦୂରେଇ ଦିଆଯାଇ ପାରିବ।

## 'ରାମାୟଣ'ରେ ମରାଠୀ ଅଭିନେତାଙ୍କ ଏଣ୍ଟ୍ରି



ନୀତେଶ ତିୱାରୀଙ୍କ 'ରାମାୟଣ' ର ରିଲିଜ୍‌କୁ ଏବେ ସାରା ଦେଶ ଅପେକ୍ଷା କରିଛି। ଏଥିରେ ରଣବୀର କପୁର, ସାଇପଲ୍ଲବୀ, ଯଶ୍ ଲିଡ୍ ରୋଲରେ ନଜର ଆସିବେ। ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତା ରବି ଦୁବେ ଏଥିରେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ନିକଟରେ ଫିଲ୍ମ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଥିଲା। ଏଥିରୁ ଜଣାପଡୁଛି ଏହାର ପ୍ରଥମ ଭାଗର ସୁଟିଂ ଶେଷ ହୋଇଯାଇଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଅନେକ ଦିନରୁ ଏଥିରେ କିଏ ଭରତ ଭୂମିକାରେ ନଜର ଆସିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଏଥିରେ ମରାଠୀ ଫିଲ୍ମ ଅଭିନେତା ଆଦିନାଥ କୋଠାରେ ଭରତ ଭୂମିକାରେ ଦେଖାଯିବେ ବୋଲି ଫାଇନାଲ ହୋଇଯାଇଛି। ନିକଟରେ ଆଦିନାଥ ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ଆଦିନାଥ କହିଥିଲେ ଯେ, 'ଏହା ମୋ ପାଇଁ ଏକ ଆଶୀର୍ବାଦ। ଏହା ଭାରତରେ ନିର୍ମାଣ କରାଯାଉଥିବା ସବୁଠୁ ବଡ଼ ଫିଲ୍ମ। ଏଥିପାଇଁ ମୁଁ ମୁକେଶ ଛାବରା ସାର୍‌ଙ୍କ ନିକଟରେ ଋଣୀ। ସେ ମୋତେ କାଷ୍ଟ କରିଛନ୍ତି ଓ ନୀତେଶ ସାର୍ ମୋତେ ଭରତ ଭୂମିକା ପାଇଁ ବାଛିଛନ୍ତି। ମୋ ଉପରେ ବିଶ୍ୱାସ କରି ଏଭଳି ଏକ ଚରିତ୍ରର ଗୁରୁଦାୟିତ୍ୱ ନମିତ ମଲହୋତ୍ରା ସାର୍ ଦେଇଥିବାରୁ ମୁଁ ମଧ୍ୟ ତାଙ୍କ ନିକଟରେ ଋଣୀ।' ଏଠାରେ ପ୍ରକାଶ ଥାଉ କି, ଆଦିନାଥ ଜଣେ ଆଗଧାଡ଼ିର ମରାଠୀ ଫିଲ୍ମ ନିର୍ମାତା ଓ ଅଭିନେତା। ସେ ରଣବୀର ସିଂହଙ୍କ ଫିଲ୍ମ '୮୩' ଜରିଆରେ ବଲିଉଡ୍‌ରେ ପାଦ ରଖିଥିଲେ।

## ମହାଦେବଙ୍କ ପ୍ରିୟ ରାଶି

ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରିବାର ବିଶେଷ ମହତ୍ତ୍ୱ ଅଛି। ମହାଦେବଙ୍କ ଉପାସନା କରିବା ଦ୍ୱାରା ଜୀବନର ସମସ୍ତ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କିଛି ରାଶି ଏଭଳି ଅଛି, ଯାହାକି ମହାଦେବଙ୍କ ପ୍ରିୟ ହୋଇଥିବା ବେଳେ ସେମାନଙ୍କ ଉପରେ ଶିବଙ୍କ ବିଶେଷ କୃପାପ୍ରାପ୍ତି ଥାଏ ବୋଲି କୁହାଯାଏ।




**ମେଷ:** ଏହି ରାଶି ବ୍ୟକ୍ତିଙ୍କ ଉପରେ କୌଣସି ସମସ୍ୟା ଆସିଲେ, ଦେବ ଦେବ ମହାଦେବଙ୍କ ଆରାଧନା କରିବା ଆବଶ୍ୟକ। ମେଷ ରାଶି ବ୍ୟକ୍ତିବିଶେଷଙ୍କୁ ଶ୍ରାବଣ ମାସରେ ସବୁଦିନ ଶିବଲିଙ୍ଗ ଉପରେ ଜଳଲାଗି କରିବା ଉଚିତ।

**ମକର:** ମକର ମଧ୍ୟ ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଏହି ରାଶିର ଲୋକେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଶିବଲିଙ୍ଗ ଉପରେ ଜଳ ଏବଂ ଶମି ପତ୍ର ଚଢ଼ାଇବା ଶୁଭଙ୍କର। ଏହାସହ ଶିବ ଚାଳିଶା ମଧ୍ୟ ପାଠ କରିବା ଉଚିତ।

**କୁମ୍ଭ:** ଏହି ରାଶି ଉପରେ ମଧ୍ୟ ଶିବଙ୍କ କୃପା ସଦା ବଜାୟ ରହେ ବୋଲି କୁହାଯାଏ। ଏହି ରାଶିର ସ୍ୱାମୀ ଶନି ଦେବ ହୋଇଥିବାରୁ ଏହା ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଭଗବାନ ଶିବଙ୍କ ରୁଦ୍ରାଭିଷେକ କରିବା ସହ ଶିବଲିଙ୍ଗରେ ଆଖୁ ରସ ଚଢ଼ାଇବା ଶୁଭ।

**ମୀନ:** ମୀନ ରାଶି ଲୋକଙ୍କ ମଧ୍ୟରେ ଦିବ୍ୟ ଚେତନା ଗୁଣ ଅଛି। ଏହି କାରଣ ଯୋଗୁଁ ଉକ୍ତ ରାଶି ଲୋକଙ୍କ ଉପରେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ଥାଏ। ଶ୍ରାବଣ ମାସରେ ମୀନ ରାଶିର ବ୍ୟକ୍ତିମାନେ ଶିବଙ୍କ ବିଶେଷ ପୂଜାର୍ଚ୍ଚନା କରିବା ଉଚିତ। ଏହାଦ୍ୱାରା ଜୀବନରେ କୌଣସି ସମସ୍ୟା ସାମ୍ନା କରିବାକୁ ପଡ଼ି ନ ଥାଏ।





## ଶ୍ରାବଣରେ ରୁଦ୍ରାଭିଷେକ



ଭଗବାନ ଶିବଙ୍କୁ ପ୍ରସନ୍ନ କରିବାର ସବୁଠୁ ପ୍ରଭାବୀ ଉପାୟ ହେଉଛି ରୁଦ୍ରାଭିଷେକ। ତେବେ ଶ୍ରାବଣ ମାସରେ ରୁଦ୍ରାଭିଷେକ କରିବାର ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣମାସର ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ତେବେ ଶ୍ରାବଣ ଶିବରାତ୍ରୀ, ଶ୍ରାବଣ ସୋମବାରରେ ରୁଦ୍ରାଭିଷେକ କଲେ ଅନେକ ପରିବର୍ତ୍ତନ ଜୀବନରେ ଦେଖିବାକୁ ମିଳିଥାଏ। ରୁଦ୍ରାଭିଷେକ ଦ୍ୱାରା ରାହୁ, କେତୁ, ଶନି ଗ୍ରହ ଶାନ୍ତ ହୋଇଥାନ୍ତି। ଏହାଦ୍ୱାରା କାଳସର୍ପ ଦୋଷରୁ ମଧ୍ୟ ମୁକ୍ତି ମିଳିଥାଏ।

## ଘରେ କଳା ରଙ୍ଗ ଟାଇଲ୍ ଲଗାଇଥିଲେ...

ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ଟାଇଲ ଲଗାଇବା ସମୟରେ ଏହାର ରଙ୍ଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭୁଲ୍ ରଙ୍ଗର ଟାଇଲ୍ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଘରେ କେଉଁ ରଙ୍ଗ ଟାଇଲ୍ ଲଗାଇବା ଅନୁଚିତ, ସେ ସମ୍ପର୍କରେ ଜାଣିବା।

- ଘରେ କଳା ରଙ୍ଗ ଟାଇଲ୍ ଆଦୌ ବ୍ୟବହାର କରନ୍ତୁ ନାହିଁ। କଳା ରଙ୍ଗ ନକାରାତ୍ମକର ପ୍ରତୀକ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଅଧିକ ରହେ।
- ଯେଉଁ ଘରେ କଳା ରଙ୍ଗ ଟାଇଲ୍ ଉପଯୋଗ କରାଯାଏ, ସେଠାରେ ରାହୁର ପ୍ରଭାବ ଅଧିକ ରହେ। ରାହୁ କ୍ରୂର ଗ୍ରହ ହୋଇଥିବାରୁ ଜୀବନରେ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡ଼େ।
- କଳା ରଙ୍ଗ ଟାଇଲ୍ ବ୍ୟବହାର ଦ୍ୱାରା ରାହୁ ଗ୍ରହ ସକ୍ରିୟ ହୁଏ। ଫଳରେ ପରିବାର ସଦସ୍ୟଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ।
- ଯେଉଁ ଘରେ ରାହୁଙ୍କ ପ୍ରଭାବ ଅଧିକ ଥାଏ, ପ୍ରେମ ଜୀବନ ସୁଖମୟ ହୋଇ ନ ଥାଏ। ଛୋଟ ଛୋଟ କଥାରେ ବିବାଦ ଦେଖା ଦିଏ।
- ଘରେ ସବୁବେଳେ ଧଳା, ଗୋଲାପି, ଆକାଶୀ ରଙ୍ଗ ଟାଇଲ ଲଗାଇବା ଉଚିତ। ଏହି ରଙ୍ଗ ଘରର ବାସ୍ତୁ ଉପରେ ସକାରାତ୍ମକ ପ୍ରଭାବ ପକାଏ। ତା'ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।



## ସ୍ୱପ୍ନ ସୂଚାଏ ଧନହାନି

ସ୍ୱପ୍ନ ସମସ୍ତେ ଦେଖନ୍ତି। କିଛି ସ୍ୱପ୍ନ ଉତ୍ତମ ଭବିଷ୍ୟତକୁ ଇଙ୍ଗିତ କରୁଥିବା ବେଳେ ଆଉ କିଛି ଅସୁବିଧାକୁ ଦର୍ଶାଏ। ସେହିପରି ସ୍ୱପ୍ନ ଜ୍ୟୋତିଷ ଅନୁସାରେ କିଛି ସ୍ୱପ୍ନ ଧନ ହାନି ଦିଗକୁ ମଧ୍ୟ ସୂଚାଏ।

- ସ୍ୱପ୍ନରେ ନିଜେ ନିଜ ଆସବାବପତ୍ରକୁ ଭଙ୍ଗାଭଙ୍ଗି କରୁଥିବା ଦେଖିଲେ, ଶୀଘ୍ର ଆର୍ଥିକ ସଙ୍କଟ ଦିଗକୁ ଇଙ୍ଗିତ କରେ।
- ନିଜକୁ ଦେବାଳିଆ ଘୋଷଣା କରୁଥିବା ସ୍ୱପ୍ନ ଦେଖିଲେ ବ୍ୟବସାୟ ବାଧପ୍ରାପ୍ତ ହୁଏ।
- ସ୍ୱପ୍ନରେ ପେଚା ଦେଖିବାର ଅର୍ଥ ଧନହାନି ହେବା। ଏହାବାଦ୍ ଅନ୍ୟାନ୍ୟ କଷ୍ଟକୁ ବି ସାମ୍ନା କରିବାକୁ ପଡ଼ିଥାଏ।
- କୌଣସି ଧନୀ ବ୍ୟକ୍ତି ସ୍ୱପ୍ନରେ ପକ୍ଷୀ କ୍ରନ୍ଦନ କରୁଥିବା ଦେଖିଲେ, ଏଥିରୁ ଶୀଘ୍ର ଅର୍ଥ ସଙ୍କଟ ଦେଖାଦେବାର ସୂଚନା ମିଳେ। ଏହା ଦ୍ୱାରା ଧନ, ବୈଭବ, ଐଶ୍ୱର୍ଯ୍ୟ ଆଦି ସବୁ ନଷ୍ଟ ହୋଇଥାଏ।






### ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟରେ ରୋମାଞ୍ଚ

# ସୁନ୍ଦର, ଜାଡେଜାଙ୍କ ଲଢୁଆ ବ୍ୟାଟିଂ

ଓଲ୍ଡ ଟ୍ରାଫୋର୍ଡ, ୨୭।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ବ୍ୟାଟ୍ ବଲ୍‌ର ଲଢ଼େଇ ମଧ୍ୟରେ ଏଠାରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ରୋମାଞ୍ଚକ ପରିସମାପ୍ତି ଅଭିମୁଖେ ଅଗ୍ରସର ହୋଇଛି। ଏହି ଟେଷ୍ଟର ଚତୁର୍ଥ ଦିନରେ ଇଂଲଣ୍ଡର ପ୍ରଥମ ପାଳି ୬୬୯ ରନ୍‌ରେ ଶେଷ ହୋଇଥିଲା। ୩୧୧ ରନ୍ ପଛୁଆ ଥାଇ ଦ୍ୱିତୀୟ ଇନିଂସ ଖେଳିଥିବା ଭାରତ ମ୍ୟାଚ୍‌ର ପଞ୍ଚମ ତଥା ଶେଷ ଦିନ ଚା' ପାନ ବିରତି ବେଳକୁ ୪ ୱିକେଟରେ ୩୨୨ ରନ୍ କରି ଇନିଂସ ପରାଜୟ ଏଡାଇବାକୁ ସମର୍ଥ ହୋଇଛି। ଏହି ସମୟରେ ୱାଶିଂଟନ ସୁନ୍ଦର (ବ୍ୟାଟିଂ-୫୮) ଓ ରବୀନ୍ଦ୍ର ଜାଡେଜା (ବ୍ୟାଟିଂ-୫୩)ଙ୍କ ମଧ୍ୟରେ ଅବିଭକ୍ତ ୫ମ ୱିକେଟରୁ ଠିକ୍ ୧୦୦ ରନ୍ ସଂଗ୍ରହ କରି ଭାରତକୁ ବିପଦ ମୁକ୍ତ କରିବାକୁ ସମସ୍ତ ପ୍ରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଗତକାଲିର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ୯୦ ଓ ଅଧିନାୟକ ଗିଲ୍ ଶତକ ହାସଲ କରିବା ପରେ ୧୦୩ ରନ୍‌ରେ ଆଉଟ ହୋଇଛନ୍ତି। ଏହି ଦୁଇ ବ୍ୟାଟରଙ୍କ ଯୋଗୁଁ ଭାରତ ମ୍ୟାଚ୍ ବଞ୍ଚାଇବାକୁ ଉଦ୍ୟମ ଅବ୍ୟାହତ ରଖିଛି। ଚଳିତ ସିରିଜ୍‌ରେ ପ୍ରଥମଥର ନେତୃତ୍ୱ ନେଇଥିବା ଗିଲ୍ ୪ର୍ଥ ଶତକ ସହ ୭୨୨ ରନ୍ ସଂଗ୍ରହ କରି ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ଟେଷ୍ଟ ସିରିଜ୍‌ରେ ଅଗ୍ରଣୀ ରହିଛି। ସିରିଜ୍‌ର ୫ମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ। ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୧୭୪ ରନ୍‌ରୁ ଖେଳ ଆରମ୍ଭ କରି ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ରାହୁଲ ଓ ଗିଲ ଭଲ ଖେଳିବା ସହ ସ୍କୋରକୁ ଆଗକୁ ନେଇଥିଲେ। କିନ୍ତୁ ବେନ୍ ଷ୍ଟୋକ୍ସଙ୍କ ଏକ ବଲରେ ବିଟ୍ ହୋଇ ରାହୁଲ ଏଲବିଡବ୍ଲ୍ୟୁ ହେବା ଫଳରେ ଏହି ଯୋଡି ଭାଙ୍ଗିଯାଇଥିଲା। ଏମାନେ ତୃତୀୟ ୱିକେଟ ଯୋଡିରେ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୪୧୭ଟି ବଲ୍‌ର ସାମ୍ନା କରି ୧୮୮ ରନ୍ ଉଠାଇଥିଲେ। ଏମାନଙ୍କ ପାର୍ଟନରସିପ୍ ଯୋଗୁଁ ଦଳ ମ୍ୟାଚ୍ ବଞ୍ଚାଇବାକୁ ଜୋରଦାର ଉଦ୍ୟମ କରିଥିଲା। ରାହୁଲ ୨୩୦ ବଲ୍ ଖେଳି ମାତ୍ର ୮ ଚୌକା ସହ ୯୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଅଧିନାୟକ ଗିଲ୍‌ଙ୍କ ଚାପ ବଢ଼ିଯାଇଥିଲା। ଫଳରେ ସେ ୯୦ ରନ୍‌ରୁ ୧୦୦ରେ ପହଞ୍ଚିବା ଲାଗି ୩୬ଟି ବଲ୍‌ର ସହାୟତା ନେଇଥିଲେ। ସେ ୧୦୩ ରନ୍ କରିବା ପରେ ଜୋଫ୍ରା ଆର୍ଚରଙ୍କ ଦ୍ରୁତତମ ବଲ୍‌ରେ କଟ୍ ବିହାଇଣ୍ଡ ହୋଇଯାଇଥିଲେ। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଗିଲ୍‌ଙ୍କର ଏହା ଥିଲା ଚତୁର୍ଥ ତଥା ଟେଷ୍ଟ କ୍ୟାରିୟରରେ ୯ମ ଶତକ। ଏହି ସିରିଜ୍‌ରେ ସେ ୭୨୨ ରନ୍ କରି ଜଣେ ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।




ଲଞ୍ଚ୍ ପୂର୍ବରୁ ଗିଲ୍ ଆଉଟ ହୋଇଥିଲାବେଳେ ଇଂଲଣ୍ଡ ଖେଳାଳି ମ୍ୟାଚ୍ ଜିତିଲାଭଳି ପଡ଼ିଆରେ ପ୍ରଦର୍ଶନ କରିଥିଲେ। କିନ୍ତୁ ବ୍ୟାଟିଂ ଅର୍ଡରରେ ପ୍ରମୋସନ ପାଇଥିବା ୱାଶିଂଟନ ସୁନ୍ଦର ଓ ଗିଲଙ୍କ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ରବୀନ୍ଦ୍ର ଜାଡେଜା ନିଜର ଦମ୍ ଦେଖାଇ ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ରବିବାର ଚା ପାନ ବିରତି ସୁଦ୍ଧା ଉଭୟ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ସହ ଅପରାଜିତ ରହିଥିଲେ। ଏହା ଫଳରେ ଭାରତ ମ୍ୟାଚ୍ ବଞ୍ଚାଇବାକୁ ସାହସ ଜୁଟାଇପାରିଥିଲା। ଇଂଲଣ୍ଡ ପକ୍ଷରୁ ଭାରତ ଦ୍ୱିତୀୟ ଇନିଂସର ପ୍ରଥମ ଓଭରରେ କ୍ରିସ୍ ଓକ୍ସ ୨ଟି, ଆଜି ୫ମ ଦିନରେ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।
**ଇଂଲଣ୍ଡ ପ୍ରଥମ ଇନିଂସ:** ୬୬୯ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍ରା-୨/୧୧୨)।
**ଭାରତ ଦ୍ୱିତୀୟ ଇନିଂସ:** ୩୨୨/୪, ୧୧୮ ଓଭର (ୱାଶିଂଟନ ସୁନ୍ଦର-ବ୍ୟାଟିଂ-୫୮, ରବୀନ୍ଦ୍ର ଜାଡେଜା-ବ୍ୟାଟିଂ-୫୩, ଶୁବମନ ଗିଲ-୧୦୩, ଲୋକେଶ ରାହୁଲ-୯୦, କ୍ରିସ୍ ଓକ୍ସ-୨/୫୬, ବେନ୍ ଷ୍ଟୋକ୍ସ-୧/୩୪, ଜୋଫ୍ରା ଆର୍ଚର-୧/୭୪)।

## ରେକର୍ଡ କଲେ ଗିଲ୍; ନେତୃତ୍ୱ ପଦାର୍ପଣରେ ସର୍ବାଧିକ ଶତକ

ଓଲ୍ଡ ଟ୍ରାଫୋର୍ଡ,୨୭।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ପ୍ରଥମଥର ନେତୃତ୍ୱ ନେଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପଦାର୍ପଣ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଶତକ ହାସଲ କରିଛନ୍ତି। ଏହା ଫଳରେ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବାଧିକ ଶତକ ହାସଲ କରିବାରେ ବିଶ୍ୱରେ ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ୪ଜଣ ଅଧିନାୟକ ୱାର୍ୱିକ୍ ଆର୍ମଷ୍ଟ୍ରଙ୍ଗ୍, ଡନ୍ ବ୍ରାଡ୍‌ମ୍ୟାନ୍, ଗ୍ରେଗ୍ ଚାପେଲ ଓ ଷ୍ଟିଭେନ ସ୍ମିଥ୍, ଭାରତର ବିରାଟ କୋହଲି ସେମାନଙ୍କ ନେତୃତ୍ୱ ପଦାର୍ପଣରେ ୩ଟି ଲେଖାଏଁ ଶତକ ହାସଲ କରିଥିଲେ। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଲେଖାଏଁ ଶତକ ହାସଲ କରିବାରେ ସେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ (ବନାମ ଭାରତ) ଓ ଭାରତର ସୁନୀଲ ଗାଭାସ୍କର (ବନାମ ୱେଷ୍ଟଇଣ୍ଡିଜ୍)ଙ୍କ ସହ ସମକକ୍ଷ ହୋଇଛନ୍ତି। ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଶତକ ହାସଲ କରିବାରେ ସୁନୀଲ ଗାଭାସ୍କର (୨ଥର) ଓ ବିରାଟ କୋହଲିଙ୍କ ପରେ ତୃତୀୟ ଖେଳାଳି।



ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୧୦୩ ରନ୍ କରିବା ଫଳରେ ଏହି ସିରିଜ୍‌ରେ ଗୋଟିଏ ଟେଷ୍ଟ ବାକିଥାଇ ୭୨୨ ରନ୍‌ରେ ପହଞ୍ଚି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ଗୋଟିଏ ଦ୍ୱିଶତକ ସହ ୪ଟି ଶତକ ରହିଛି। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ସର୍ବାଧିକ ୮୧୦ ରନ୍ କରିଛନ୍ତି।

ଭାରତର ଦ୍ୱିତୀୟ ଇନିଂସରେ ରାହୁଲ ଓ ଗିଲ୍ ସେମାନଙ୍କ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ୪୧୭ ବଲ୍ ଖେଳିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଭାରତ ଖେଳିଥିବା ଟେଷ୍ଟରେ ପାର୍ଟନରସିପ୍‌ରେ ଏହା ସର୍ବାଧିକ ବଲ୍। ପୂର୍ବରୁ ୨୦୦୨ରେ ହେଡିଂଲେରେ ଐତିହାସିକ ବିଜୟରେ ରାହୁଲ ଦ୍ରାବିଡ୍ ଓ ସଞ୍ଜୟ ବାଙ୍ଗର ପାର୍ଟନରସିପ୍‌ରେ ୪୦୫, ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି ୩୫୬ଟି ବଲ୍ ଖେଳିଥିଲେ।

## ୩୯ ବଲ୍‌ରେ ଡି ଭିଲର୍ସଙ୍କ ଶତକ

ହେଡିଂଲୀ, ୨୭।୭ (ଏଜେନ୍ସି): ଅବସରପ୍ରାପ୍ତ କ୍ରିକେଟରଙ୍କୁ ନେଇ ଇଂଲଣ୍ଡରେ ଚାଲିଥିବା ୱାର୍ଲ୍ଡ ଚାମ୍ପିଅନ୍ସ ଅଫ୍ ଲିଜେଣ୍ଡ ଟୁର୍ଣ୍ଣାମେଣ୍ଟରେ ଏବି ଡି ଭିଲର୍ସ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ରବିବାର ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସର ଡି ଭିଲର୍ସ ୩୯ ବଲରେ ଶତକ ପୂରଣ କରିଛନ୍ତି। ଏହି ମ୍ୟାଚରେ ସେ ୪୬ ବଲ୍ ଖେଳି ୧୫ ଚୌକା ଓ ୮ ଛକା ସହ ୧୨୩ ରନରେ ଆଉଟ୍ ହୋଇଥିଲେ। ସେ ଗୁରୁବାର ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ୪୧ ବଲରେ ଶତକ ହାସଲ କରିଥିଲେ।

## ଅଷ୍ଟ୍ରେଲିଆର ରେକର୍ଡ ରନ ଚେଜ୍

ସେଣ୍ଟ କିଟ୍ସ, ୨୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅଷ୍ଟ୍ରେଲିଆ କ୍ରମାଗତ ୪ର୍ଥ ଟି-୨୦ ମ୍ୟାଚ୍ ଜିତିଛି। ରବିବାର ଅନୁଷ୍ଠିତ ୪ର୍ଥ ଟି-୨୦ରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ କରି ୯ ୱିକେଟ୍‌ରେ ୨୦୫ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଏଥିସହ ଅଷ୍ଟ୍ରେଲିଆ ୪-୦ରେ ସିରିଜ ଅଗ୍ରଣୀ ରହିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ଟି-୨୦ରେ ରେକର୍ଡ ୭ମଥର ଲାଗି ୨୦୦ରୁ ଊର୍ଦ୍ଧ୍ୱ ରନକୁ ଚେଜ୍ କରିଛି।

## ସାହାଣୀ କପ୍ | ଫାଇନାଲରେ କଟକ-ସମ୍ବଲପୁର



କଟକ,୨୭।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲରେ କଟକ ଓ ସମ୍ବଲପୁର ଦଳ ଭେଟ ହେବେ। ଦ୍ୱିତୀୟ ସେମିଫାଇନାଲରେ ରବିବାର କୋରାପୁଟକୁ ପରାସ୍ତ କରି ସମ୍ବଲପୁର ଫାଇନାଲରେ ପ୍ରବେଶ କରିଥିଲା। ସମ୍ବଲପୁର ଟାଇବ୍ରେକର୍‌ରେ ୧(୫)-୧(୪) ଗୋଲରେ ବିଜୟୀ ହୋଇଥିଲା। କଟକ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଛି। କଟକ ଓ ସମ୍ବଲପୁର ଭିତରେ ଦୁଇଟି ଫାଇନାଲ ମ୍ୟାଚ୍ ଖେଳାଯିବ। ୧ ତାରିଖରେ ବୌଦ୍ଧରେ ଏବଂ ୩ ତାରିଖରେ କେନ୍ଦୁଝରରେ ଫାଇନାଲ ମୁକାବିଲା ହେବ।

## ରାଜ୍ୟ ସ୍କୁଲ ଓପନ ଚେସ୍ | ଆଦ୍ୟ ଅଦ୍ୱିତ୍, ସାଇ ସ୍ୱାଗତ ଚାମ୍ପିଅନ



ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ସ୍କୁଲର ଦ୍ୱିତୀୟ କ୍ୟାମ୍ପସରେ ଆଜି ଅନୁଷ୍ଠିତ ହୋଇଛି। ଦୁଇଟି ବିଭାଗ ଯଥା ମିନି ଓ ସବଜୁନିଅର କାଟାଗୋରୀରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ମିନିରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟ ଅଦ୍ୱିତ୍ ଦାସ ଚାମ୍ପିଅନ ପୋଖରୀପୁଟ ଡିଏଭି ସ୍କୁଲ୍‌ର ସାଇ ସ୍ୱାଗତ ପରିଜା ରନର୍ସ ଅପ୍ ହୋଇଥିଲେ। ଚନ୍ଦ୍ରଶେଖରପୁର ଡିଏଭିର ମୟଙ୍କ ବରାଳ ତୃତୀୟ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ମହାନ୍ତି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜ୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ସ୍ୱାଗତ ପଣ୍ଡା ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍ ହୋଇଛନ୍ତି। ଭୁବନେଶ୍ୱର ଏପିଜେର ପ୍ରାଂଶୁ ଦାଶ ତୃତୀୟ ଓ ଜଟଣୀ ପୂର୍ବତଟ ରେଳବାଇ ଏମ୍ଏଚ୍ଏସ୍ ସ୍କୁଲ୍‌ର ହିମାଂଶୁ ଶେଖର ସାହୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ବିଜେଇଏମ୍ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ଉଦ୍‌ଘାଟନ କରିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ଦୀପରଞ୍ଜନଙ୍କୁ କାଂସ୍ୟ ପଦକ

ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶାର ଦୀପରଞ୍ଜନ ବିଶୋଇ ୱେଲ୍ସର କାର୍ଡିଫ୍‌ଠାରେ ଅନୁଷ୍ଠିତ ବ୍ରିଟିଶ ଆଣ୍ଡ ଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।



ପୁରୁଷ ଯୁଗଳ ଏସଏଲ୩-ଏସ୍ଏଲ୍୪ କାଟାଗୋରୀରେ ଓଡ଼ିଶାର ଦୀପରଞ୍ଜନ ଓ ଉତ୍ତରାଖଣ୍ଡର ମନୋଜ ସରକାର ସେମିଫାଇନାଲରେ ପରାଜିତ ହୋଇଥିଲେ। ଫଳରେ ଉଭୟଙ୍କୁ କାଂସ୍ୟ ପଦକ ମିଳିଥିଲା। ଏହି ଲେଭଲ-୧ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ସଫଳତା ହାସଲ କରିଥିବାରୁ ଦୀପରଞ୍ଜନ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ପାରା ସ୍ପୋର୍ଟ୍ସ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି।

### ଗ୍ରୀନ୍ ବେଜ୍ କ୍ଲାସିକ ସ୍ନୁକର

## ରୁମିତ ଓ ମିଶାଲ ମୁଖ୍ୟ ଡ୍ର'ରେ

ଭୁବନେଶ୍ୱର, ୨୭।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଷ୍ଟେଜ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପର ମୁଖ୍ୟ ଡ୍ର'ରେ କିଏ ଖେଳିବେ ତାହା ସ୍ଥିର ହୋଇଯାଇଛି।



ଉଦୀୟମାନ ଖେଳାଳି ରୁମିତ ଗୁପ୍ତା ଓ ମିଶାଲ ସ୍ୱାଇଁଙ୍କ ସମେତ ୧୬ଜଣ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଡବଲ ବିଜୟ ହାସଲ କରି ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଚେତନ ଆନନ୍ଦ, ଜ୍ଞାନ ଦାସ, ନିଶି ପ୍ରକାଶ ଦାସ୍, ଅମିତ ସିଂ, ସତ୍ୟଦୀପ ଦାସ, ଜିତେନ ଷଡଙ୍ଗୀ, ଜାକିର ଅଲି ଖାନ୍, ରାହୁଲ ହାଲି, ବରୁଣ ପୂର୍ବା, ପ୍ରକାଶ ସାହୁ, ପି. ଗୋବିନ୍ଦ ରାଓ ଓ ଅଲତାଫ ଅଲି। ଆସନ୍ତାକାଲିଠାରୁ ମୁଖ୍ୟ ଡ୍ର ଖେଳ ଆରମ୍ଭ ହେବ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତକୁ ୧୨ ପଦକ

ଭୁବନେଶ୍ୱର, ୨୭।୭ (ସମିସ):

ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଭାରତୀୟ ଦଳ ୧୨ ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨ ସ୍ୱର୍ଣ୍ଣ ଏବଂ ୫ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ପଦକ ତାଲିକାରେ ଭାରତ ୨୦ତମ ସ୍ଥାନରେ ରହିଛି। ତୀରନ୍ଦାଜୀରେ ସବୁଠୁ ସଫଳ ପ୍ରଦର୍ଶନ କରି ଭାରତ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଗୋଟିଏ କାଂସ୍ୟ ପଦକ ଜିତିଥିଲା। ଏହାପରେ ଆଥ୍‌ଲେଟିକ୍ସରେ ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଆସିଥିଲା। ଉଦ୍‌ଯାପନୀ ଦିବସରେ ଭାରତ ୫ଟି ପଦକ ଜିତିଥିବାବେଳେ ସମସ୍ତ କ୍ରୀଡ଼ାବିତ୍ କିଟ୍ ବିଶ୍ୱବିଦ୍ୟାଳୟର ରହିଥିଲେ। ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ୍, ୩୦୦୦ ମିଟର ବାଧାଦୌଡ଼ରେ ଅଙ୍କିତା ଓ ମହିଳା ୫୦୦୦ ମିଟରରେ ସୀମା ରୌପ୍ୟ ପଦକ ଏବଂ ୨୦ କିମି ଚାଲି ଟିମ୍ ଇଭେଣ୍ଟ ଓ ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ରିଲେ ଦଳରେ ଓଡ଼ିଶାର ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ଜୟରାମ ଦଣ୍ଡପତି ସଦସ୍ୟ ରହିଥିଲେ। ପଦକ ବିଜୟୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ମେଗା ଇଭେଣ୍ଟରେ ଭାରତରୁ ୩୦୦ ଆଥ୍‌ଲେଟ୍ ଭାଗନେଇଥିବାବେଳେ ସେଥିରେ କିଟ୍‌ର ୪୦ଜଣ ଏବଂ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ରହିଥିଲେ।









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS